ଟଙ୍କାର ଅବମୂଲ୍ୟାୟନ ଅପେକ୍ଷା ମାତ୍ରାଧିକ ତୈଳଦର ବୃଦ୍ଧି ସାଧାରଣ ଲୋକଙ୍କୁ ଖୁବ୍ ବାଧୁଛି। ତୈଳଦର ବୃଦ୍ଧି ଯୋଗୁ ଅନ୍ୟାନ୍ୟ ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଉଛି। ଏହି ଦରଦାମ୍ ବୃଦ୍ଧି ମୁଦ୍ରାସ୍ଫୀତିକୁ ତ୍ୱରାନ୍ୱିତ କରିବ। ମୁଦ୍ରାସ୍ଫୀତି ବଢ଼ିବା ଦେଖି ରିଜର୍ଭ ବ୍ୟାଙ୍କ ସୁଧହାର ବୃଦ୍ଧି କରିବାକୁ ବାଧ୍ୟହେବ, ଯାହା ଭାରତୀୟ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଭିଶାପ। ଏ ସରକାରର ପ୍ରଥମ ତିନିବର୍ଷରେ, ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର କମୁଥିଲା, ସେତେବେଳେ ତା'ର ଲାଭ ଲୋକଙ୍କୁ ନ ଦେଇ ସରକାର ନିଜର ପାଣ୍ଠି ବୃଦ୍ଧି କରିଥିଲେ। ଏବେ ଦରଦାମ୍ ବୃଦ୍ଧି ସହ ଅଗଷ୍ଟ ମାସ ଓ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ମାତ୍ରାଧିକ ବର୍ଷା ହେବା ଫଳରେ ବିଭିନ୍ନ ରାଜ୍ୟରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ଏଭଳି ସମୟରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ବୁଧବାର ପେଟ୍ରୋଲ ଓ ଡିଜେଲ ଦର କମାଇବା ପାଇଁ ଉତ୍ପାଦନ ଶୁଳ୍କ ହ୍ରାସ କରିବାକୁ ରୋକ୍‌ଠୋକ୍ ମନା କରିଦେବା ଦୁର୍ଭାଗ୍ୟଜନକ। ବର୍ତ୍ତମାନ ପେଟ୍ରୋଲ ଓ ଡିଜେଲର ଖୁଚୁରା ଦରର ପ୍ରାୟ ଅଧା ହେଉଛି କେନ୍ଦ୍ର ଓ ରାଜ୍ୟ ଟିକସ। ଟଙ୍କାର ଅବମୂଲ୍ୟାୟନ ସହ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଅଗଷ୍ଟ ମଧ୍ୟଭାଗରୁ ଖୁଚୁରା ତୈଳ ଦର ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି। ଯଦି ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଏହିପରି କମିବାରେ ଲାଗେ ତେବେ ପେଟ୍ରୋଲ ଓ ଡିଜେଲ ଦର ଆହୁରି ବୃଦ୍ଧି ପାଇବ। ତେଣୁ ସରକାର ଏବେ ଟାଳଟୁଳ ନୀତି ଛାଡ଼ି ତୁରନ୍ତ ପଦକ୍ଷେପ ନେବା ଉଚିତ। ସରକାର ଟଙ୍କାର ଅବମୂଲ୍ୟାୟନ ରୋକିବା ଲାଗି ବିହିତ ପଦକ୍ଷେପ ନେବା ସହ ଖୁଚୁରା ବଜାରରେ ତୈଳଦର ହ୍ରାସ କରିବା ଲାଗି ଉତ୍ପାଦନ ଶୁଳ୍କ କମାଇବା ଦରକାର। ସାଧାରଣ ନିର୍ବାଚନ ଆଉ ବର୍ଷକରୁ କମ୍ ଥିବା ବେଳେ ସରକାର ଏ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରିବା ଆଶ୍ଚର୍ଯ୍ୟଜନକ।

## ଚିରନ୍ତନୀ

ଏତିକି ଖାଲି ରହିଛି ଆସ
ତୁମେ ଯେ ମୋର ଜୀବନେ ରାସ!
ହତାଶ ଗାଥା ଶୁଣାଇବାକୁ
କବିର ତୁମେ ଚିର ନିବାସ। (କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | D | | 7 | | | 6 | | A | 5 | 2 | | |
| 9 | | | | B | | | | 4 | 6 | | E | | | |
| | 8 | | | | 4 | | 1 | | | | C | | | 3 |
| | 2 | 5 | | E | | B | | | | | | | | 6 |
| | | | | | | D | | | | 8 | 0 | | | 4 |
| C | | | 7 | | | 2 | E | | | | 1 | | | 0 |
| | 9 | | 6 | | 2 | | | | | | | 8 | 7 | |
| | D | | | 8 | | | | | E | 4 | 7 | | | |
| | | | 3 | | 9 | | | 7 | 8 | | | | 5 | B |
| | | | 5 | 0 | | | | | | 3 | | | D | |
| | | | | 9 | | | | | 7 | | 8 | 3 | | |
| | | 0 | B | 3 | | | 2 | | 4 | 5 | | 9 | | |
| | B | | 2 | | | | 0 | | | D | | 4 | | |
| 1 | | | E | | | | B | | | 9 | | | | C |
| 6 | | 4 | | | 8 | | 9 | D | | | | A | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | E | 1 | 9 | A | 2 | 0 | D | 8 | C | B | 3 | 5 | 7 | 6 |
| 5 | 3 | D | B | 7 | C | 6 | 1 | 9 | A | 4 | 0 | 2 | 8 | E |
| 8 | C | 2 | 3 | 6 | 4 | B | A | 5 | 1 | 7 | E | 0 | D | 9 |
| 9 | A | 6 | D | E | 0 | 7 | 3 | C | 5 | 2 | 8 | 1 | B | 4 |
| 0 | 7 | B | 8 | 5 | 1 | E | 2 | 4 | 6 | D | 9 | C | 3 | A |
| B | 1 | 4 | A | C | E | 9 | 8 | D | 2 | 3 | 6 | 7 | 0 | 5 |
| 6 | 0 | 9 | 4 | 3 | 7 | A | C | 1 | E | 5 | B | D | 2 | 8 |
| E | 2 | A | 5 | 8 | D | 3 | 6 | 7 | 0 | C | 1 | 4 | 9 | B |
| 7 | 5 | C | 2 | 0 | 6 | 4 | B | E | 9 | 8 | D | 3 | A | 1 |
| 3 | D | 8 | 1 | 9 | B | 5 | 0 | 2 | 4 | A | 7 | E | 6 | C |
| A | 6 | E | 0 | 4 | 3 | 8 | 5 | B | 7 | 1 | 2 | 9 | C | D |
| C | 9 | 0 | 6 | 1 | 8 | D | 7 | A | 3 | E | 4 | B | 5 | 2 |
| 1 | 4 | 5 | 7 | B | A | 2 | 9 | 6 | D | 0 | C | 8 | E | 3 |
| D | 8 | 7 | E | 2 | 9 | C | 4 | 3 | B | 6 | 5 | A | 1 | 0 |
| 2 | B | 3 | C | D | 5 | 1 | E | 0 | 8 | 9 | A | 6 | 4 | 7 |

ଗତକାଲିର ଉତ୍ତର



# ଏମ୍ଏସ୍‌ପି ଓ ଚାଷୀ ଆତ୍ମହତ୍ୟା

ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଆଜି ଦେଶରେ ପ୍ରତି ଘଣ୍ଟାରେ ୨ ଜଣ ଚାଷୀ ଆତ୍ମହତ୍ୟା କରୁଥିବାବେଳେ ବର୍ଷକୁ ପ୍ରାୟ ୧୨ହଜାର ଚାଷୀ ଆତ୍ମହତ୍ୟା କରୁଛନ୍ତି। ଚାଷୀ ଆତ୍ମହତ୍ୟାର ବହୁ କାରଣ ଥାଇପାରେ, କିନ୍ତୁ ମୁଁ ଚାଷୀମାନଙ୍କ ସହିତ ମିଶି ଯାହା ଅନୁଭବ କରୁଛି, ତାହା ହେଉଛି ଚାଷୀଙ୍କ ଭୁଶୁଡ଼ି ପଡ଼ିଥିବା ଆର୍ଥିକ ଅବସ୍ଥା। ଚାଷୀଭାଇ ଗୋଟିଏ ଫସଲର ଅମଳ ସମୟରେ ଯାହା ରୋଜଗାର କରେ, ତାହାକୁ ପୁଣି ପରବର୍ତ୍ତୀ ଚାଷରେ ଖର୍ଚ୍ଚ କରିଦେଇଥାଏ। ଚାଷ ପାଇଁ ଋଣ, ଘର ଚଳାଇବା ପାଇଁ ଋଣ ଚାଷୀର ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଦେଇଥାଏ। ପୁଣି ପିଲାଙ୍କ ପାଠପଢ଼ା, ଚିକିତ୍ସା ପାଇଁ ଅର୍ଥ ନ ଥିବାବେଳେ ସେମାନଙ୍କ ବିବାହବ୍ରତ ପାଇଁ ଚାଷୀଭାଇ ଋଣଗ୍ରସ୍ତ ହେଉଛି। ଚାଷରୁ ଉତ୍ପନ୍ନ କୃଷିଜାତ ଦ୍ରବ୍ୟର ବିକ୍ରି ମୂଲ୍ୟ ଉତ୍ପାଦନ ଖର୍ଚ୍ଚଠାରୁ କମ୍ ହୋଇଥିବାରୁ ଚାଷୀ ଋଣ ଶୁଝିପାରୁ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ତା'ର ଆର୍ଥିକ ଅବସ୍ଥାକୁ ଆହୁରି ଖରାପ କରିଦେଉଛି। ଖରାପ ଆର୍ଥିକ ଅବସ୍ଥା ଚାଷୀ ଆତ୍ମହତ୍ୟାର ପ୍ରମୁଖ କାରଣ। ଆମ ରାଜ୍ୟରେ ଚାଷୀର ଅର୍ଥନୀତି ଧାନଚାଷ ଉପରେ ନିର୍ଭର କରିଥାଏ। ୨୦୧୭–୨୦୧୮ ବର୍ଷରେ ଚାଷୀ ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ୨୩୪୪ଟଙ୍କା ଖର୍ଚ୍ଚ କରିଥିବାବେଳେ ତାଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ହିସାବରେ ମାତ୍ର ୧୫୫୦ଟଙ୍କା ମିଳିଥିଲା।

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଶ୍ରମିକ ମଜୁରିକୁ ୨୦୦ଟଙ୍କା ହିସାବରେ ନେଇ ୨୦୧୫ ମସିହାରେ ଏମ୍ଏସ୍‌ପି ହିସାବ କରିଥିଲା। ଏବେ ଓଡ଼ିଶାରେ ଅଣକୁଶଳୀ କୃଷି ଶ୍ରମିକର ଦୈନିକ ମଜୁରି ସରକାରୀ ଭାବେ ଟ୨୨୪.୩୦ ହୋଇଥିଲେ ହେଁ ପ୍ରକୃତରେ ଚାଷୀକୁ ଶ୍ରମିକ ମଜୁରି ବାବଦରେ ୨୫୦ରୁ ୩୦୦ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡ଼ିଥାଏ। ସୁତରାଂ ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଚାଷୀକୁ ପ୍ରାୟ ୨୭୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏପରି ସ୍ଥଳେ ୨୦୧୮–୧୯ ଖରିଫ ଏବଂ ରବି ଧାନ ସଂଗ୍ରହ ପାଇଁ କେନ୍ଦ୍ର ସରକାର ଧାନର ଏମ୍ଏସ୍‌ପି ୧୭୫୦ଟଙ୍କା ଧାର୍ଯ୍ୟ କରିବା କେତେଦୂର ଗ୍ରହଣୀୟ ? ଧାନ ଉତ୍ପାଦନ ଖର୍ଚ୍ଚ ଏବଂ ଏମ୍ଏସ୍‌ପିକୁ ଦେଖିଲେ ଏଥିରୁ ସ୍ପଷ୍ଟ ଯେ ଚାଷୀଭାଇ ୧ କୁଇଣ୍ଟାଲ ଧାନ ଉତ୍ପାଦନ କରି ପ୍ରାୟ ୧୦୦୦ଟଙ୍କା କ୍ଷତି ସହୁଛି, ଯେଉଁଥିପାଇଁ ଚାଷୀର ଆର୍ଥିକ ଅବସ୍ଥା ଦିନକୁ ଦିନ ଦୁର୍ବଳ ହୋଇଯାଉଛି।

ଚାଷୀମାନଙ୍କଠାରୁ ସଂଗୃହୀତ ତଥ୍ୟ ଅନୁସାରେ, ୧ ଏକର ଧାନଚାଷ କରିବା ପାଇଁ ପ୍ରାୟ ୮୪ଟି ମଜୁରି ଆବଶ୍ୟକ ପଡ଼ିଥାଏ। ଶ୍ରମିକ ମଜୁରି ଯଦି ଦୈନିକ ୨୫୦ଟଙ୍କା ଲେଖାଏଁ ହିସାବ କରାଯାଏ ତେବେ ଏକ ଏକର ଧାନଚାଷ ପାଇଁ ଚାଷୀଭାଇକୁ ୨୧,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ସରକାରଙ୍କ ହିସାବ ଅନୁସାରେ ୧ ଏକର ଜମିରୁ ହାରାହାରି ୧୪ କୁଇଣ୍ଟାଲ ଧାନ ଅମଳ ହୁଏ। ତେବେ ଚାଷୀକୁ ୧କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଶ୍ରମିକ ମଜୁରି ବାବଦରେ ୧୫୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଆପଣ ଭାବୁଥିବେ ଏବେ ଚାଷୀଭାଇମାନେ ଯାନ୍ତ୍ରିକ ପଦ୍ଧତିରେ ଚାଷ କଲେଣି। ଚାଷୀଭାଇମାନେ ଟ୍ରାକ୍ଟର, ପାୱାରଟିଲର୍, କମ୍ବାଇନ୍ ହାର୍ଭେଷ୍ଟର, ଟ୍ରାନ୍ସପ୍ଲାଣ୍ଟର ବ୍ୟବହାର କରୁଛନ୍ତି, ହେଲେ ଶ୍ରମିକ ମଜୁରି ବାବଦରେ ଏତେ ଖର୍ଚ୍ଚ ହେଉଛି କିପରି ?

ଆଜ୍ଞା! ଆମ ଦେଶରେ ଯାନ୍ତ୍ରିକ କୃଷି ମାତ୍ର ୪୦ପ୍ରତିଶତ ହୋଇଥିବାବେଳେ ଆମ ରାଜ୍ୟରେ ଏହା ୨୦ ପ୍ରତିଶତରୁ କମ୍। ଆଉ ସବୁଠାରୁ ବଡ଼ କଥା ହେଉଛି ଯାନ୍ତ୍ରିକ କୃଷିରେ ଦେଶର ସବୁଠାରୁ ଆଗୁଆ ପଞ୍ଜାବରେ ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ୨୪୯୦ଟଙ୍କା ଖର୍ଚ୍ଚ ହେଉଛି ବୋଲି ପଞ୍ଜାବ ସରକାର ସିଏସିପିକୁ ଜଣାଇଥିଲେ। ଏହାଛଡ଼ା ବିହନ, ସାର, କୀଟନାଶକ, ଜୈବିକ ଖତ, ଜଳକର, ଖଜଣା, କୃଷିଋଣ ପାଇଁ ସୁଧ ବାବଦ ଖର୍ଚ୍ଚ ହିସାବକୁ ନେଲେ ୧କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ପ୍ରାୟ ୨୭୦୦ଟଙ୍କା ଖର୍ଚ୍ଚ ହେଉଛି। ଏ ପରିସ୍ଥିତିରେ ଭାଗଚାଷୀଙ୍କ କଥା ନ କହିଲେ ଭଲ। ଭାଗଚାଷୀକୁ ଉତ୍ପାଦିତ ଧାନର ଏକ ତୃତୀୟାଂଶ ଜମି ମାଲିକଙ୍କୁ ଦେବାକୁ ପଡ଼ିଥାଏ।

ଗତବର୍ଷ ଆମ ବିଧାନସଭାରେ ସର୍ବସମ୍ମତିକ୍ରମେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ଟଙ୍କା (ଉତ୍ପାଦନ ଖର୍ଚ୍ଚ ୨୩୪୪ଟଙ୍କା+ଉତ୍ପାଦନ ଖର୍ଚ୍ଚର ୨୫%) କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଧାନର ଏମ୍ଏସ୍‌ପି ୨୯୩୦ଟଙ୍କା କରିବାକୁ କେନ୍ଦ୍ରକୁ ଅନୁରୋଧ କରାଯାଇଥିଲା, ହେଲେ ଏହାକୁ ଅଣଦେଖା କରାଯାଇ ଧାନର ଏମ୍ଏସ୍‌ପି ଚଳିତ ବର୍ଷ ଅପେକ୍ଷା କୁଇଣ୍ଟାଲ ପ୍ରତି ୨୦୦ଟଙ୍କା ବୃଦ୍ଧିକରି ଚାଷୀଭାଇଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦିଆଯାଇଛି।

ଭାଜପା ଚାଷୀଭାଇଙ୍କୁ ଭରସା ଦେଇଥିଲା ଯେ, ତାଙ୍କ ଦଳ କ୍ଷମତାକୁ ଆସିଲେ ଏମ୍.ଏସ୍. ସ୍ୱାମୀନାଥନ୍ ସୁପାରିସକୁ କାର୍ଯ୍ୟକାରୀ କରି ଧାନର ଏମ୍ଏସ୍‌ପିକୁ ଉତ୍ପାଦନ ଖର୍ଚ୍ଚଠାରୁ ୫୦ପ୍ରତିଶତ ଅଧିକ କରିବେ। ଜାତୀୟ କୃଷକ କମିଶନ ଅଧ୍ୟକ୍ଷ ସ୍ୱାମୀନାଥନ୍ ୨୦୦୬ ମସିହାରେ ସୁପାରିସ କରିଥିଲେ ଖାଦ୍ୟଶସ୍ୟର ଏମ୍ଏସ୍‌ପି ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା କରିବା ପାଇଁ। ତତ୍କାଳୀନ ଉପା ସରକାର ଏହି ସୁପାରିସକୁ କାର୍ଯ୍ୟକାରୀ କରି ନ ଥିଲେ। ଭାଜପା କ୍ଷମତାକୁ ଆସିବା ପରେ ଚାଷୀଭାଇଙ୍କୁ ଦେଇଥିବା ପ୍ରତିଶ୍ରୁତି ୪ବର୍ଷ କାଳ ଭୁଲିଯାଇଥିଲେ। ୨୦୧୯ ନିର୍ବାଚନ ପାଖେଇ ଆସିବାରୁ ଭୋଟ୍‌କୁ ଆଖି ଆଗରେ ରଖି ଧାନ ଉତ୍ପାଦନ ଖର୍ଚ୍ଚର ଭୁଲ୍ ହିସାବ ଦେଇ ସରକାର କହୁଛନ୍ତି ଯେ, ଧାନର ଏମ୍ଏସ୍‌ପି ସ୍ୱାମୀନାଥନ୍ କମିଟିର ସୁପାରିସ ଅନୁସାରେ ବୃଦ୍ଧି କରାଯାଇଛି। ଅର୍ଥାତ୍ ଧାନର ଏମ୍ଏସ୍‌ପି ଉତ୍ପାଦନ ଖର୍ଚ୍ଚର ଦେଢ଼ ଗୁଣ ହୋଇଛି, ଯାହା ସମ୍ପୂର୍ଣ୍ଣ ଭୁଲ୍। ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଶ୍ରମିକ ମଜୁରି ବାବଦ ଚାଷୀଭାଇଙ୍କୁ ପ୍ରାୟ ୧୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବାବେଳେ କେନ୍ଦ୍ର ସରକାର କିପରି କହୁଛନ୍ତି କୃଷି ବ୍ୟୟ ଓ ମୂଲ୍ୟ ଆୟୋଗ (ସିଏସିପି)ର ଧାନର C2 ଫର୍ମୁଲା ଅନୁସାରେ ଉତ୍ପାଦନ ଖର୍ଚ୍ଚ କୁଇଣ୍ଟାଲ ପ୍ରତି ୧୧୬୬ ଟଙ୍କା ହେଉଛି।

C2 ଫର୍ମୁଲା ହେଲା ସିଏସିପି କୃଷିଜାତ ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚ ହିସାବ ପାଇଁ ଯେଉଁ ୩ଟି ଫର୍ମୁଲା ବ୍ୟବହାର କରନ୍ତି ସେଥିମଧ୍ୟରୁ ଗୋଟିଏ। ଅନ୍ୟ ଦୁଇଟି ଫର୍ମୁଲା ହେଉଛି A2 ଏବଂ A2+FL। A2 ହେଉଛି ସେହି ଉତ୍ପାଦନ ଖର୍ଚ୍ଚ ଯାହାକୁ ଚାଷୀ ନିଜେ ଅନ୍ୟକୁ ପ୍ରଦାନ କରିଥାଏ, ଯଥା– ଜମି ବେଉଷଣ ପାଇଁ ଖର୍ଚ୍ଚ, ଜଳକର, ସାର, ବିହନ, କୀଟନାଶକ, ଧାନବୁଣାଠାରୁ ଆରମ୍ଭକରି ଧାନ ଅମଳ ପର୍ଯ୍ୟନ୍ତ ମଜୁରି ଖର୍ଚ୍ଚ ଇତ୍ୟାଦି। A2+FL ହେଉଛି A2 ଖର୍ଚ୍ଚ ସହିତ ପରିବାର ଲୋକଙ୍କ ଶ୍ରମ। C2 ହେଉଛି A2+FL ସହିତ ଚାଷଜମିର ଭଡ଼ା ଏବଂ ଚାଷ ପାଇଁ ବ୍ୟବହୃତ ଅର୍ଥର ସୁଧ। ପ୍ରକୃତରେ C2 ଫର୍ମୁଲା ହେଉଛି ଉତ୍ପାଦନ ଖର୍ଚ୍ଚ ନିର୍ଦ୍ଧାରଣର ପ୍ରକୃଷ୍ଟ ଉପାୟ, ଯାହାକୁ ସ୍ୱାମୀନାଥନ୍ ସୁପାରିସ କରିଥିଲେ। ହେଲେ କେନ୍ଦ୍ର ସରକାର ଧାନର ଏମ୍ଏସ୍‌ପି C2 ଫର୍ମୁଲା ଅନୁସାରେ ନିର୍ଦ୍ଧାରଣ ହୋଇଛି ବୋଲି ଯାହା କହୁଛନ୍ତି ତାହା ଭୁଲ୍। ଯଦି ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଶ୍ରମିକ ମଜୁରି ବାବଦରେ ୧୫୦୦ଟଙ୍କା ଖର୍ଚ୍ଚ ହେଉଛି ତେବେ C2 ଫର୍ମୁଲା ଅନୁସାରେ ୧କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ କିପରି ୧୧୬୬ଟଙ୍କା ଖର୍ଚ୍ଚ ହେଉଛି ତାହା ବୁଝାପଡୁନାହିଁ। ଧାନର ଏମ୍ଏସ୍‌ପି A2 ଫର୍ମୁଲା ଅନୁସାରେ ମଧ୍ୟ ନିର୍ଦ୍ଧାରଣ ହୋଇନାହିଁ। ଧାନ ଉତ୍ପାଦନ ଖର୍ଚ୍ଚର ନ୍ୟୂନ ମୂଲ୍ୟ ସ୍ଥିର ହୋଇଛି।

ଦେଶର ୬୦ଭାଗ ଜନସାଧାରଣ ସମ୍ପୂର୍ଣ୍ଣ ଚାଷ ଉପରେ ନିର୍ଭର କରୁଥିବାବେଳେ ୫୦ଭାଗ ଲୋକ କୃଷି କ୍ଷେତ୍ରରେ ନିୟୋଜିତ। ଚାଷୀମାନେ ଭାବିଥିଲେ ଭାଜପା କ୍ଷମତାକୁ ଆସିଲେ ତାଙ୍କ ଦୁଃଖ ଦୂର ହେବ। ହେଲେ ଫଳ ଓଲଟା ହେଲା। ଆର୍ଥିକ ଅନଟନରେ ଚାଷୀ ବୁଡ଼ି ରହିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ଗତ ୪ବର୍ଷ ମଧ୍ୟରେ ଦେଶର ପ୍ରାୟ ୪୮ହଜାର ଚାଷୀ ଆତ୍ମହତ୍ୟା କଲେଣି। ଗତବର୍ଷ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ଦେଶରେ ଚାଷୀଙ୍କ ସ୍ଥିତି ଏବଂ ଏମ୍ଏସ୍‌ପି ବାବଦରେ ପଚାରିବାରୁ କେନ୍ଦ୍ର ସରକାର କୋର୍ଟକୁ ଜଣାଇଥିଲେ ଯେ, ଦେଶରେ ପ୍ରତିବର୍ଷ ପ୍ରାୟ ୧୨ହଜାର ଚାଷୀ ଆତ୍ମହତ୍ୟା କରୁଛନ୍ତି, ୨୦୨୨ ସୁଦ୍ଧା ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରାଯିବ। ଅର୍ଥାତ୍ ଆଗାମୀ ୪ବର୍ଷରେ ଆର୍ଥିକ ଦୁର୍ଦ୍ଦିନ ପାଇଁ ଆଉ ୪୮ ହଜାର ଚାଷୀ ଆତ୍ମହତ୍ୟା କରିବେ। ଯେତିକି ଲୋକ ଆମ ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇ ନ ଥିଲେ କିମ୍ବା କୌଣସି ଯୁଦ୍ଧରେ ମରି ନ ଥିଲେ ତା'ଠାରୁ ଅଧିକ ଚାଷୀ ଆମ ଦେଶରେ ଆତ୍ମହତ୍ୟା କଲେଣି। ଏଣୁ କେନ୍ଦ୍ର ସରକାର ବିଳମ୍ବ ନ କରି ଚାଷୀମାନଙ୍କୁ ଧାନର ଉପଯୁକ୍ତ ଏମ୍ଏସ୍‌ପି ପ୍ରଦାନ କରନ୍ତୁ ଏବଂ ରାଜ୍ୟ ସରକାର ଚାଷୀଙ୍କ ଆର୍ଥିକ ସୁରକ୍ଷା ପାଇଁ ଧ୍ୟାନ ଦିଅନ୍ତୁ । ନଚେତ୍ ଆଗାମୀ ନିର୍ବାଚନରେ ଚାଷୀ ସରକାରଙ୍କୁ ଠିକଣା ଜବାବ ଦେବେ, ଯାହାର ଫଳ କଂଗ୍ରେସ ଭୋଗୁଛି।

ବିଧାୟକ, ଆଠଗଡ଼,
rpswain124@yahoo.com



# ଶିକ୍ଷା ଓ ସାକ୍ଷରତା

ଡ. ଉଦ୍ଧବ ଚରଣ ନାୟକ

### ୮।୯ ବିଶ୍ୱ ସାକ୍ଷରତା ଦିବସ ଉପଲକ୍ଷେ

ନିରକ୍ଷରତା ଏକ ଜଟିଳ ସାମାଜିକ ବ୍ୟାଧି। କୌଣସି ରାଷ୍ଟ୍ରର ଆର୍ଥିକ, ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ ପ୍ରଗତି ଶିକ୍ଷା ଓ ସାକ୍ଷରତା ବିନା ସମ୍ଭବ ନୁହେଁ। ଜଣେ ବ୍ୟକ୍ତି ଶିକ୍ଷା ଲାଭ କଲେ ପ୍ରତ୍ୟେକ କ୍ଷେତ୍ରରେ ସକ୍ଷମ ହେବା ସହ ନିଜର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୋଇପାରିବ। ତେଣୁ ସାକ୍ଷରତା ହାର ବୃଦ୍ଧି ନିମନ୍ତେ ଅହରହ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଅବ୍ୟାହତ ରହିଛି।

୧୮୮୭ ମସିହାରେ ବଡମ୍ବା ଗଡଜାତ ରାଜ୍ୟର ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଥିଲେ ନୀଳମଣି ମିଶ୍ର। ପରେ ସେ 'ନୀଳମଣି ବିଦ୍ୟାରତ୍ନ' ନାମରେ ହେଲେ ପରିଚିତ। ସେ ହୃଦୟଙ୍ଗମ କଲେ ସାରାଦେଶଟା ଶିକ୍ଷିତ ନ ହେଲେ ଦେଶ ଆଗେଇବ ନାହିଁ। କେବଳ ସ୍କୁଲ ଖୋଲିଦେଇ ଛୋଟ ଛୋଟ ପିଲାଙ୍କୁ ଶିକ୍ଷାଦାନ କଲେ ଚଳିବ ନାହିଁ। ଗାଁଗଣ୍ଡାର ଗରିବ, ଚାଷୀମୂଲିଆ, ମିସ୍ତ୍ରି, କମାର, କୁମ୍ଭାର, ବୁଣାକାର, ବଢେଇ ଆଦି ଗ୍ରାମୀଣ କାରିଗରମାନେ ଶିକ୍ଷାଲାଭ କରିବା ଉଚିତ। ଫଳରେ ସେମାନେ ନିଜ ନିଜ ଧନ୍ଦାରେ କୁଶଳୀ ହେବା ସହ ଅଧିକ ଉପାର୍ଜନ କରିପାରିବେ।

ନୀଳମଣି ବାବୁଙ୍କ ଉଦ୍ୟମରେ ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହେଲା ନୈଶ ବିଦ୍ୟାଳୟ। ଗାଁର କାରିଗର, କୃଷକ, ମୂଲିଆ ଦିନରେ କାର୍ଯ୍ୟ ସମ୍ପାଦନ କରି ସନ୍ଧ୍ୟାବେଳେ ଏକାଠି ହେଲେ ଶିକ୍ଷାଲାଭ କରିବା ପାଇଁ। ଗାଁର ବୟସ୍କ ନିରକ୍ଷର ଲୋକେ ଶିକ୍ଷାଲାଭର ସୁବିଧା ପାଇଲେ। ଗୋପୀନାଥପୁର ଥିଲା ଓଡିଶାର ପ୍ରଥମ ନୈଶ ବିଦ୍ୟାଳୟ ଓ ନୀଳମଣି ମିଶ୍ର ହେଲେ ଓଡିଶାରେ ପ୍ରୌଢଶିକ୍ଷାର ଜନକ। କେବଳ ସେତିକି ନୁହେଁ, ସଂସ୍କାରକ ବୈରାଗୀ ମିଶ୍ର (୧୮୮୫–୧୯୬୬) ଓଡିଶାରେ ନାନାବିଧ ସଂସ୍କାରପୂର୍ଣ୍ଣ କାର୍ଯ୍ୟକ୍ରମ ଆରମ୍ଭ କରି ମହିଳାମାନଙ୍କ ମଧ୍ୟରୁ ନିରକ୍ଷରତା ଦୂରୀକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କଲେ। ସେ ପ୍ରତ୍ୟେକ ଗ୍ରାମରେ ପ୍ରୌଢଶିକ୍ଷା କେନ୍ଦ୍ର ଖୋଲି ବୟସ୍କା ନାରୀମାନଙ୍କୁ ଶିକ୍ଷାଦେବା ପାଇଁ ଯୋଜନା କରିଥିଲେ।

ଉତ୍କଳଗୌରବ ମଧୁସୂଦନ ୧୮୭୨ ମସିହାରେ କଲିକତା ମିଶନାରୀ ହାଇସ୍କୁଲରେ ଶିକ୍ଷକତା କରୁଥିବା ସମୟରେ ଓଡିଆ ନିରକ୍ଷରମାନଙ୍କ ନିମନ୍ତେ ଖିଦିରିପୁରଠାରେ ଏକ ନୈଶ ବିଦ୍ୟାଳୟ ସ୍ଥାପନ କରିଥିଲେ। ଏହି ବିଦ୍ୟାଳୟରେ ବଢେଇ, କମାର, ପାଣିକଳ ମିସ୍ତ୍ରି ଆଦି ବୟସ୍କ ବ୍ୟକ୍ତିମାନେ ଶିକ୍ଷାଲାଭ କରିବା ସହ ସେମାନଙ୍କ ପିଲାମାନେ ମଧ୍ୟ ପାଠ ପଢିବାର ସୁବିଧା ପାଇଲେ। ମଧୁବାବୁଙ୍କ ପରେ କଟକ ମନମୋହନ ପ୍ରେସ ଓ ପୁସ୍ତକାଳୟ ପ୍ରତିଷ୍ଠାତା ମୋହନ ଚରଣ ଦାସ ବ୍ୟବସାୟ ସୂତ୍ରରେ ଓଡିଆ ବହି ବିକ୍ରି କରିବା ଉଦ୍ଦେଶ୍ୟରେ ପ୍ରବାସୀ ଓଡିଆ ନିରକ୍ଷରମାନଙ୍କୁ ସାକ୍ଷର କରିବାରେ ସହାୟକ ହୋଇଥିଲେ। ଆଣ୍ଠୁ ଲୁଚୁ ନ ଥିବା ଖଦି ପିନ୍ଧି ମୁଣ୍ଡରେ ଓଡିଆ ଗାମୁଛା ବାନ୍ଧି କାନ୍ଧରେ ବହି ବୁଜୁଳା ଧରି ବୁଲିଲେ କଲିକତାର ଗଳିକନ୍ଦି, ଯେଉଁ ସ୍ଥାନରେ କି ବାସ କରୁଥିଲେ ପ୍ରବାସୀ ଓଡିଆମାନେ। ବହି ପଢିବା ପାଇଁ ସେ ସମସ୍ତଙ୍କୁ ବୁଝାଇଲେ, ରାମାୟଣ, ମହାଭାରତ ପାଠକଲେ କି ସୁଫଳ ମିଳେ ଶୁଣାଇଲେ। ସାଙ୍ଗରେ ଧରିଥିବା ପୁରାଣ, ସୁଆଙ୍ଗ, ଗୀତା, ଭାଗବତ, ଅକ୍ଷର ପରିଚୟ, ବର୍ଣ୍ଣବୋଧ ଓ ଚାଟଶାଳୀ ପାଠ ଆଦି ସବୁ ବିକ୍ରି କଲେ। ନିରକ୍ଷରମାନେ ପାଠ ପଢ଼ିବାର ସୁଯୋଗ ପାଇ ସାକ୍ଷର ହେଲେ ଆଉ ସାକ୍ଷରମାନେ ଅନ୍ୟାନ୍ୟ ପୁସ୍ତକ ପାଠ କରିବାରେ ଲାଗିଲେ। ଏହା ମୋହନ ଚରଣ ଦାସ ସ୍ୱରଚିତ ବାଲ୍ମୀକି ରାମାୟଣ ଗ୍ରନ୍ଥର ଭଣିତାରେ ଉଲ୍ଲେଖ କରିଯାଇଛନ୍ତି– ମୁହିଁ ଯେ ଓଡିଆ ମୋର ଜନ୍ମ ଓଡିଶାରେ। କଟକ ଚାନ୍ଦିନୀଚୌକ ଡଗରପଡାରେ। ପ୍ରବାସୀ ଓଡିଆଙ୍କ ସେବାରେ ମୋ ମନ, ଶିକ୍ଷାର ବିସ୍ତାର ସଙ୍ଗେ ଧନ ଉପାର୍ଜନ।

ଏହିପରି ଭାବରେ ଓଡିଶାର ବିଶିଷ୍ଟ ବ୍ୟକ୍ତିମାନେ ସାକ୍ଷରତା ଓ ଶିକ୍ଷାର ପ୍ରସାର ପାଇଁ ମନପ୍ରାଣ ଢାଳି ଦେଇଥିଲେ। ନୀଳମଣି ମିଶ୍ରଙ୍କ ପ୍ରୌଢଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭର ଅଶୀ ବର୍ଷ ପରେ ଏହା ୧୯୬୫ ମସିହାରେ ବିଶ୍ୱଚିନ୍ତାର କାରଣ ଭାବରେ ପ୍ରତିଫଳିତ ହେଲା। ନିରକ୍ଷରତାର ମୂଳୋତ୍ପାଟନ ନିମନ୍ତେ ୧୯୬୦ ମସିହାରେ ମଣ୍ଡିଲଠାରେ ଏକ ବିଶ୍ୱସ୍ତରୀୟ ଅଧିବେଶନରେ ସାକ୍ଷରତା କାର୍ଯ୍ୟକ୍ରମକୁ ବିଶ୍ୱାଭିମୁଖୀ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହେଲା। ୧୯୬୫ ମସିହା ସେପ୍ଟେମ୍ବର ୮ ତାରିଖରେ ଇରାନର ରାଜଧାନୀ ତେହେରାନଠାରେ ଅନୁଷ୍ଠିତ ହୋଇଥିଲା ବିଭିନ୍ନ ଦେଶର ଶିକ୍ଷାମନ୍ତ୍ରୀମାନଙ୍କର ଏକ ସମ୍ମିଳନୀ। ନିରକ୍ଷରତା–ବ୍ୟାଧିକୁ ସମୂଳେ ବିଶ୍ୱରୁ ହଟାଇବା ନିମନ୍ତେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ଜାତିସଂଘ ଏହି ପ୍ରସ୍ତାବକୁ ଗ୍ରହଣ କରିନେଇ ସେପ୍ଟେମ୍ବର ୮ ତାରିଖକୁ 'ଆନ୍ତର୍ଜାତିକ ସାକ୍ଷରତା ଦିବସ' ଭାବରେ ପାଳନ କରିବାକୁ ଘୋଷଣା କଲେ। ସେହିବର୍ଷଠାରୁ ତାହା ପାଳିତ ହୋଇ ଆସୁଛି। ସାକ୍ଷରତା କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷାର୍ଥୀ, ସମାଜସେବୀ, ସର୍ବୋପରି ସମସ୍ତ ଶିକ୍ଷିତ ବ୍ୟକ୍ତି ଜଡିତ ହେଲେ ଅବିଳମ୍ବେ ଭାରତ ପୂର୍ଣ୍ଣ ସାକ୍ଷର ଦେଶ ଭାବରେ ବିବେଚିତ ହେବ। ଦେଶର ବିକାଶରେ ପ୍ରତ୍ୟେକ ନାଗରିକ ସାମିଲ ହୋଇପାରିବେ।

ଭୁବନେଶ୍ୱର, ମୋ–୯୪୩୮୨୯୯୧୭୪

## ପାଠକ ଶ୍ରେଷ୍ଠ ବିଚାରକ

### ଅଙ୍ଗନୱାଡି କର୍ମୀଙ୍କୁ ଅବସରକାଳୀନ ଅର୍ଥ ମିଳୁ

ମହାଶୟ,

ରାଜ୍ୟରେ ୭୨ ହଜାର ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଓ ସହାୟିକାମାନେ କାର୍ଯ୍ୟରତ। ୬୨ ବର୍ଷ ବୟସରେ ସେମାନେ ଅବସର ନେବେ। ଦୀର୍ଘ ୩୫/୪୦ ବର୍ଷ ସରକାରଙ୍କର ବିଭିନ୍ନ ଯୋଜନାକୁ ସଫଳ ରୂପାୟନ ଦେଉଥିବା କର୍ମୀ ଓ ସହାୟିକାମାନଙ୍କୁ ଅବସର ସମୟରେ ଯଥାକ୍ରମେ ଏକ ଲକ୍ଷ ଟଙ୍କା ଓ ପଚାଶ ହଜାର ଟଙ୍କା ପ୍ରଦାନ କଲେ ସେମାନେ ଅବଶିଷ୍ଟ ସମୟ ଦୁଃଖେକଷ୍ଟେ କାଟିପାରନ୍ତେ। ସେମାନଙ୍କ ମଧ୍ୟରୁ ୮୦ ଭାଗ ଆର୍ଥିକ ଅନଗ୍ରସର ତଥା ଅସହାୟ ମହିଳା। ଏଥିପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ଅନୁରୋଧ।

ପ୍ରିୟଙ୍କା ସାମଲ, ଦଶରଥପୁର, ଯାଜପୁର

### ନୀତି ସ୍ପଷ୍ଟ ହେଉ

୨୦୧୪ ମସିହାଠାରୁ ମାଟ୍ରିକ ପରୀକ୍ଷାରେ ପ୍ରତ୍ୟେକ ବିଷୟରେ ୫୦ ନମ୍ବର MCQ (ବହୁ ବୈକଳ୍ପିକ ପ୍ରଶ୍ନ) ରହୁଥିଲା, ଫଳରେ ପିଲାମାନେ ସହଜରେ ପାସ୍ କରିଯାଉଥିଲେ। ଏବେ ସରକାର ସ୍ଥିର କରିଛନ୍ତି ଏଣିକି MCQ ପରିବର୍ତ୍ତେ ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ଓ ସ୍ତମ୍ଭ ମିଳନ ରହିବ। ଏହି ପଦ୍ଧତି କେବେଠାରୁ କାର୍ଯ୍ୟକାରୀ ହେବ ଜାଣିହେଲା ନାହିଁ। ଯଦି ଚଳିତବର୍ଷ ଏହା ଲାଗୁ କରାଯାଏ ସେଥିପାଇଁ ଗଣଶିକ୍ଷା ବିଭାଗ ପ୍ରତି ବିଷୟ ପାଇଁ ନମୁନା ପୁସ୍ତିକା (sample paper) ସହିତ ନୀତି ସ୍ପଷ୍ଟ କରିବା ଉଚିତ, ଯଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀ ଓ ପିଲାମାନେ ନିଜକୁ ପ୍ରସ୍ତୁତ କରିପାରିବେ।

ମହେନ୍ଦ୍ରନାଥ ରାଉତ, ମହାବୀର ହାଇସ୍କୁଲ, ବରିମୁଣ୍ଡେଇ, ନିଆଳି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଛୋଟ ପିଲା। ଯେ କୌଣସି ସମୟ ଓ ସ୍ଥାନରେ ପରିସ୍ରା କରିଦେବା ସ୍ୱାଭାବିକ। କିନ୍ତୁ ଅଙ୍ଗନୱାଡି କେନ୍ଦ୍ରର ଜଣେ ୩ ବର୍ଷର ବାଳକକୁ ଏଥିପାଇଁ ଚିଆଁ ଦେବା ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଏପରି ଏକ ଘଟଣା ମହୀଶୂରରେ ଘଟିଛି। ଶ୍ରୀରାମପୁର ଷ୍ଟେଜ୍–୨ରେ ଥିବା ଦେବାୟନହୁଣ୍ଡି ଅଙ୍ଗନୱାଡି କେନ୍ଦ୍ରରେ ଏହି ୩ ବର୍ଷର ବାଳକ ପରିସ୍ରା କରିଦେବାରୁ ଜଣେ ସହାୟିକା ଏକ ଛୁରି ତତାଇ ତା' ଗୋଡରେ ମାଡିଦେଇଥିଲେ। ଉକ୍ତ ପରିବାର ଅଙ୍ଗନୱାଡି କେନ୍ଦ୍ର ଆଗରେ ଧାରଣା ଦେବା ସହିତ ସମ୍ପୃକ୍ତ ମହିଳାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଉପନିର୍ଦ୍ଦେଶିକା ଏବଂ ଜିଲା ପଞ୍ଚାୟତ ସ୍ଥାୟୀ କମିଟିର ଅଧ୍ୟକ୍ଷ କେନ୍ଦ୍ରକୁ ଯାଇ ପରିବାର ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ଅଭିଯୁକ୍ତ ଦୋଷ ସ୍ୱୀକାର କରିବା ପରେ ତାଙ୍କୁ ନିଲମ୍ବିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ସହାୟିକାଙ୍କ ବିରୋଧରେ କୌଣସି ମାମଲା ରୁଜୁ ନ କରିବାକୁ ପିଲାର ମାତାପିତା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ପିଲାଙ୍କୁ ସମ୍ପୃକ୍ତ ସହାୟିକା ଭାରି ରୁକ୍ଷ ବ୍ୟବହାର କରନ୍ତି ବୋଲି ଅନ୍ୟ ମାତାପିତା ଅଭିଯୋଗ କରିଛନ୍ତି। ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ ଅନ୍ୟ ପିଲାଙ୍କ ମାତାପିତାଙ୍କୁ ସାକ୍ଷାତ କରି ନିଜ ଫୋନ ନମ୍ବର ଦେଇଛନ୍ତି। ପିଲାଙ୍କର କୌଣସି ସମସ୍ୟା ହେଲେ ତାଙ୍କ ସହିତ ଯୋଗାଯୋଗ କରିବାକୁ କହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୯୩

- କାବୁଲରେ ମୁଜାହିଦ୍ଦିନଙ୍କ ଆକ୍ରମଣରେ ୧୭ ଜଣଙ୍କ ମୃତ୍ୟୁ।
- ପାରାଦୀପ ବନ୍ଦରରେ କୋଲ୍ ହ୍ୟାଣ୍ଡ୍‌ଲିଙ୍ଗ ପ୍ରୋଜେକ୍ଟ ପାଇଁ ୫୮୭.୮୧ କୋଟି ଟଙ୍କା ମଞ୍ଜୁର କରାଗଲା।



## ଜିଲା ଡାଏରୀ
## କଟକ

### କାହାଣୀ ଲାଗୁଛି ପୁରୁଣା

ଜିଲା ପାଇଛି ନୂଆ ମୁଖିଆ। ନୂଆ ମୁଖିଆ ଯୋଗଦେବା ପରେ ସବୁକିଛି ନୂଆ ନୂଆ ଲାଗିବା କଥା। କିନ୍ତୁ କଟକରେ କଥା ଉଠିଛି କାହାଣୀ ଲାଗୁଛି ପୁରୁଣା ପୁରୁଣା। ଜଳବନ୍ଦୀ ସମସ୍ୟାରୁ ସହର ମୁକ୍ତ ହେବ। ସହରବାସୀଙ୍କ ଘରେ ଡ୍ରେନ ପାଣି ପଶିବନି। ଜାଇକା କାମ ତ୍ୱରାନ୍ୱିତ କରାଯିବ। ସହରକୁ ଜବରଦଖଲମୁକ୍ତ କରାଯିବ। ଟ୍ରାଫିକ ସମସ୍ୟା ଖୋଜିଲେ ବି ସହରରେ ମିଳିବନି ଇତ୍ୟାଦିକୁ ନେଇ ମୁଖିଆଙ୍କ ଜୋରଦାର ପ୍ରସ୍ତୁତି। ଏଭଳି ପ୍ରସ୍ତୁତିକୁ ଦେଖି ସହରବାସୀ କାହାଣୀକୁ ପୁରୁଣା ଭାବେ ଅଭିବ୍ୟକ୍ତ କରୁଛନ୍ତି। କାରଣ ଏ ସବୁ କାହାଣୀ ସବୁଥର ନୂଆ ମୁଖିଆମାନେ ଯୋଗଦେବା ପରେ ଶୁଣିବାକୁ ମିଳିଥାଏ, ଯାହା ବାସ୍ତବରେ ପରିଣତ ହୋଇ ନ ଥାଏ। ତେଣୁ ନୂଆ ମୁଖିଆ ପୁଣି ଥରେ ସେହି ପୁରୁଣା କାହାଣୀକୁ ନେଇ ଯେଉଁ ବଳିଷ୍ଠ ଉପସ୍ଥାପନା ସହରବାସୀଙ୍କ ଆଗରେ ରଖିଛନ୍ତି ତାହାକୁ କଟିକିଆ ସହଜରେ ଗ୍ରହଣ କରୁନାହାନ୍ତି। ମୁଖିଆ କୁଆଡେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଯେଉଁମାନେ ଆଦେଶ ଅନୁପାଳନରେ ହେଳା କରିବେ ସେମାନଙ୍କୁ କଳାପାଣି ସଜା ଭଳି ଦଣ୍ଡ ଭୋଗିବାକୁ ପଡ଼ିବ। ତେବେ କଥା ଆଉ କାମ ଭିତରେ କେତେ ଫରକ ରହୁଛି ତାହା ଦେଖିବାକୁ ସହରବାସୀ ନୀରବରେ ଅପେକ୍ଷା କରିଛନ୍ତି।

– ନିର୍ମଳ ପଣ୍ଡା

# ଶନିର ଉତ୍ତର ମେରୁରେ ବିସ୍ମୟକର କ୍ଷେତ୍ର



**ଲଣ୍ଡନ:** ବୈଜ୍ଞାନିକମାନେ ଶନିର ଉତ୍ତରମେରୁରେ ଏକ ଷଡ଼ଭୁଜାକାର କ୍ଷେତ୍ର ଦେଖିବାକୁ ପାଇଛନ୍ତି। ଏହା ଅତ୍ୟନ୍ତ ବିସ୍ମୟଜନକ। ଏହାର ଉଚ୍ଚତା ଶହ ଶହ କିଲୋମିଟର ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଏଥିରେ ଥିବା ଫ୍ଲୁଇଡ୍ (ଗ୍ୟାସ କିମ୍ବା ତରଳ ପଦାର୍ଥ) ଘୂର୍ଣ୍ଣନ ଅବସ୍ଥାରେ ଦୃଶ୍ୟମାନ ହେଉଛି। ଗତବର୍ଷ ଶନିର ବାୟୁମଣ୍ଡଳରେ ଧ୍ୱଂସପ୍ରାପ୍ତ ହେବା ପୂର୍ବରୁ କାସିନି ମିଶନ୍ ଏହି ଫଟୋ ପଠାଇଥିଲା। ବଳୟ ଗ୍ରହ ଶନିର ଉତ୍ତରମେରୁରେ ଏଭଳି ଦୃଶ୍ୟ ଦେଖାଯାଉଛି ଯାହା ଅତ୍ୟନ୍ତ ବିରଳ। କାସିନି ଗ୍ରୀଷ୍ମଋତୁରେ ଶନିର ନିକଟବର୍ତ୍ତୀ ହେବାବେଳକୁ ଏଭଳି ଦୃଶ୍ୟର ଫଟୋଚିତ୍ର ଉତ୍ତୋଳନ କରିଥିଲା। ଏହି ଷଡଭୁଜାକାର କ୍ଷେତ୍ର ମେଘଖଣ୍ଡ ଉପରେ ଶହ ଶହ କିଲୋମିଟର ଊର୍ଦ୍ଧ୍ୱକୁ ଲମ୍ବି ରହିଛି। ଏହା ଷ୍ଟ୍ରାଟୋସ୍ଫିୟର ସ୍ତରରେ ରହିଛି ଏବଂ ଏହାର ଦୃଶ୍ୟ ଅତ୍ୟନ୍ତ ବିସ୍ମୟକର ବୋଲି ବ୍ରିଟେନ୍‌ସ୍ଥିତ ଲିସେଷ୍ଟର ୟୁନିଭର୍ସିଟିର ଲେଫ୍ ଫ୍ଲେଚର ପ୍ରକାଶ କରିଛନ୍ତି। ଶନିର ଏହି ବିରଳ ଦୃଶ୍ୟ ୧୯୮୦ରେ ନାସାର ଭଏଜର ସ୍ପେସ୍‌କ୍ରାଫ୍ଟ ଦ୍ୱାରା ଆବିଷ୍କାର ହୋଇଥିଲା। କିନ୍ତୁ କାସିନି ୨୦୧୭ରେ ଏହାର ସ୍ପଷ୍ଟ ଫଟୋଚିତ୍ର ପଠାଇ ପାରିଥିଲା। ଶନିର ଆବର୍ତ୍ତନ ସହିତ ଏହି ଷଡଭୁଜାକାର ବାୟୁମଣ୍ଡଳ ଘୂର୍ଣ୍ଣାୟମାନ ହେଉଛି। ଏପରି ସ୍ୱାଭାବିକ ଅବସ୍ଥା ପୃଥିବୀରେ ମଧ୍ୟ ଦେଖିବାକୁ ମିଳେ। ଏହାକୁ ପୋଲାର ଜେଟ୍ ଷ୍ଟ୍ରିମ୍ କୁହାଯାଏ।

ଏହାର ପ୍ରାକୃତିକ ଧର୍ମ ବିସ୍ତୃତ ଭାବରେ କାସିନି ଉପଗ୍ରହ ଦ୍ୱାରା ପ୍ରକଟିତ ହୋଇଛି। କମ୍ପୋଜିଟ୍ ଇନ୍‌ଫ୍ରାରେଡ ସ୍ପେକ୍ଟ୍ରୋମିଟର (ସିଆଇଆରଏସ୍) ଯନ୍ତ୍ରାଂଶ ବ୍ୟବହାର କରି ବିଭିନ୍ନ ୱେଭ୍‌ଲେଙ୍ଥରେ କାସିନି ଏହା ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରିଥିଲା।

## ଐଶ୍ୱର୍ଯ୍ୟାଙ୍କୁ ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ



**ୱାଶିଂଟନ୍:** ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଅଭିନୟ କ୍ଷେତ୍ରରେ ତାଙ୍କର ସର୍ବୋତ୍ତମ ଦକ୍ଷତା ଲାଗି ଉଦ୍‌ଘାଟନୀ ମେରିଲ୍ ଷ୍ଟ୍ରିପ୍ ଆୱାର୍ଡ ପ୍ରଦାନ କରାଯିବ। ଓମେନ୍ ଇନ୍ ଫିଲ୍ମ ଆଣ୍ଡ ଟେଲିଭିଜନ୍ (ଡବ୍ଲ୍ୟୁଆଇଏଫ୍‌ଟି) ଇଣ୍ଡିଆ ଆୱାର୍ଡସ ପାଇବାରେ ସେ ହେଉଛନ୍ତି ପ୍ରଥମ ଅଭିନେତ୍ରୀ। ୧୯୯୪ ବିଶ୍ୱସୁନ୍ଦରୀ ମାନ୍ୟତାପ୍ରାପ୍ତ ଐଶ୍ୱର୍ଯ୍ୟା ଶନିବାର ହଲିଉଡ୍‌ର ହୟାତ୍ ରିଜେନ୍ସିରେ ଏହି ପୁରସ୍କାର ପାଇବେ। ୱିଫ୍ଟ ଇଣ୍ଡିଆ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଫିଲ୍ମ ଶିଳ୍ପରେ ଅଭିନୟ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ କଳା ପ୍ରଦର୍ଶନ ପାଇଁ ଐଶ୍ୱର୍ଯ୍ୟାଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଐଶ୍ୱର୍ଯ୍ୟାଙ୍କ ବ୍ୟତୀତ ଫିଲ୍ମ ନିର୍ମାତା ଜୋୟା ଅଖତର ନିର୍ଦ୍ଦେଶନା ଦକ୍ଷତା ପାଇଁ ୱାଇଲର ଆୱାର୍ଡ ଏବଂ 'ଧଡକ୍'ରେ ଅଭିନୟ ପାଇଁ ଜାହ୍ନବୀ କପୁର ୱିଫ୍ଟ ଇମରଲାଡ ଆୱାର୍ଡ ପାଇବେ। ବଲିଉଡ୍ ଏବଂ ହଲିଉଡ୍‌ରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା କଳାକାରଙ୍କୁ ସମ୍ମାନିତ କରିବା ପାଇଁ ୱିଫ୍ଟ ପ୍ରତିଷ୍ଠା କରାଯାଇଛି।

# ବର୍ଜ୍ୟ ପ୍ଲାଷ୍ଟିକରୁ ଇନ୍ଧନ

**ଲଣ୍ଡନ:** ବୈଜ୍ଞାନିକମାନେ ବର୍ଜିତ ପ୍ଲାଷ୍ଟିକ୍‌ରୁ ଉଦ୍‌ଯାନ ଇନ୍ଧନ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି। ଏହା ଦ୍ୱାରା କାର ଚାଲିପାରିବ। ବୈଜ୍ଞାନିକ ପଦ୍ଧତିରେ ନଷ୍ଟ ପ୍ଲାଷ୍ଟିକ୍ ସହିତ ଆଲୋକ ଅବଶୋଷଣକାରୀ ପଦାର୍ଥ ମିଶାଇ ଏହାକୁ ଆଲ୍‌କାଲାଇନ୍ ଦ୍ରବଣରେ ବୁଡାଇଲେ ଏଥିରୁ ଉଦ୍‌ଯାନ ସୃଷ୍ଟି ହୋଇପାରିବ ବୋଲି ବ୍ରିଟେନ୍‌ର ସ୍ୱାନ୍‌ସି ୟୁନିଭର୍ସିଟିର ବୈଜ୍ଞାନିକମାନେ ମତ ଦେଇଛନ୍ତି। ସେମାନଙ୍କ କହିବାନୁଯାୟୀ, ପ୍ଲାଷ୍ଟିକ୍ ରିସାଇକ୍ଲିଂ ଅପେକ୍ଷା ଏହି ପ୍ରକ୍ରିୟା ଅପେକ୍ଷାକୃତ ଶସ୍ତା। ପ୍ରତିବର୍ଷ କୋଟି କୋଟି ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଆକାରରେ ପରିବେଶରେ ପଡିରହୁଛି। ଏଥିରୁ ଅଳ୍ପ କିଛି ରିସାଇକ୍ଲିଂ କରାଯାଉଛି। କିନ୍ତୁ ରିସାଇକ୍ଲିଂ ହୋଇପାରୁ ନ ଥିବା ପ୍ଲାଷ୍ଟିକ୍‌ର ସଦୁପଯୋଗ ପାଇଁ ଆମେ ଉଦ୍ୟମ ଜାରି ରଖିଛୁ ବୋଲି ସ୍ୱାନ୍‌ସି ୟୁନିଭର୍ସିଟି ଗବେଷକ ମୋରିଜ୍ କୁଏନେଲ୍ ପ୍ରକାଶ କରିଛନ୍ତି।

ଅଧିକାଂଶ ପ୍ଲାଷ୍ଟିକ୍ ବୋତଲ ପିଇଟି (ପଲିଥିଲିନ୍ ଟେରିଫ୍‌ଥାଲେଟ୍)ରୁ ତିଆରି ହୋଇଥିବାରୁ ସେଗୁଡିକୁ ରିସାଇକ୍ଲିଂ କରାଯାଇପାରିବ। କିନ୍ତୁ ସେଗୁଡିକୁ ପୋଡିଦିଆଯିବା କିମ୍ବା ଫିଙ୍ଗିଦିଆଯିବାରୁ ପରିବେଶ ପ୍ରଦୂଷଣର କାରଣ ହେଉଛି। ବୈଜ୍ଞାନିକଙ୍କ ନୂତନ ପଦ୍ଧତି ଦ୍ୱାରା ସବୁ ପ୍ରକାର ନଷ୍ଟ ପ୍ଲାଷ୍ଟିକ୍‌ରୁ ଉଦ୍‌ଯାନ ଗ୍ୟାସ୍ ସୃଷ୍ଟି କରାଯାଇ ପାରିବ। ଏହାଦ୍ୱାରା କାର୍ ଇଞ୍ଜିନ୍‌କୁ ଶକ୍ତିକ୍ଷମ କରାଯାଇ ପାରିବ। ଏହି ଇନ୍ଧନକୁ ଶିଳ୍ପସଂସ୍ଥାରେ ବ୍ୟବହାର କରିବା ପାଇଁ ଆଉ କିଛିବର୍ଷ ଲାଗିପାରେ ବୋଲି କୁଏନେଲ୍ ପ୍ରକାଶ କରିଛନ୍ତି।

## ଇତିହାସର ଆଇନାରେ — ସେପ୍ଟେମ୍ବର ୭ର ପ୍ରମୁଖ ଘଟଣା

ବ୍ରିଟେନ ଉପରେ ଜର୍ମାନର ବୋମାମାଡ଼ ୧୯୪୦ ସେପ୍ଟେମ୍ବର ୭ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନ ସେନା ବ୍ରିଟେନ୍ ସହ ଲଢିବାର ରଣନୀତିରେ ପରିବର୍ତ୍ତନ କରିଥିଲା। ଲଣ୍ଡନ ସହିତ ବ୍ରିଟେନର ବିଭିନ୍ନ ସହର ଉପରେ ୫୭ ଦିନ ପର୍ଯ୍ୟନ୍ତ ବୋମା ମାଡ଼ ହୋଇଥିଲା। ବିଶେଷ କରି ଏହି ଆକ୍ରମଣରେ ୪୦ ହଜାର ଲୋକ ପ୍ରାଣ ହରାଇଥିଲେ ଏବଂ ଲକ୍ଷାଧିକ ଘର ଧ୍ୱଂସ ହୋଇଯାଇଥିଲା।

୧୯୨୩ ସେପ୍ଟେମ୍ବର ୭ରେ ଅନ୍ତର୍ଜାତୀୟ ଅପରାଧ ପୋଲିସ ସଂସ୍ଥା(ଇଣ୍ଟରପୋଲ)ର ଗଠନ ହୋଇଥିଲା। ଏହା ବିଭିନ୍ନ ଦେଶର ପୋଲିସ ସହିତ ସହଯୋଗ ରକ୍ଷା କରି ଅନ୍ତର୍ଜାତୀୟ ସ୍ତରର ଅପରାଧୀଙ୍କୁ ଧରିଥାଏ। ଏହାର ପ୍ରଥମ ମୁଖ୍ୟାଳୟ ଭିଏନା (ଅଷ୍ଟ୍ରିଆ)ରେ ରହିଥିଲା। ୧୯୨ ଟି ଦେଶ ଏହାର ସଦସ୍ୟ ରହିଛନ୍ତି। ତେବେ ୧୯୮୯ ରେ ଲିୟୋନ (ଫ୍ରାନ୍ସ)କୁ ସ୍ଥାନାନ୍ତରଣ କରିଦିଆଯାଇଥିଲା। ଏହାର ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ର ମଧ୍ୟରେ ଅଷ୍ଟ୍ରିଆ, ଜର୍ମାନୀ, ବେଲଜିୟମ, ପୋଲାଣ୍ଡ, ଚାଇନା, ଇଜିପ୍ଟ, ଫ୍ୟାନ୍ସ, ଗ୍ରୀସ୍, ହଙ୍ଗେରି, ନେଦରଲାଣ୍ଡ ଏବଂ ରୋମାନିଆ ଭଳି ପ୍ରମୁଖ ରାଷ୍ଟ୍ର ରହିଛି।



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ
**ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା**
୭ ସେପ୍ଟେମ୍ବର, ୨୦୧୮ ଶୁକ୍ରବାର, ସନ୍ଧ୍ୟା ୬.୩୦ ଘଟିକା
କଳିଙ୍ଗ କନଭେନସନ୍ ହଲ୍, ପାନ୍ଥନିବାସ, ଭୁବନେଶ୍ୱର
ସ୍ମାରକୀ ବକ୍ତୃତା ପ୍ରଦାନ କରିବେ:
**ପ୍ରଫେସର ଡକ୍ଟର ନିତ୍ୟାନନ୍ଦ ଶତପଥୀ**
ବିଷୟ: ପଣ୍ଡିତ ନୀଳକଣ୍ଠ ଦାସ: ଭାଷା, ସାହିତ୍ୟ ଓ ସଂସ୍କୃତି
ମୁଖ୍ୟଅତିଥି : ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସମ୍ମାନନୀୟ ବକ୍ତା : ଡକ୍ଟର ପୂର୍ଣ୍ଣେନ୍ଦୁ କୁମାର ଦାସ
ସଭାମୁଖ୍ୟ : ଶ୍ରୀ ହରିହର ମିଶ୍ର, ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ
ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ, ସୁଧୀବୃନ୍ଦ ଯୋଗଦାନ କରିବାକୁ ଅନୁରୋଧ।
ଜୟନ୍ତୀ ରଥ, ସଚିବ

**ଓଡ଼ିଶା ସରକାର**
**ଜଙ୍ଗଲ ଓ ପରିବେଶ ବିଭାଗ**
**ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର)ଙ୍କ କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର**

**କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କ ନିମନ୍ତେ ସହାୟତା**

ଓଡ଼ିଶା ସରକାର, ଜଙ୍ଗଲ ଓ ପରିବେଶ ଅଧୀନରେ ଥିବା କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ତଥା ସାମୟିକ କର୍ମଚାରୀଙ୍କ ପାଇଁ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି କଲ୍ୟାଣ ଟ୍ରଷ୍ଟ / ସାମୟିକ କର୍ମଚାରୀ କଲ୍ୟାଣ ଟ୍ରଷ୍ଟ ମାଧ୍ୟମରେ ସରକାର ନିମ୍ନଲିଖିତ ସୁବିଧାସୁଯୋଗ ପ୍ରଦାନ କରିଛନ୍ତି।

| କର୍ମଚାରୀ | କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି | ସାମୟିକ |
|---|---|---|
| ୧. **ଅନୁକମ୍ପାମୂଳକ ସହାୟତା** (ମୃତ୍ୟୁ ତଥା ସମ୍ପୂର୍ଣ୍ଣ ଅକର୍ମଣ୍ୟ ନିମନ୍ତେ) (୦୧।୧୨।୨୦୧୬ରୁ କାର୍ଯ୍ୟକାରୀ) | ୧,୦୦,୦୦୦/- | ୧,୦୦,୦୦୦/- |
| ୨. **କନ୍ୟା ବିବାହ ସହାୟତା** (କେବଳ ୨ଟି କନ୍ୟା ନିମନ୍ତେ) | ୨୫,୦୦୦/- | - |
| ୩. **ଚିକିତ୍ସା ସହାୟତା** (ହୃଦ୍‌ରୋଗ ଚିକିତ୍ସା ତଥା ଅସ୍ତ୍ରୋପଚାର / କର୍କଟ ରୋଗ ଚିକିତ୍ସା/ ବୃକକ୍ ଅକାମୀ / ପିତ୍ତକୋଷ ଚିକିତ୍ସା ନିମନ୍ତେ | ୨,୦୦,୦୦୦/- ପର୍ଯ୍ୟନ୍ତ | ୨,୦୦,୦୦୦/- ପର୍ଯ୍ୟନ୍ତ |

୪. ଶିକ୍ଷାବୃତ୍ତି (ପ୍ରତ୍ୟେକ ତୋଳାଳି, ବନ୍ଧାଳି ଓ ସାମୟିକ କର୍ମଚାରୀଙ୍କ ଦୁଇଟି ସନ୍ତାନ ପାଇଁ ୨୦୧୮ ଶିକ୍ଷାବର୍ଷଠାରୁ ଉଦ୍ଦିଷ୍ଟ)

| କ୍ରମିକ ସଂଖ୍ୟା | ଶ୍ରେଣୀ (ପାଠ୍ୟକ୍ରମ) | ଶିକ୍ଷାବୃତ୍ତି (ଟଙ୍କା/ବାର୍ଷିକ) ଛାତ୍ର | ଛାତ୍ରୀ |
|---|---|---|---|
| ୧ | +୨ (କଳା/ବିଜ୍ଞାନ/ବାଣିଜ୍ୟ/ITI Course) | ୭୦୦୦/- | ୧୦,୫୦୦/- |
| ୨ | +୩ (କଳା/ବିଜ୍ଞାନ/ବାଣିଜ୍ୟ/C.T./Diploma in Engineering) | ୧୫,୦୦୦/- | ୨୨,୫୦୦/- |
| ୩ | Post Graduate / B.Ed. | ୨୦,୦୦୦/- | ୩୦,୦୦୦/- |
| ୪ | B.Tech / MBBS | ୨୫,୦୦୦/- | ୩୫,୦୦୦/- |
| ୫ | Nursing Course | ୦ | ୨୫,୦୦୦/- |

୨୦୧୭ ବର୍ଷରେ ନିୟୋଜିତ ତୋଳାଳି, ବନ୍ଧାଳିମାନଙ୍କ ନିମନ୍ତେ ସହାୟତା ଆବେଦନ କରିବାର ଶେଷ ତାରିଖ : ଅକ୍ଟୋବର ୩୧ ତାରିଖ ଅଟେ।

ଏହି ସୁବିଧା ସୁଯୋଗ ପାଇବା ପାଇଁ କେନ୍ଦୁପତ୍ର ଶ୍ରମିକ କଲ୍ୟାଣ ପାଣ୍ଠିର ସଦସ୍ୟ ହେବା ନିହାତି ଜରୁରୀ। ଏଥିପାଇଁ ସମ୍ପୃକ୍ତ ବନପାଳଙ୍କୁ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବେଦନ ପତ୍ର ସହିତ ସଦସ୍ୟ ପାଉଣା ପଇଠକରି ରସିଦ ସଂଗ୍ରହ କରିବା ପାଇଁ ଅନୁରୋଧ।

ସମସ୍ତ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି ତଥା ସାମୟିକ କର୍ମଚାରୀ ଏହାର ସୁବିଧା ନେଇପାରିବେ।

ସ୍ୱା./- ପ୍ରଧାନ ମୁଖ୍ୟ ବନ ସଂରକ୍ଷକ
(କେନ୍ଦୁପତ୍ର) ଓଡ଼ିଶା

# CLASSIFIED DISPLAY













MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable









## ସଂକ୍ଷେପରେ

### ଭି.ଡି. କଲେଜକୁ କ୍ଲଷ୍ଟର ୟୁନିଭରସିଟି ମାନ୍ୟତା

ଭୁବନେଶ୍ୱର, ୬।୯(ବ୍ୟୁରୋ)-ଅବିଭକ୍ତ କୋରାପୁଟ ଜିଲାରେ ଉଚ୍ଚଶିକ୍ଷାର ବିସ୍ତାର ପାଇଁ ରୁଷା ଯୋଜନାରେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟକୁ କ୍ଲଷ୍ଟର ୟୁନିଭରସିଟିରେ ପରିଣତ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଇଛନ୍ତି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପ୍ରକଳ୍ପ ଅନୁମୋଦନ ବୋର୍ଡ (ପିଏବି)ରେ ରାଜ୍ୟ ସରକାରଙ୍କ ତରଫରୁ ପଠାଯାଇଥିବା ପ୍ରସ୍ତାବଗୁଡ଼ିକ ଉପସ୍ଥାପନ କରାଯାଇଥାଏ ଏବଂ ଯେଉଁଗୁଡ଼ିକ ଅନୁମୋଦନ ଲାଗୁ ହୋଇଥାଏ ତାହା କାର୍ଯ୍ୟକାରୀ କରାଯାଇଥାଏ। ବର୍ତ୍ତମାନ ରୁଷା ୨.୦ର ନିର୍ଦ୍ଦେଶାବଳୀ ଅନୁସାରେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ହେବା ପାଇଁ ଯେକୌଣସି ଅଗ୍ରଣୀ ମହାବିଦ୍ୟାଳୟ ୩.୫ ନାକ୍ ମାନ୍ୟତାପ୍ରାପ୍ତ ହେବା ନିହାତି ଜରୁରୀ। ମାତ୍ର ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ୨.୭୯ ମାନ୍ୟତା ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଉକ୍ତ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନାକ୍ ମାନ୍ୟତାରେ ଉନ୍ନତି ଆଣିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

### ରାଜ୍ୟରେ ୭୦ଟି କୁଶଳତା ବିକାଶ କେନ୍ଦ୍ର

ଭୁବନେଶ୍ୱର,୬।୯(ବ୍ୟୁରୋ)- ରାଜ୍ୟରେ ଯୁବତୀଯୁବକମାନଙ୍କୁ କୁଶଳୀ କରିବା ପାଇଁ ୭୦ଟି କୁଶଳତା ବିକାଶ କେନ୍ଦ୍ର ତଥା କୁଶଳତା ବିକାଶ ସମ୍ପ୍ରସାରଣ କେନ୍ଦ୍ର କାର୍ଯ୍ୟ କରୁଅଛି। ତନ୍ମଧ୍ୟରୁ ଅବିଭକ୍ତ କୋରାପୁଟ ଜିଲାର କୋରାପୁଟରେ ୨ଟି, ନବରଙ୍ଗପୁରରେ ୪ଟି, ମାଲ୍‌କାନଗିରିରେ ୨ଟି ଏବଂ ରାୟଗଡ଼ା ଜିଲାରେ ଗୋଟିଏ ଏହିପରି ମୋଟ୍ ୯ଟି କେନ୍ଦ୍ର କାର୍ଯ୍ୟ କରୁଅଛି। ମାର୍ଚ୍ଚ ୨୦୧୮ ସୁଦ୍ଧା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ୪୬,୮୨୩ ଯୁବତୀ ଯୁବକଙ୍କୁ ତାଲିମ୍ ଦିଆଯାଇ କୁଶଳୀ କରାଯାଇଛି। ତନ୍ମଧ୍ୟରୁ ୫୭୫୭ ଜଣ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇ ସାରିଲେଣି ବୋଲି କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଉଷା ଦେବୀ ଏହା କହିଛନ୍ତି।

### ଶିକ୍ଷକଙ୍କୁ ଆର୍‌ଏସିପି ପ୍ରଦାନ ପ୍ରସଙ୍ଗ

ଭୁବନେଶ୍ୱର,୬।୯(ବ୍ୟୁରୋ)-ରାଜ୍ୟରେ କାର୍ଯ୍ୟରତ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରିଭାଇଜ୍‌ଡ ଆସ୍ୟୁଓର୍ଡ କ୍ୟାରିୟର ପ୍ରୋଗ୍ରେସ (ଆରଏସିପି) ଲାଭ ପାଉଛନ୍ତି। ମାତ୍ର କେତେକ ମାମଲାରେ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲଙ୍କ ଆଦେଶ ବିରୋଧରେ ସରକାର ଆପିଲ୍ ଦାୟର କରିଛନ୍ତି। ଅନ୍ୟ କେତେକ ମାମଲାରେ ଅଦାଲତଙ୍କ ଆଦେଶର ତର୍ଜମା କରାଯାଉଛି। ତେଣୁ ସମ୍ପୃକ୍ତ ଶିକ୍ଷକମାନେ ସେହି ସୁବିଧାରୁ ବଞ୍ଚିତ ହୋଇଛନ୍ତି ବୋଲି କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କହିଛନ୍ତି।

### ଭି.ଡି. କଲେଜରେ ୩୬ ଅଧ୍ୟାପକ ପଦବୀ ଖାଲି

ଭୁବନେଶ୍ୱର,୬।୯(ବ୍ୟୁରୋ)- ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩୬ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଏହି ମହାବିଦ୍ୟାଳୟରେ ୨୦୧୭-୧୮ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗର ୧୦ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି।

୨୦୧୭-୧୮ ବର୍ଷର ରାଜ୍ୟର ସରକାରୀ କଲେଜଗୁଡ଼ିକରେ ଖାଲି ପଡ଼ିଥିବା ୧୬୧ଟି ପଦବୀ ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗଙ୍କୁ ସୁପାରିସ କରାଯାଇଛି। ସେହି ଚୟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ମିଳିବା ପରେ ଉକ୍ତ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ କରାଯିବ। ଏତଦ୍‌ବ୍ୟତୀତ ଖାଲି ପଡ଼ିଥିବା ପଦବୀରେ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ଶିକ୍ଷାଦାନ କାର୍ଯ୍ୟ ସମ୍ପାଦନ କରିବାକୁ ରାଜ୍ୟର ସବୁ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଅନୁମତି ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

■ ଆନ୍ଦୋଳନରତ ଶିକ୍ଷକଙ୍କୁ ଡରାଇଲେ ସରକାର

# ସ୍କୁଲରେ ଅନୁପସ୍ଥିତ ରହିଲେ ଦରମା କଟିବ

■ ପ୍ରଭାବ ପଡ଼ିବନି: ମିଳିତ ମଞ୍ଚ
■ ସୋମବାରଠାରୁ ବ୍ଲକ ଅଫିସ ଆଗରେ ଧାରଣା

ଭୁବନେଶ୍ୱର, ୬।୯(ବ୍ୟୁରୋ)

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ପ୍ରଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ନିଷ୍ପତ୍ତି ଅନୁଯାୟୀ ଗୁରୁବାରଠାରୁ ସ୍କୁଲ, କଲେଜରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଶିକ୍ଷକମାନେ ଦାବି ହାସଲ ପାଇଁ ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି। ଫଳରେ ରାଜ୍ୟର ଅନେକ ନୂତନ ଅନୁଦାନପ୍ରାପ୍ତ(ବ୍ଲକ୍‌ଗ୍ରାଣ୍ଟ), ପ୍ରତ୍ୟାଶୀ ସ୍କୁଲ ଓ କଲେଜରେ ଶିକ୍ଷକ ଏବଂ ଅଧ୍ୟାପକ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଛି। ଏପରିସ୍ଥିତିରେ ସରକାର ଶିକ୍ଷକଙ୍କ ଦାବି ପୂରଣ କରିବା ବଦଳରେ ସେମାନଙ୍କୁ ଡରାଇବାକୁ ଉଦ୍ୟମ କରିଛନ୍ତି। ସ୍କୁଲ ପ୍ରଧାନଶିକ୍ଷକଙ୍କ ବିନା ଅନୁମତିରେ କୌଣସି ଶିକ୍ଷକ, କନିଷ୍ଠ ଶିକ୍ଷକ ଏବଂ କନିଷ୍ଠ ଶିକ୍ଷକ(ଚୁକ୍ତିଭିତ୍ତିକ) ବିଧାନସଭା ସମ୍ମୁଖରେ ଧାରଣାରେ ବସିଥିଲେ ସେମାନଙ୍କ ବିରୋଧରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଜିଲା ଶିକ୍ଷାଧିକାରୀ(ଡିଇଓ) ଏବଂ ବ୍ଲକ ଶିକ୍ଷାଧିକାରୀ(ବିଇଓ) ସ୍କୁଲରେ ପହଞ୍ଚି ଶିକ୍ଷକଙ୍କ ଉପସ୍ଥାନ ଖାତା ଯାଞ୍ଚ କରିବେ। ବିନା ଅନୁମତିରେ ଯେଉଁ ଶିକ୍ଷକ ଧାରଣାସ୍ଥଳକୁ ଆସିଥିବେ ସେମାନଙ୍କ ଦୈନିକ ଦରମା କଟାଯିବ। ଗୁରୁବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଡିଇଓ ଏବଂ ବିଇଓଙ୍କୁ ଏ ନେଇ ଚିଠି ଲେଖି ଜଣାଇଛନ୍ତି।

ତେବେ ସରକାରଙ୍କ ଏଭଳି ଚେତାବନୀକୁ ଆନ୍ଦୋଳନରତ ଶିକ୍ଷକମାନେ ଖାତିର କରିନାହାନ୍ତି। ଏ ନେଇ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କୁହନ୍ତି, ଶିକ୍ଷକଙ୍କ ଉପରେ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ନାହିଁ। କାରଣ ଶିକ୍ଷକମାନେ ବିଭାଗ ଅଧୀନକୁ ଆସିନାହାନ୍ତି। ବିଭାଗ ଅଧୀନକୁ ସମ୍ପୂର୍ଣ୍ଣ ଭାବେ ଆସିବାକୁ ଏହି ଆନ୍ଦୋଳନ କରାଯାଉଛି। ସ୍କୁଲ ଛାଡି ଆନ୍ଦୋଳନରେ ବସିଥିବା ଶିକ୍ଷକଙ୍କ ଉପରେ ସ୍କୁଲ ପରିଚାଳନା କମିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। କମିଟି ଅଧୀନରେ ଶିକ୍ଷକମାନେ ସ୍କୁଲରେ କାର୍ଯ୍ୟ କରୁଛନ୍ତି। ପରିଚାଳନା କମିଟି ଶିକ୍ଷକମାନଙ୍କୁ କହିଛି, ଆନ୍ଦୋଳନ କରି ସରକାରଙ୍କ ପାଖରୁ ନିଜର ଦାବି ହାସଲ କରିବାକୁ। ତେଣୁ ସଚିବ ଯେଉଁ ଚିଠି ଜାରି କରିଛନ୍ତି ତାହା କୌଣସି ପ୍ରଭାବ ପକାଇବ ନାହିଁ ବୋଲି ମହାନ୍ତି କହିଛନ୍ତି।

ସଚିବ ଚିଠିରେ କହିଛନ୍ତି ଯେ, ନୂଆ କରି ନିଯୁକ୍ତି ପାଇଥିବା କୌଣସି ଚୁକ୍ତିଭିତ୍ତିକ ଶିକ୍ଷକ ସ୍କୁଲରେ ଅନୁପସ୍ଥିତ ଥିଲେ ସେମାନଙ୍କ ବାର୍ଷିକ ଚୁକ୍ତିକୁ ଆସନ୍ତା ବର୍ଷ ମାର୍ଚ୍ଚରେ ନବୀକରଣ କରାଯିବ ନାହିଁ। ଆନ୍ଦୋଳନ ଯୋଗୁ ଯେଉଁ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି ସେଠାରେ କିପରି ଠିକ୍‌ରେ ପଢା ଜାରି ରହିବ ସେନେଇ ବ୍ୟବସ୍ଥା କରିବାକୁ ବିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପଟେ ମିଳିତ ମଞ୍ଚର ଆନ୍ଦୋଳନ ସରକାରଙ୍କୁ ଅଡୁଆରେ ପକାଇଛି। ଶିକ୍ଷକଙ୍କ ପ୍ରସଙ୍ଗକୁ ନେଇ ଦୁଇଦିନ ହେଲା ବିରୋଧୀ କଂଗ୍ରେସ ଏବଂ ଭାଜପା ଗୃହରେ ସରକାରଙ୍କୁ ଘେରି ହଙ୍ଗାମା କରୁଛନ୍ତି। ସେପଟେ ଆନ୍ଦୋଳନକୁ ବ୍ୟାପକ କରିବାକୁ ମଞ୍ଚ ନିଷ୍ପତ୍ତି ନେଇଛି। ଆସନ୍ତା ସୋମବାରଠାରୁ ମିଳିତ ମଞ୍ଚର ଶିକ୍ଷକମାନେ ଲୋୟର ପିଏମ୍‌ଜି ସହିତ ବ୍ଲକ ଅଫିସ୍ ଆଗରେ ଧାରଣାରେ ବସିବେ। ମଞ୍ଚର କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଆବାହକ ପ୍ରକାଶ ମହାନ୍ତି, ଗୋଲକ ନାୟକ ଏବଂ ପବିତ୍ର ମହାଲା କହିଛନ୍ତି।

ଶିକ୍ଷକଙ୍କ ଦାବି ସଂକ୍ରାନ୍ତରେ ଆଲୋଚନା ପାଇଁ ଗୁରୁବାର ଅପରାହ୍ନରେ ମନ୍ତ୍ରୀସ୍ତରୀୟ ବୈଠକ ବସିଥିଲା। ହେଲେ ବୈଠକରେ କୌଣସି ନିର୍ଯାସ ବାହାରିପାରି ନ ଥିବା ଜଣାପଡିଛି। ବୈଠକରେ ସରକାରଙ୍କ ପକ୍ଷରୁ କ'ଣ ନିଷ୍ପତ୍ତି ନିଆଗଲା ସେନେଇ ମିଳିତ ମଞ୍ଚକୁ ଅବଗତ କରାଯାଇ ନାହିଁ ବୋଲି ଆବାହକ ମହାନ୍ତି କହିଛନ୍ତି।



ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ୬ଦଫା ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଗୁରୁବାର ଆୟୋଜିତ ବିଶାଳ ବିକ୍ଷୋଭ ସମାବେଶ।

# ଜଟଣୀ ଆଇଆଇସିଙ୍କୁ ରିମାଣ୍ଡରେ ଆଣିପାରେ ଏସ୍‌ଟିଏଫ୍

ଭୁବନେଶ୍ୱର, ୬।୯(ବ୍ୟୁରୋ)

୫୦ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଥିବା ଜଟଣୀ ଥାନା ଅଧିକାରୀ ସଞ୍ଜୀବ ମହାନ୍ତିଙ୍କ ପାଇଁ ଅଡୁଆ ବଢ଼ିଲା। ଗୁରୁବାର ଢେଙ୍କାନାଳ ଜିଲାରେ ଥିବା ତାଙ୍କ ପୈତୃକ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଚଢାଉ ବେଳେ ଭିଜିଲାନ୍ସ ଅଧିକାରୀମାନେ ବହୁ ସମ୍ପତ୍ତିର କାଗଜପତ୍ର ସହିତ ସୁନା ଗହଣା ଜବତ କରିଛନ୍ତି। ଏସବୁର ମାଲିକାନା ଥାନା ଅଧିକାରୀ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଗ୍ୟାଙ୍ଗଷ୍ଟର ସୟଦ ଉସ୍‌ମାନ ଅଲୀ ଓରଫ ଟିଟୋଙ୍କ ସହ ଆଇଆଇସି ସଞ୍ଜୀବଙ୍କ ଲିଙ୍କ୍ ଥିବା ଟିଟୋଙ୍କ ଭାଇ ସପୋ ପୂର୍ବରୁ କହିଥିଲେ। ସଞ୍ଜୀବ କେନ୍ଦ୍ରାପଡାରେ ଥିବାବେଳେ କିଭଳି ଟିଟୋଙ୍କୁ ଆପରାଧିକ କାର୍ଯ୍ୟରେ ସହଯୋଗ କରୁଥିଲେ ସେନେଇ ସପୋ ବୟାନ ଦେଇଥିଲେ। କିନ୍ତୁ କ୍ରାଇମବ୍ରାଞ୍ଚ ପକ୍ଷରୁ କୌଣସି ଖୋଳତାଡ଼ କରାଯାଇ ନ ଥିଲା। ଏବେ ସଞ୍ଜୀବ ଗିରଫ ହେବା ପରେ ତାଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ରିମାଣ୍ଡରେ ଆଣିପାରେ ବୋଲି ସୂଚନା ମିଳିଛି। ଏସ୍‌ଟିଏଫ୍ ଏସ୍‌ପି ସତ୍ୟଜିତ୍ ନାୟକ କହିଛନ୍ତି, ତଦନ୍ତକାରୀ ଅଧିକାରୀମାନେ ତଦନ୍ତ କରୁଛନ୍ତି। ଆବଶ୍ୟକ ପଡିଲେ ସଞ୍ଜୀବଙ୍କୁ ରିମାଣ୍ଡରେ ଅଣାଯାଇପାରେ।

**ଟିଟୋ ଲିଙ୍କ୍**

ସୂଚନାଯୋଗ୍ୟ, ଟିଟୋ ଏବଂ ଥାନା ଅଧିକାରୀ ଗୋଆ ଯାଇ ହୋଟେଲରେ ରହି ମଉଜମସ୍ତି କରୁଥିବା ଟିଟୋଙ୍କ ଭାଇ ସାପୋ କହିଥିଲେ। ଏହାସତ୍ତ୍ୱେ ସଞ୍ଜୀବଙ୍କ ବିରୋଧରେ କୌଣସି ତଦନ୍ତ ହୋଇ ନ ଥିଲା। ଜଟଣୀ ଥାନାରେ ରହିବା ପରେ ଥାନା ବାବୁ ଟିଟୋଙ୍କୁ ସହଯୋଗ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଜଟଣୀ ଥାନା ଦେଇ ଯାଉଥିବା ଏକାଧିକ ଗୋରୁ ବୋଝେଇ ଗାଡିକୁ ଥାନା ବାବୁ ନିଜେ ଦାୟିତ୍ୱ ନେଇ ପଠାଉଥିଲେ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଜଟଣୀ ଅଞ୍ଚଳବାସୀ କହିଛନ୍ତି ଯେ, ଜଟଣୀ ଥାନାରେ କେବଳ ଥାନା ଅଧିକାରୀ ଲାଞ୍ଚୁଆ ନ ଥିଲେ ଅନ୍ୟ କେତେଜଣ କର୍ମଚାରୀ ମଧ୍ୟ ଲାଞ୍ଚଖୋର ମନୋବୃତ୍ତିର ଅଛନ୍ତି। ତେଣୁ ଥାନାର ସମସ୍ତ କର୍ମଚାରୀଙ୍କୁ ବଦଳି କରାଯାଉ ବୋଲି ସ୍ଥାନୀୟଲୋକେ କହିଛନ୍ତି। ଏ ନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ସମସ୍ତ କର୍ମଚାରୀଙ୍କୁ ବଦଳାଇବା ନେଇ ଭୁବନେଶ୍ୱର ଡିସିପିଙ୍କ ସହ ଆଲୋଚନା କରୁଛି। ଶୁକ୍ରବାର ପୋଲିସ ଏଷ୍ଟାବ୍ଲିଶ ବୋର୍ଡ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

# ଶ୍ରୀମନ୍ଦିର ହୁଣ୍ଡିରୁ ମିଳିଛି ୧୬ କିଲୋ ସୁନା ଓ ୭୦୬୮ ଲକ୍ଷ ଟଙ୍କା

ଭୁବନେଶ୍ୱର,୬।୯(ବ୍ୟୁରୋ)-

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ହୁଣ୍ଡିରୁ ଭକ୍ତମାନେ ଦାନ କରିଥିବା ୧୬ କିଲୋରୁ ଅଧିକ ସୁନା ଓ ପ୍ରାୟ ୭୦୬୮ ଲକ୍ଷ ଟଙ୍କା ମିଳିଲାଣି। ଭାଜପା ସଭ୍ୟ ଦିଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଏହି ତଥ୍ୟ ଦେଇଛନ୍ତି।

୧୯୮୩ ଅଗଷ୍ଟ ୨୩ ତାରିଖରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ହୁଣ୍ଡି ସ୍ଥାପନ କରାଯାଇଥିଲା। ସେବେଠାରୁ ଗତ ଜୁଲାଇ ଶେଷ ସୁଦ୍ଧା ଶ୍ରଦ୍ଧାଳୁମାନେ ହୁଣ୍ଡିରେ ୭୦୬୭ ଲକ୍ଷ ୯୨ ହଜାର ୭୭୫ ଟଙ୍କା ୮୫ ପଇସା ଦାନ ଦେଇଛନ୍ତି। ଏହାଛଡ଼ା ଏହି ବର୍ଷଗୁଡ଼ିକ ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିରକୁ ମୋଟ୍ ୧୬ କିଲୋ ୧୫ ଗ୍ରାମ୍ ଓଜନର ସୁନା ଗତ ଅଗଷ୍ଟ ଶେଷ ସୁଦ୍ଧା ମିଳିଛି। ଏଥିରୁ ୧୪ କିଲୋ ୫୬୦ ଗ୍ରାମ୍ ସୁନା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଲକର୍‌ରେ ରଖାଯାଇଛି। ତେବେ ଦାନ ଓ ହୁଣ୍ଡିରୁ ମିଳିଥିବା ରୁପା ସାମଗ୍ରୀ ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ ଚାଲିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ରତ୍ନଭଣ୍ଡାର ଚାବି ନ ମିଳିବା ଘଟଣା ୨୦୧୮ ଏପ୍ରିଲ୍ ୪ ତାରିଖ ଅପରାହ୍ନରେ ଶ୍ରୀମନ୍ଦିର ପ୍ରଶାସନ ନଜରକୁ ଆସିଥିଲା। ଏ ସଂକ୍ରାନ୍ତରେ ଚାଲିଥିବା ତଦନ୍ତ କମିଶନଙ୍କ ତଦନ୍ତ ଶେଷ ହେବା ପରେ ଭଣ୍ଡାର ସମ୍ପତ୍ତିର ସରଜମିନ୍ ଅନୁଧ୍ୟାନ କରାଯିବ। ୧୯୭୮ରେ ଭିତର ଓ ବାହାର ରତ୍ନଭଣ୍ଡାରରେ ରଖାଯାଇଥିବା ଅଳଙ୍କାରର ହିସାବ କରାଯାଇଥିଲା। ସେତେବେଳେ ଶ୍ରୀମନ୍ଦିରରେ ୧୨,୮୩୮ ଭରି ଏକଅଣା ଓଜନର ମୂଲ୍ୟବାନ ପଥର ସହିତ ସୁନା ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ଏବଂ ୨୨,୧୫୩ ଭରି ଓଜନର ମୂଲ୍ୟବାନ ପଥର ସହିତ ରୁପା ବାସନ ଓ ପୂଜା ସାମଗ୍ରୀ ଆଦି ଥିଲା। ଏହାଛଡ଼ା ସେତେବେଳେ ୧୪ଟି ସୁନା ଓ ରୁପା ଜିନିଷ ବିଭିନ୍ନ କାରଣରୁ ଓଜନ କରାଯାଇପାରି ନ ଥିଲା। ବିଶେଷଜ୍ଞମାନଙ୍କ ଦ୍ୱାରା ରତ୍ନଭଣ୍ଡାରର ସାମଗ୍ରୀଗୁଡ଼ିକର ମୂଲ୍ୟାୟନ କରାଯିବା ପରେ ଏହାର ମୂଲ୍ୟ ନିରୂପଣ ହେବ।

# ରାଜନୈତିକ ମୋଡ଼ ନେଲା ପୋଲିସ-ଆଇନଜୀବୀ ବିବାଦ

■ ଆଇନଜୀବୀଙ୍କ ପାଇଁ ଅଣ୍ଟା ଭିଡ଼ିଲା କଂଗ୍ରେସ
■ ଆଗାମୀ ଦିନରେ ପ୍ରତିବାଦ ଜୋର୍‌ଦାର ହେବ
■ ପୂର୍ବରୁ ରାସ୍ତାକୁ ଓହ୍ଲାଇଥିଲା ଭାଜପା

କଟକ ଅଫିସ, ୬।୯-

ମାଡ଼ ଘଟଣାକୁ ନେଇ କଟକରେ ଆଇନଜୀବୀ ଓ ପୋଲିସ ମଧ୍ୟରେ ଉପୁଜିଥିବା ବିବାଦ ଥମିବାରେ ନାଁ ଧରୁନି। ଏହି ଘଟଣାକୁ ନେଇ ଆଇନଜୀବୀମାନେ ୯ ଦିନ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାବେଳେ ଏହା କ୍ରମଶଃ ରାଜନୈତିକ ମୋଡ଼ ନେବାରେ ଲାଗିଛି। ଆଇନଜୀବୀଙ୍କ ଆନ୍ଦୋଳନକୁ ସମର୍ଥନ କରି ବୁଧବାର କଟକ ଜିଲା ଭାଜପା ରାସ୍ତାକୁ ଓହ୍ଲାଇଥିଲା। ଏବେ କଂଗ୍ରେସ ଆଇନଜୀବୀଙ୍କ ପାଇଁ ଅଣ୍ଟା ଭିଡିଲାଣି। ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇ ପ୍ରତିବାଦ କରିବ ବୋଲି ଗୁରୁବାର କଟକ ନଗର କଂଗ୍ରେସ ଚେତାବନୀ ଦେଇଛି।

ଏହାକୁ ନେଇ ନଗର କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମ କହିଥିଲେ, ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଆଇନଜୀବୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏହାଦ୍ୱାରା ମାମଲା ପରିଚାଳନା ବିଳମ୍ବିତ ହେଉଥିବାରୁ ନ୍ୟାୟ ପ୍ରଭାବିତ ହୋଇଛି। ତେବେ ଦୁଃଖର କଥା ସରକାର ଏଯାଏ ମୁହଁ ଖୋଲୁନାହାନ୍ତି। ଏପରିକି ଆଇନଜୀବୀମାନଙ୍କ ଆନ୍ଦୋଳନ ଚାଲୁଥିବା ସମୟରେ ନିଜେ ଆଇନମନ୍ତ୍ରୀ କଟକ ଆସିଥିଲେ ମଧ୍ୟ ଏହି ବିଷୟରେ କୌଣସି ମନ୍ତବ୍ୟ ରଖିବାକୁ ମନା କରିଦେଇଥିଲେ। ସେହିପରି ସ୍ଥାନୀୟ ବିଧାୟକ ପଦୁଟିଏ ନ କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ଅନ୍ୟପକ୍ଷରେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଆଇନଜୀବୀଙ୍କୁ ନିଜ ଦଳ ସପକ୍ଷରେ ନେବାକୁ ଭାଜପା ଭଳି କଂଗ୍ରେସ ମଧ୍ୟ ଏହାକୁ ଏକ ସୁଯୋଗ ବୋଲି ଧରି ନେଇଥିବା ଚର୍ଚ୍ଚା ହେଉଛି। ବରିଷ୍ଠ ଖବରଦାତା ଅରୁଣ ପଣ୍ଡା କହିଛନ୍ତି, ଆଇନଜୀବୀଙ୍କୁ ମାଡ଼ ଘଟଣାରେ ୩ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଏଥିସହ କୋର୍ଟରେ ମାମଲା ମଧ୍ୟ ବିଚାରାଧୀନ ରହିଛି। ଏପରିସ୍ଥଳେ ରାଜ୍ୟର ଦୁଇ ବିରୋଧୀ ଦଳ ଆଇନଜୀବୀଙ୍କ ସମର୍ଥନରେ ବାହାରିବା ନିଶ୍ଚିତ ରାଜନୈତିକ ବାସ୍ନା ଆସୁଛି ବୋଲି ସେ କହିଛନ୍ତି। ସେହିଭଳି ଆଇନଜୀବୀ ଆନ୍ଦୋଳନକୁ ନେଇ ମଧ୍ୟ ଭିନ୍ନ ମତ ଉଠୁଛି। ଆଇନଜୀବୀମାନେ ଆଇନଗତ ଲଢ଼େଇ ନ କରି ପୂରା ନ୍ୟାୟ ବ୍ୟବସ୍ଥାକୁ ଅଚଳ କରିଦେବା ଠିକ୍ ହେଉନାହିଁ ବୋଲି ଅନେକ ମତ ରଖୁଛନ୍ତି। ବିଶେଷକରି ନ୍ୟାୟ ଅପେକ୍ଷାରେ ଥିବା ଲୋକଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।

ସୂଚନାଥାଉକି, ଗତ ୨୮ ତାରିଖରେ ଚାଉଳିଆଗଞ୍ଜ ଅଞ୍ଚଳରେ ହାଇକୋର୍ଟର ଜଣେ ଆଇନଜୀବୀଙ୍କୁ ପୋଲିସ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ପୋଲିସ-ଆଇନଜୀବୀ ମଧ୍ୟରେ ବିବାଦ ଜୋର୍ ଧରିଛି। ସ୍ଥାନୀୟ ଥାନାଧିକାରୀଙ୍କୁ ଗିରଫ ଓ ଡିସିପିଙ୍କ ବଦଳି ଦାବି କରି ଆଇନଜୀବୀ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି।

### ଦୁଇଟି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନେଲେ ସୁଶାନ୍ତ

ଭୁବନେଶ୍ୱର, ୬।୯(ବ୍ୟୁରୋ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସୁଶାନ୍ତ ସିଂହଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ବଲାଙ୍ଗୀର ଜିଲାର ଟିଟିଲାଗଡ ଏବଂ ବରଗଡ ଜିଲା ପଦ୍ମପୁର ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ସୁଶାନ୍ତଙ୍କୁ ଦାୟିତ୍ୱ ଦିଆଯାଇଛି। ଏନେଇ ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ନୃତ୍ୟରେ ଭକ୍ତ-ଭଗବାନ, ମା'-ସନ୍ତାନର କଥା

ଭୁବନେଶ୍ୱର,୬।୯(ବ୍ୟୁରୋ)

ସୁରମଣୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ କଣ୍ଠରୁ ଯେଉଁ ଗୀତଗୋବିନ୍ଦକୁ ଶୁଣି ଆଜି ସମଗ୍ର ଦେଶ ଶ୍ରୀକୃଷ୍ଣଙ୍କ ଭାବରସରେ ଭିଜୁଛି, ସେହି ଗୀତଗୋବିନ୍ଦକୁ ଗୁରୁବାର ଶୁଣିବାକୁ ମିଳିଥିଲା ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ। ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ସୁପୁତ୍ର ତଥା ପ୍ରସିଦ୍ଧ କଣ୍ଠଶିଳ୍ପୀ ପାର୍ଥସାରଥୀ ପାଣିଗ୍ରାହୀ ମଞ୍ଚରେ ଗୀତଗୋବିନ୍ଦକୁ ଅତି ସୁମଧୁର କଣ୍ଠରେ ପରିବେଷଣ କରିଥିଲେ। ଅବସର ଥିଲା ନୃତ୍ୟାନୁଷ୍ଠାନ ସୃଜନ ପକ୍ଷରୁ ଆୟୋଜିତ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ-୨୦୧୮ର ଦ୍ୱିତୀୟ ସନ୍ଧ୍ୟା। କଣ୍ଠସଙ୍ଗୀତ ସହ କୁଚିପୁଡ଼ି ନୃତ୍ୟ ଦ୍ୱିତୀୟ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ସାଜିଥିବା ବେଳେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଗୀତଗୋବିନ୍ଦ ପରିବେଷଣରୁ।

ଓଡ଼ିଶୀ ନୃତ୍ୟ ବିଶାରଦା ସଂଯୁକ୍ତା ପାଣିଗ୍ରାହୀ ଓ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ପୁତ୍ର ପାର୍ଥସାରଥୀ ପ୍ରଥମ ପ୍ରସ୍ତୁତିରେ କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦରୁ ଉଦ୍ଧୃତ 'ଜୟ ଜୟଦେବ ହରେ' ଏବଂ ଏହାପରେ 'ଶ୍ରୀତ କୋମଳ' ପରିବେଷଣ କରିଥିଲେ।


ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ-୨୦୧୮ର ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ପରେ ପରେ ତାଙ୍କ ଦ୍ୱାରା ପରିବେଷିତ 'ମମିୟମ ଚଳିତ ବିଲୋକ୍ୟ', 'ଧୀର ସମିରେ' ଅତ୍ୟନ୍ତ ଚିତ୍ତାକର୍ଷକ ଓ ହୃଦୟସ୍ପର୍ଶୀ ଥିଲା। ସେହିପରି ଆନ୍ଧ୍ରପ୍ରଦେଶର ଲୋକପ୍ରିୟ କୁଚିପୁଡ଼ି ନୃତ୍ୟଶିଳ୍ପୀ ତଥା ମା'-ଝିଅ ଯୋଡ଼ି ବୈଜୟନ୍ତୀ କାଶି ଓ ପ୍ରତୀକ୍ଷା କାଶିଙ୍କ ଦ୍ୱାରା ଯୁଗଳବନ୍ଦୀରେ କୁଚିପୁଡ଼ି ନୃତ୍ୟ ପରିବେଷିତ ହୋଇଥିଲା। ଭକ୍ତ-ଭଗବାନ, ମାତା-ପୁତ୍ରୀ ଓ ମାତା-ପୁତ୍ରର ସମ୍ପର୍କକୁ ସେମାନେ ତିନୋଟି ପର୍ଯ୍ୟାୟରେ ନୃତ୍ୟ ମାଧ୍ୟମରେ ବ୍ୟାଖ୍ୟା କରିଥିଲେ। ଏହି ଯୋଡ଼ିଙ୍କ ପ୍ରଥମ ପ୍ରସ୍ତୁତିରେ ଦେଖିବାକୁ ମିଳିଥିଲା ନୃସିଂହ ଏବଂ ପ୍ରହ୍ଲାଦଙ୍କ ଉପରେ ଆଧାରିତ ଭକ୍ତ ଓ ଭଗବାନଙ୍କ ଗଭୀର ସମ୍ପର୍କର କାହାଣୀ। ଭକ୍ତ ଓ ଭଗବାନ ମଧ୍ୟରେ ଥିବା ଏକ ଅଦୃଶ୍ୟ ସମ୍ପର୍କକୁ ନୃତ୍ୟ ମାଧ୍ୟମରେ ଅତି ଚିତ୍ତାକର୍ଷକ ଶୈଳୀରେ ମଞ୍ଚରେ ଉପସ୍ଥାପନ କରିଥିଲେ। ଏହାପରେ ସେମାନେ ପ୍ରଭୁ ଶ୍ରୀକୃଷ୍ଣ ଓ ଯଶୋଦାଙ୍କ ମଧ୍ୟରେ ଥିବା ବାତ୍ସଲ୍ୟ ରସକୁ ନୃତ୍ୟରେ ଉପସ୍ଥାପିତ କରିଥିଲେ। କାର୍ଯ୍ୟକ୍ରମର ଶେଷ ପ୍ରସ୍ତୁତିରେ ଏହି ମା'-ଝିଅ ଯୋଡ଼ି ଭୂମି ଓ ସୀତାଙ୍କ ମଧ୍ୟରେ ଥିବା ମାତା-ପୁତ୍ରୀର ସମ୍ପର୍କକୁ ଭାବବିହ୍ୱଳ ଶୈଳୀରେ ଦର୍ଶକଙ୍କ ସମ୍ମୁଖରେ ପରସିଥିଲେ, ଯାହାକି ସନ୍ଧ୍ୟାର ଶ୍ରେଷ୍ଠ ପରିବେଷଣ ଥିଲା। ଅତିଥି ଭାବେ ଭାରତୀୟ ବିଦ୍ୟାଭବନର ଉପାଧ୍ୟକ୍ଷ ଡ. ଏସ୍.କେ. ଟାମୋଟିଆ, କ୍ରାଉନ ହୋଟେଲର ଉପାଧ୍ୟକ୍ଷ ଏ.କେ. ତାଲୁକଦାର, ପ୍ରିୟଦର୍ଶିନୀର ଲଲାଟେନ୍ଦୁ ମହାନ୍ତି ଓ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ପ୍ରଫେସର ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ବୈଜୟନ୍ତୀ କାଶି ଓ ପ୍ରତୀକ୍ଷା କାଶିଙ୍କ ଦ୍ୱାରା ଯୁଗଳବନ୍ଦୀରେ କୁଚିପୁଡ଼ି ନୃତ୍ୟ ପରିବେଷଣ।

## ସଂକ୍ଷେପରେ

### ସୁନା ବ୍ୟବସାୟୀ ହତ୍ୟାକାଣ୍ଡ: ସଗୁନି ତଦନ୍ତ, ବଢୁଛି ଉତ୍କଣ୍ଠା

**ଢେଙ୍କାନାଳ ଅଫିସ, ୬।୯**

ଢେଙ୍କାନାଳ ମିନାବଜାର ପଟ୍ଟନାୟକ ସାହିରେ ଭଡ଼ାରେ ରହୁଥିବା ପୂର୍ବମେଦିନୀପୁର ଅଞ୍ଚଳର ସୁନା ବ୍ୟବସାୟୀ ମଣ୍ଟୁ ପାତ୍ର (୪୨) ହତ୍ୟାକାଣ୍ଡ ଘଟଣାକୁ ଇତିମଧ୍ୟରେ ୪ଦିନ ବିତିଲାଣି। ତଥାପି ପୋଲିସ ଏହାର ରହସ୍ୟ ଉନ୍ମୋଚନ କରିବାରେ ସଫଳ ହୋଇପାରିନାହିଁ। ହତ୍ୟାକାଣ୍ଡ ଏବେ ବି ରହସ୍ୟାବୃତ୍ତ ହୋଇରହିଛି। ସହରର ପ୍ରମୁଖ ଚା'ଖଟି, ଜନଗହଳିପୂର୍ଣ୍ଣ ସ୍ଥାନରେ ଏବେ ଏହି ହତ୍ୟାକାଣ୍ଡକୁ ନେଇ ଚର୍ଚ୍ଚା। ଏହା ପଛର ମୁଖ୍ୟ ଖଳନାୟକ କିଏ। କେଉଁ କାରଣରୁ ଘର ଭିତରେ ପଶି ନିର୍ମମ ଭାବେ ମଣ୍ଟୁଙ୍କ ତଣ୍ଟି କାଟି ହତ୍ୟା କରାଗଲା। ଏଥିରେ ପାଖ ସମ୍ପର୍କୀୟଙ୍କ ସମ୍ପୃକ୍ତି ଅଛି କି ନାହିଁ। ଏସବୁ ପ୍ରଶ୍ନକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଗୁରୁବାର ତଦନ୍ତ ଖିଅ ଖୋଜିବା ଆଶାରେ ଏସ୍‌ପି ସନ୍ତୋଷ କୁମାର ନାୟକ ପୁଣିଥରେ ମଣ୍ଟୁଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ ଅରୁଣା ଏବଂ ଦୁଇ ପୁଅଙ୍କୁ ପଚରାଉଚୁରା କରିଛନ୍ତି। ଷ୍ଟେଶନ ବଜାର, କାମାକ୍ଷାନଗର ଅଞ୍ଚଳର ଦୁଇଜଣ ଯୁବକଙ୍କୁ ଆଣି ପୋଲିସ ତନାଘନା କରୁଥିବା ଚର୍ଚ୍ଚା ହେଉଛି। ହତ୍ୟାକାଣ୍ଡର କାରଣ ପାରିବାରିକ କଳହ ହୋଇଥାଇପାରେ ବୋଲି ଆଲୋଚନା ମଧ୍ୟ ହେଉଛି। ଏ ସମ୍ପର୍କରେ ଏସ୍‌ପି କୁହନ୍ତି, ସନ୍ଦେହରେ ବିଭିନ୍ନ ଲୋକଙ୍କୁ ଆଣି ପଚରାଉଚୁରା କରାଯାଉଛି। ମଣ୍ଟୁଙ୍କ ଘରକୁ ଯାଇ ଖୋଳତାଡ଼ କରାଯାଇଛି। ସମସ୍ତ ତଥ୍ୟ ହାସଲ ପରେ ଘଟଣା ପର୍ଦ୍ଦାଫାଶ ହେବ।

### ରିଟେଲରଙ୍କ ବିରୋଧରେ ଅନିୟମିତତା ଅଭିଯୋଗ

**ହନ୍ଦୋଳ,୬।୯(ଡି.ଏନ୍.ଏ.)-**
ହିନ୍ଦୋଳ ବ୍ଲକ କୁଟୁଣିଆ ଗ୍ରାମର ପିଡିଏସ୍ ସାମଗ୍ରୀ ଯୋଗାଣ ଦାୟିତ୍ୱରେ ଥିବା ରିଟେଲରଙ୍କ ବିରୋଧରେ ଅନିୟମିତା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଦୁର୍ନୀତିରେ ବୁଡ଼ି ରହିଥିବା ସତ୍ତ୍ୱେ ତାଙ୍କୁ ପୁନଃ ନିଯୁକ୍ତି କରିବାକୁ ମସୁଧା କରାଯାଉଛି। ଏହାର ପ୍ରତିବାଦରେ ଗୁରୁବାର ଗ୍ରାମବାସୀ ଉପଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନେଇ ତାଙ୍କୁ ସରକାରୀସ୍ତରରେ ପୁନଃନିଯୁକ୍ତି କରାଗଲେ ସେମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଜଣେ ମହିଳାଙ୍କ ନାମରେ ଉକ୍ତ ପିଡିଏସ୍ ସାମଗ୍ରୀ ବଣ୍ଟନ କାର୍ଯ୍ୟାଦେଶ ରହିଛି। ତାଙ୍କ ସ୍ୱାମୀ ଶିକ୍ଷକତା କରନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେ ଲଗାତର ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସାମଗ୍ରୀ ବଣ୍ଟନ କରୁଛନ୍ତି। ଦୀର୍ଘଦିନ ଧରି କାର୍ଯ୍ୟରେ ଥିବାରୁ ବହୁ ଅନିୟମିତତା ହେଉଛି। ଏହି କାରଣରୁ ସମ୍ପୃକ୍ତ ଏସ୍‌ଏଚ୍‌ଜିକୁ ୨୦୧୬ରେ ବେଆଇନ ଘୋଷିତ କରାଯାଥିଲା। ସମ୍ପୃକ୍ତ ବ୍ୟକ୍ତି ଅନ୍ୟ ଏକ ଏସ୍‌ଏଚ୍‌ଜି ଗଠନ କରି ରିଟେଲର ହାତେଇବାକୁ ମସୁଧା କରୁଛନ୍ତି। ପଞ୍ଚାୟତକୁ ଦାୟିତ୍ୱ ଦେଲେ ସବୁକିଛି ଠିକ୍‌ଠାକ୍ ଚାଲିବ ବୋଲି ସ୍ଥାନୀୟ ଜନ ପ୍ରତିନିଧି ଏବଂ ଗ୍ରାମବାସୀ ଉପଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି। ଏ ନେଇ ଉପଜିଲାପାଳ ଭବେଶ ନାୟକ କୁହନ୍ତି, ଗ୍ରାମବାସୀଙ୍କ ଅଭିଯୋଗର ବିଚାର କରାଯିବ। ଉପଯୁକ୍ତ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଶିକ୍ଷା ଦିବସ ପାଳିତ

**କାମାକ୍ଷାନଗର,୬।୯(ଡି.ଏନ୍.ଏ.)-**
କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ଆଳତୁମା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଆଳତୁମା ଗ୍ରାମସଭା ଏବଂ ଶିକ୍ଷା ସମନ୍ୱୟ ସମିତିର ମିଳିତ ଆନୁକୂଲ୍ୟରେ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଗ୍ରାମସଭା ସଭାପତି ବ୍ରହ୍ମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ସମେତ ଆଖପାଖ ଅଞ୍ଚଳର ଶତାଧିକ ଶିକ୍ଷକ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ସାହୁଙ୍କୁ ସ୍ୱର୍ଗତ ନିତ୍ୟାନନ୍ଦ ମହାନ୍ତି ସ୍ମୃତି ସମ୍ମାନ, ନାଲ୍‌କୋ ବିତ୍ତ ଅଧିକାରୀ ବଂଶୀଧର ମହାନ୍ତିଙ୍କୁ ସ୍ୱର୍ଗତ ବିରଞ୍ଚି ନାରାୟଣ ନନ୍ଦ ସ୍ମୃତି ସମ୍ମାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପରିଡ଼ାଙ୍କୁ ସ୍ୱର୍ଗତ ରମେଶ ଚନ୍ଦ୍ର ମହାନ୍ତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍କୁଲର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଶିକ୍ଷାର ସମସ୍ୟା ଉପରେ ଆଲୋଚନା କରିଥିଲେ। ଶିକ୍ଷା ସମନ୍ୱୟ ସମିତି ସଭାପତି ମଦନମୋହନ ମହାନ୍ତି, ଗ୍ରାମସଭା ସମ୍ପାଦକ ମଧୁସୂଦନ ଷଣ୍ଢ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଗୁରୁ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷା ସମନ୍ୱୟ ସମିତି ସମ୍ପାଦକ ବାଳକୃଷ୍ଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାରଜନିତ ପ୍ରସବ ବନ୍ଦ

## ଡାକ୍ତର, ବିଶେଷଜ୍ଞ ଅଭାବ

**ଢେଙ୍କାନାଳ ଅଫିସ, ୬।୯**

ଢେଙ୍କାନାଳ ଜିଲାରେ ଡାକ୍ତର ଅଭାବ ସ୍ୱାସ୍ଥ୍ୟସେବାକୁ ରସାତଳଗାମୀ କଲାଣି। ଉପଯୁକ୍ତ ଚିକିତ୍ସା ଅଭାବରୁ ପ୍ରାଣ ହରାଉଛନ୍ତି ପ୍ରସୂତି, ଗର୍ଭବତୀ, ନବଜାତକ। ଏଥିପାଇଁ ବାରମ୍ବାର ନିନ୍ଦିତ ହେଉଛି ସ୍ୱାସ୍ଥ୍ୟ ବିଭାଗ। ସମସ୍ୟା ସମାଧାନର ବାଟ ନ ମିଳିବାରୁ କାମାକ୍ଷାନଗର ଏବଂ ହିନ୍ଦୋଳ ଭଳି ବୃହତ୍ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାରଜନିତ ପ୍ରସବ ବନ୍ଦ କରିଦିଆଯାଇଛି। ଉଭୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଏବଂ ଆନାସ୍ଥେସିଆ ବିଶେଷଜ୍ଞଙ୍କ ଅଭାବ ଯୋଗୁ ଏପରି ନିଷ୍ପତ୍ତି ନିଆଯାଇଛି। ଢେଙ୍କାନାଳ ଜିଲା ସଦ୍‌ଭାବନା ଗୃହରେ ଗୁରୁବାର ପୂର୍ବାହ୍ନରେ ଆୟୋଜିତ ମା', ନବଜାତକଙ୍କ ସ୍ୱାସ୍ଥ୍ୟ ଓ ପ୍ରସବ ସମ୍ପର୍କିତ ସମୀକ୍ଷା ବୈଠକରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଏହି ସୂଚନା ଦେଇଛନ୍ତି। ପ୍ରଶାସନର ଏପରି ନିଷ୍ପତ୍ତି ପରେ ଲକ୍ଷାଧିକ ରୋଗୀଙ୍କ ସମସ୍ୟା ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି।

କାମାକ୍ଷାନଗର ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କାମାକ୍ଷାନଗର ବ୍ଲକ, ଏନ୍‌ଏସି, କଙ୍କଡ଼ାହାଡ଼, ଭୁବନ, ପରଜଙ୍ଗ ବ୍ଲକର ଗର୍ଭବତୀ, ପ୍ରସୂତି ନିର୍ଭରଶୀଳ। ଏଠାରେ ଦୀର୍ଘଦିନ ହେଲା ସମ୍ପୃକ୍ତ ବିଭାଗରେ ଡାକ୍ତର ପଦବୀ ଖାଲି ପଡ଼ିଛି। ସାଧାରଣ ପ୍ରସବରେ ସମସ୍ୟା ଉପୁଜିଲେ ରୋଗୀଙ୍କୁ ଢେଙ୍କାନାଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ସେହିପରି ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ମଧ୍ୟ ସ୍ତ୍ରୀ ଓ ପ୍ରସୂତି, ଆନାସ୍ଥେସିଆ ବିଶେଷଜ୍ଞ, ଶିଶୁ, ଭେଷଜ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଡାକ୍ତର ନାହାନ୍ତି। ସ୍ୱାସ୍ଥ୍ୟସେବା ଏକପ୍ରକାର ଠପ୍ ହୋଇଯାଇଛି। ହିନ୍ଦୋଳ ଉପଖଣ୍ଡ ଅଞ୍ଚଳର ରୋଗୀମାନେ ବ୍ଲକ ସଦରରୁ ୨୦ କିମି ଦୂର ଅନୁଗୋଳ ଜିଲା ଚିକିତ୍ସାଳୟକୁ ପ୍ରସବ ପାଇଁ ଯାଉଛନ୍ତି। ଅନ୍ୟପଟେ ଏଠାରେ କେବଳ ରକ୍ତ ସଂରକ୍ଷଣ ବ୍ୟବସ୍ଥା ରହିଛି। ପ୍ରସବଜନିତ ଅସ୍ତ୍ରୋପଚାର ସମୟରେ ବର୍ଗ ଅନୁଯାୟୀ ଆବଶ୍ୟକ ରକ୍ତ ମହଜୁଦ୍ ନ ଥିଲେ ସମସ୍ୟା ସୃଷ୍ଟି ହେଉଛି। ହିନ୍ଦୋଳରେ ରକ୍ତଭଣ୍ଡାର କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଏପରି ଅସୁବିଧା ଉପୁଜୁଛି। ଏସବୁ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ୨ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାରଜନିତ ପ୍ରସବ ବନ୍ଦ କରାଯାଇଥିବା ଜଣାପଡ଼ିଛି। ଖୁବ୍ ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଏହି ଅବସରରେ ୨୦୧୭-୧୮ବର୍ଷରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପରଜଙ୍ଗ ବ୍ଲକ ଦଦରାଘାଟିରେ ପିପିପି ମୋଡ୍‌ରେ ନିଉଇଣ୍ଡିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପରିଚାଳିତ ହେଉଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଶେଷଦେବ ରାଉତ ପୁରସ୍କାର ଗ୍ରହଣ କରିଥିଲେ। ଜିଲା ପରିଷଦ ସଭାନେତ୍ରୀ ମିନତି ନାୟକ, ନଗରପାଳ ସୁଧାଂଶୁ କୁମାର ଦଳେଇ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାସୁଦେବ ବେହେରା, କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲ, ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଭାନୁପ୍ରତାପ ଆଚାର୍ଯ୍ୟ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପରିଚାଳକ ରୂପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ନିଉଇଣ୍ଡିଆ ସମ୍ପାଦକ ଶେଷଦେବ ରାଉତଙ୍କ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଉଛି।


ଧାରଣାରତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ।

## ପିଇଓଙ୍କ କଲମଛାଡ଼ ଆନ୍ଦୋଳନ

**ହିନ୍ଦୋଳ, ୬।୯(ଡି.ଏନ.ଏ.)**

ରାସୋଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ବସନ୍ତ ବେହେରାଙ୍କୁ ବ୍ଲକ ଅଧ୍ୟକ୍ଷ ମାଡ଼ ମାରିବା ଅଭିଯୋଗ ଆସିବା ପରେ ଆନ୍ଦୋଳନ ଡାକରା ଦେଇଛି ଜିଲା ପିଇଓ ସଂଘ। ଗୁରୁବାରଠାରୁ ବ୍ଲକର ୨୭ଜଣ ନିର୍ବାହୀ ଅଧିକାରୀ କଲମଛାଡ଼ ଆନ୍ଦୋଳନ ମାଧ୍ୟମରେ ଏହାର ପ୍ରତିବାଦ କରିଛନ୍ତି।

ପିଇଓ ବେହେରାଙ୍କ କହିବା ଅନୁଯାୟୀ, ରାସୋଳ ପଞ୍ଚାୟତର ଜଣେ ସ୍ୱଚ୍ଛଳବର୍ଗ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଇବାକୁ ବ୍ଲକ ଅଧ୍ୟକ୍ଷ ବାଧ୍ୟ କରିଥିଲେ। ଏଥିରେ ସହମତି ନ ହେବାରୁ ଅଗଷ୍ଟ ୩୦ରେ ବାଲିମୀସ୍ଥିତ ତାଙ୍କ ବାସଭବନରେ ବ୍ଲକ ଅଧ୍ୟକ୍ଷ ମାଡ଼ ମାରିଥିଲେ। ଏ ସଂକ୍ରାନ୍ତରେ ସେ ଜିଲାପାଳ, ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏ ନେଇ ଗୁରୁବାର ପୁନର୍ବାର ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯିବା ସହ ବ୍ଲକ ଅଧ୍ୟକ୍ଷଙ୍କ ଏପରି କାର୍ଯ୍ୟକୁ କଡ଼ା ନିନ୍ଦା କରାଯାଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ଆଗକୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଂଘ ସଭାପତି ଇବ୍ରାହିମ ଖାଁ, ଲାଲବିହାରୀ ସାହୁ, ଶୁକଦେବ ସାହୁ,ରଞ୍ଜନ ସେଠୀ, ରମେଶ ବିଶ୍ୱାଳ, ସମରେନ୍ଦ୍ର ମହାପାତ୍ର, ଦୀନେଶ ସାମଲ, ମଙ୍ଗରାଜ ପ୍ରଧାନ, ଭଗବାନ ହେମ୍ବ୍ରମ, ପ୍ରତାପ ଦାସ, ପଙ୍କଜ ମହାଳିକ, ସାରଙ୍ଗଧର ସ୍ୱାଇଁ, ବିଶ୍ୱଭୂଷଣ ନାୟକ, ଶଶିରେଖା ସିଂ, ମାନସ ଦ୍ୱିବେଦୀ, ଭଜମନ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

## କୃତୀ ପ୍ରତିଯୋଗୀ ପୁରସ୍କୃତ

**ହିନ୍ଦୋଳ, ୬।୯(ଡି.ଏନ.ଏ.)**

ହିନ୍ଦୋଳ ଟାଉନ ହଲ୍‌ରେ ସ୍ୱାଧୀନତା ଦିବସର କୃତୀ ପ୍ରତିଯୋଗୀଙ୍କୁ ବୁଧବାର ପୁରସ୍କୃତ କରାଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ଭବେଶ ନାୟକ, ସମ୍ମାନିତ ଅତିଥି ତହସିଲଦାର ଅଜୟ ମଲ୍ଲିକ, ଉପନିବନ୍ଧକ ସତ୍ୟାନନ୍ଦ ଦାସ, ରାଜସ୍ୱ ଅଧିକାରୀ ସୁକାନ୍ତ ବେଉରା, ଗଜାନନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକର ଶ୍ରେଷ୍ଠ କଳାକାର ଯାଦୁକର ବିମଳ କୁମାର ବିଶ୍ୱାଳ, ସଫଳ ଚାଷୀ ନାରାୟଣ ବେହେରାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

■ ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

# ବ୍ୟବସାୟୀଙ୍କୁ ଗୋଡ଼ାଇ ହାଣିଲେ



ଅଭିଯୁକ୍ତଙ୍କୁ ପୋଲିସ ଧରି ନେଉଛି (ବାମ)। ଆକ୍ରମଣରେ ବ୍ୟବହୃତ କଟୁରି।

**ଢେଙ୍କାନାଳ ଅଫିସ, ୬।୯**

ଢେଙ୍କାନାଳର ଅନ୍ୟତମ ଜନଗହଳିପୂର୍ଣ୍ଣ ସ୍ଥାନ ଜବାହାରଚୌକ ନିକଟ ଜଗନ୍ନାଥ ରୋଡ୍‌ରେ ଗୁରୁବାର ଜଣେ ପରିବା ବ୍ୟବସାୟୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ଶିବ ସେନାପତି (୫୨)। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସ୍ପଷ୍ଟ ଦିବାଲୋକରେ ବିରଞ୍ଚି ସାହୁ (୪୮) ଗୋଡ଼ାଇ ଗୋଡ଼ାଇ କଟୁରିରେ ତାଙ୍କୁ ହାଣିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଶିବଙ୍କ ମୁଣ୍ଡ, ବାମ କାନ୍ଧରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି।

ଶିବ ହାଟରୋଡ଼ ନିକଟରେ ଏକ ଭଡ଼ାଘରେ ରହୁଥିବାବେଳେ ରଥଗଡ଼ା ପରିବା ମାର୍କେଟରେ ବ୍ୟବସାୟ କରନ୍ତି। ସେଠାରେ ମାଣବାସାହି ଅଞ୍ଚଳର ବିରଞ୍ଚି ମଧ୍ୟ ପରିବା ଦୋକାନ କରିଛନ୍ତି। ଉଭୟଙ୍କ ମଧ୍ୟରେ ପୂର୍ବରୁ ବଚସା ହୋଇଥିଲା। ଗୁରୁବାର ଅପରାହ୍ନରେ ଶିବ ବ୍ୟବସାୟ ସାରି ସାଇକେଲରେ ଜଗନ୍ନାଥ ରୋଡ ଦେଇ ଘରକୁ ଫେରୁଥିବାବେଳେ ବିରଞ୍ଚି ଅନ୍ୟ ଏକ ସାଇକେଲରେ ଆସି ପଛପଟୁ ଆକ୍ରମଣ କରିଥିଲେ। ଶିବ ତଳେ ପଡ଼ିଯିବା ପରେ ସେ କଟୁରିରେ ତାଙ୍କ ମୁଣ୍ଡକୁ ହାଣି ପକାଇଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ପୋଲିସକୁ ସୂଚନା ଦେବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ପୋଲିସ ବିରଞ୍ଚିଙ୍କୁ ଗିରଫ କରିବା ସହ ରାସ୍ତାରେ ପଡ଼ିଥିବା ରକ୍ତାକ୍ତ କଟୁରିକୁ ଜବତ କରିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୨୪୭/୧୮ରେ ମାମଲା ରୁଜୁ କରାଯାଇଛି।

## ବଜ୍ରପାତରେ ଶ୍ରମିକ ମୃତ

**କାମାକ୍ଷାନଗର,୬।୯(ଡି.ଏନ୍.ଏ.)**
କାମାକ୍ଷାନଗର ବ୍ଲକ ସାରୁଆଳି ଗ୍ରାମର ବିମଳ ପରିଡ଼ା (୨୪) ଗୁରୁବାର ବଜ୍ରପାତରେ ପ୍ରାଣ ହରାଇଛନ୍ତି। ବିମଳ ଜଣେ ଶ୍ରମଜୀବୀ। ସେ ନୂଆଆଳତୁମା ପାଣିଟାଙ୍କି ପାଖରେ ଘର କାମ କରୁଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନଂ.୨୪/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଶିକ୍ଷକଙ୍କୁ ଲୁଟିଲେ

**ରାସୋଳ, ୬।୯(ଡି.ଏନ.ଏ.)**
ରାସୋଳ ଥାନା ଖଲିବୋରେଇ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ପ୍ରଭାସ ଚନ୍ଦ୍ର ଘଡ଼େଇଙ୍କଠାରୁ ଗୁରୁବାର ଦୁର୍ବୃତ୍ତମାନେ ୧୮ ହଜାର ଟଙ୍କା ଲୁଟି ନେଇଛନ୍ତି। ବାସଗୃହ ନିର୍ମାଣ ଲାଗି ପ୍ରଭାସ ଜଣେ ବ୍ୟକ୍ତିଙ୍କଠାରୁ ୧୮ ହଜାର ଟଙ୍କା ଧାର ଆଣି ବାଇକ୍‌ରେ ଘରକୁ ଫେରୁଥିଲେ। ଖରଚୁଲି ମଠ ନିକଟରେ ୫ ଜଣ ଦୁର୍ବୃତ୍ତ ୨ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ଡିକି ଭାଙ୍ଗି ଅଭିଯୁକ୍ତମାନେ ଟଙ୍କା ଲୁଟି ନେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

## ହାତୀ ଉପଦ୍ରବ ନେଇ ଉଦ୍‌ବେଗ

**ସାତମାଇଲ, ୫।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାରାଲିଗାଲ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସନ୍ତୋଷ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ଉପଦେଷ୍ଟା ମୁରଲୀଧର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା।

ହିନ୍ଦୋଳ ଉପଖଣ୍ଡ ଅଧୀନ ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ବନ ବିଭାଗ ଅଧିକାରୀଙ୍କ ଉଦାସୀନତାରୁ ଧନଜୀବନ ହାନି ହେଉଛି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାର ସ୍ଥାୟୀ ପ୍ରତିକାର ଦାବିରେ ବିଭାଗୀୟ ଅଧିକାରୀଙ୍କୁ ସ୍ମାରକପତ୍ର ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଏଥିସହିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଅଭାବ ସମସ୍ୟା, ଶିଶୁ ଶ୍ରମିକ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଛି। କର୍ମକର୍ତ୍ତାମାନେ ନିଜ ଅଞ୍ଚଳର ସମସ୍ୟାକୁ ପ୍ରାଥମିକତା ଦେଲେ ସଙ୍ଗଠନର ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। କୁଷଳ ପଟ୍ଟନାୟକ, ପ୍ରଭାତ ରଞ୍ଜନ ପୃଷ୍ଟି, ନଗେଶ ଧର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

■ ରାଜ୍ୟପାଳ ଟ୍ରଫି ପାଇଁ ଜିଲାସ୍ତରୀୟ ପ୍ରତିଯୋଗିତା

# ରାଜ୍ୟସ୍ତରକୁ ଗଲେ ୮ ପ୍ରତିଯୋଗୀ

**ଢେଙ୍କାନାଳ ଅଫିସ, ୬।୯**

ଢେଙ୍କାନାଳ ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟରରେ ଗୁରୁବାର ରାଜ୍ୟପାଳ ଟ୍ରଫି ପାଇଁ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ପ୍ରତିଯୋଗିତାକୁ ଅତିରିକ୍ତ ଜିଲାପାଳ ଅବନୀକାନ୍ତ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ହରିହର ପଞ୍ଚୁଆତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

କନିଷ୍ଠ ଓ ବରିଷ୍ଠ ବିଭାଗରେ ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଓଡ଼ିଶୀ ନୃତ୍ୟରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଛାତ୍ରୀ ସୁଲଗ୍ନା ମହାନ୍ତି, ଲୋକନୃତ୍ୟରେ ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲ ଛାତ୍ରୀ ସାବିତ୍ରୀ ମହାରଣା, ସଙ୍ଗୀତରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀ ସିମରନ ଦାସ, ଚିତ୍ରାଙ୍କନରେ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ଛାତ୍ର ଜ୍ଞାନେନ୍ଦ୍ର ବେହେରା ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। କନିଷ୍ଠ ବିଭାଗ ଓଡ଼ିଶୀ ନୃତ୍ୟରେ ମଣ୍ଟଫୋର୍ଟ ସ୍କୁଲର ଛାତ୍ର ଶ୍ରେୟାଶ୍ରୀ ମହାରଣା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଲୋକନୃତ୍ୟ, ସଙ୍ଗୀତ ଏବଂ ଚିତ୍ରାଙ୍କନରେ ଯଥାକ୍ରମେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀ ଜାଗୃତି ତ୍ରିପାଠୀ, ସୌମ୍ୟାଶ୍ରୀ ମହାନ୍ତି ଏବଂ ଛାତ୍ର ଦିବ୍ୟାଙ୍କ ଦାସ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ସମ୍ପୃକ୍ତ ୮ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ।

ଅପରାହ୍ନରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପଜିଲାପାଳ ପୀତାମ୍ବର ସାମଲ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲା ସଂସ୍କୃତି ପରିଷଦ ସଂଯାଜକ ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶତ୍ରୁଘ୍ନ ମାଟି, ଯାମିନୀ ରଞ୍ଜନ ଦାସ, ସତ୍ୟନାରାୟଣ କର ପ୍ରମୁଖ ଉପସ୍ଥିତ ଥିଲେ।

# ଦଳିତ ସାହିକୁ ବଢୁଛି ବିପଦ

## ଭୁବନରେ ବର୍ଷାବିପ୍ରାତ

- ବର୍ଷାପାଣିରେ ଭିଜି ଫାଟିଲାଣି ଅନେକ ଘର
- ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି ପରିବାର ଲୋକେ
- ସମସ୍ୟା ବଢ଼ିଲେ ସ୍ଥାନାନ୍ତର କରାଯିବ: ତହସିଲଦାର

**ଭୁବନ, ୬।୯(ଡି.ଏନ୍.ଏ.)**

ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପ ନେବା ପରେ ସାରା ରାଜ୍ୟରେ ଲାଗି ରହିଛି ଲଗାଣବର୍ଷା। ଏହାର ପ୍ରଭାବ ଦେଖିବାକୁ ମିଳିଛି ଭୁବନ ଏନ୍‌ଏସି ଅଞ୍ଚଳରେ। ୫ଦିନ ଧରି ଜାରି ରହିଥିବା ବର୍ଷା ୧୨ନଂ. ୱାର୍ଡ ଅଧୀନ ଦଳିତ ସାହିବାସୀଙ୍କ ପାଇଁ ଦୁର୍ଦ୍ଦଶା ଆଣିଛି। ବର୍ଷା ପାଣିରେ ଭିଜି କାଲ ମଳିକଙ୍କ ଘର ଗୁରୁବାର ଭାଙ୍ଗିଯାଇଛି। ସୌଭାଗ୍ୟବଶତଃ ଏଥିରେ କାହାରି କୌଣସି କ୍ଷତି ହୋଇନାହିଁ। ଏ ନେଇ କାଲ ତହସିଲଦାର ଶକ୍ତିକାନ୍ତ ରାୟଙ୍କୁ ଲିଖିତ ଅଭିଯୋଗ କରିବା ପରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ତଦନ୍ତ କରାଯାଇଛି।

ଦଳିତ ସାହିରେ ୨୦ରୁ ଊର୍ଦ୍ଧ୍ୱ ପରିବାରର ୧୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦିନ ମଜୁରିଆ ହୋଇଥିବାବେଳେ ଝାଟିମାଟି ଘରେ ରହୁଛନ୍ତି। ବର୍ଷା ଲାଗି ରହିଥିବାରୁ ଅନେକ ଘର ଫାଟି ଯାଇଛି। ଅନ୍ୟ ଉପାୟ ନ ଥିବାରୁ ସମ୍ପୃକ୍ତ ପରିବାର ବିପଦସଙ୍କୁଳ ଅବସ୍ଥାରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି। ଦିନେ ଦୁଇଦିନ ବର୍ଷା ଜାରି ରହିଲେ ଅବସ୍ଥା ସାଂଘାତିକ ହୋଇପଡ଼ିବ ବୋଲି ଅଞ୍ଚଳବାସୀ କହିଛନ୍ତି।

ଏ ସଂକ୍ରାନ୍ତରେ ତହସିଲଦାର କୁହନ୍ତି, ଅଭିଯୋଗ ମିଳିବା ପରେ ସାହି ଉପରେ ନଜର ରଖାଯାଇଛି। ଆବଶ୍ୟକ ହେଲେ ସାହିବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ।

ଏଠାରେ ଉଲ୍ଲେଖଯୋଗ୍ୟ, ଦଳିତ ସାହିର ଅନେକ ପରିବାର ବିଜୁ ପକ୍କାଘର ପାଇଁ ପ୍ରଶାସନ ନିକଟରେ ଆବେଦନ କରିଛନ୍ତି। ହେଲେ କାହାରିକୁ କାର୍ଯ୍ୟାଦେଶ ଦିଆଯାଇନାହିଁ। ତେଣୁ ବର୍ଷାଦିନେ ସେମାନେ ହଇରାଣ ହେଉଛନ୍ତି। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଆବାସ ଯୋଜନାରେ ସାମିଲ କରାଗଲେ ସେମାନେ ଉପକୃତ ହୋଇପାରିବେ ବୋଲି କହିଛନ୍ତି।


ଲଗାଣ ବର୍ଷାରେ ଭାଙ୍ଗିଯାଇଥିବା ଘର।

## ସଂକ୍ଷେପରେ

### ବେଣାଗାଡ଼ିଆ ଅଗ୍ନିକାଣ୍ଡ ଘଟଣା
## ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**ଅନୁଗୋଳ ଅଫିସ, ୬।୯:** ଅନୁଗୋଳ ଥାନା ଜରାସିଙ୍ଗାର ବେଣାଗାଡ଼ିଆ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ଘର ସହ ଜଳିଯାଇଥିବା ମହିଳା ନିରାଶ ସୁରୀ(୫୫) ଓ ଅନ୍ୟ ଜଣେ ପୁରୁଷଙ୍କ ମୃତଦେହର ବ୍ୟବଚ୍ଛେଦ କରାଯାଇଛି। ନିରାଶଙ୍କ ମୃତଦେହ କଟକସ୍ଥିତ ଏଫଏମ୍‌ଟିକୁ ପଠାଯାଇଥିବା ବେଳେ ପରିଚୟ ମିଳି ନ ଥିବା ଅନ୍ୟ ଏକ ମୃତଦେହକୁ ମେଡିକାଲର ଶବ ସଂରକ୍ଷିତ ଗୃହରେ ରଖାଯାଇଛି। ଅନ୍ୟପକ୍ଷରେ ଗୁରୁବାର ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ଘଟଣାସ୍ଥଳରୁ ହାଡ଼, ପାଉଁଶ, କାଠଖଣ୍ଡ ଆଦି ସଂଗ୍ରହ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବୁଧବାର ବେଣାଗାଡ଼ିଆଠାରେ ଥିବା ଜଙ୍ଗଲ ଅଞ୍ଚଳର ଏକ ଘରେ ଅଗ୍ନିକାଣ୍ଡ ଘଟିଥିବା ଖବରପାଇ ପୋଲିସ ପହଞ୍ଚିଥିଲା। ହେଲେ ଉକ୍ତ ଘର ଜଳି ସାରିଥିବା ବେଳେ ତାହା ମଧ୍ୟରୁ ସମ୍ପୃକ୍ତ ମହିଳା ଓ ପୁରୁଷଙ୍କ ମୃତଦେହ ଉଦ୍ଧାର କରି ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ବାଳକୃଷ୍ଣଙ୍କ ଶତବାର୍ଷିକ ସମାରୋହ ଆରମ୍ଭ

**ଅନୁଗୋଳ ଅଫିସ, ୬।୯:** ଅନୁଗୋଳ ଜିଲାର ବରପୁତ୍ର ବାଳକୃଷ୍ଣ ପଟ୍ଟନାୟକଙ୍କ ଶତବାର୍ଷିକ ସମାରୋହ ଗୁରୁଦିବସ ଠାରୁ ଆରମ୍ଭ ହୋଇଛି। ତାଙ୍କ ଜନ୍ମସ୍ଥାନ ବଣ୍ଟାଁରପାଳ ବ୍ଲକ ବଡ଼କେରଜାଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଏହା ପାଳନ କରାଯାଇଥିଲା। ଏଥିରେ ବଡ଼କେରଜାଙ୍ଗ ପଞ୍ଚାୟତ ଅଧୀନରେ ଥିବା ୭ଟି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶେଷରେ ୪୮ ଜଣ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା। ବାଳକୃଷ୍ଣ ପଟ୍ଟନାୟକ ଟ୍ରଷ୍ଟର ଟ୍ରଷ୍ଟି ଡକ୍ଟର ରମାମଞ୍ଜରୀ ସାହୁ ଅଧ୍ୟକ୍ଷତା କରିଥିବାବେଳେ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଗନ ବିହାରୀ ପ୍ରଧାନ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଡକ୍ଟର ବିଜୟାନନ୍ଦ ନାଏକ, ମୁଖ୍ୟବକ୍ତା ଭାବେ ଅକ୍ଷୟ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଧନେଶ୍ୱର ସାହୁ, ଦିଲୀପ କୁମାର ପ୍ରଧାନ, ବନବିହାରୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ବର୍ଷ ମଇ ୧୯ ପର୍ଯ୍ୟନ୍ତ ଅନୁଗୋଳର ବିଭିନ୍ନ ସ୍ଥାନରେ ଚାଲିବ ବୋଲି ବାଳକୃଷ୍ଣ ପଟ୍ଟନାୟକ ଟ୍ରଷ୍ଟ ସଭାପତି ଅକ୍ଷୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରଧାନ ଶିକ୍ଷକ ମହେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

### ପୁରୁଣାମାଣତ୍ରୀ ଉପ୍ରା ବିଦ୍ୟାଳୟ
# ସ୍କୁଲ ଚଟାଣ ଖାଲଖମା

**ଆଠମଲ୍ଲିକ, ୬।୯(ଡି.ଏନ.ଏ.)**

- ଭାଙ୍ଗିଗଲାଣି ଶ୍ରେଣୀଗୃହ, ପାଚେରି, ମୁଖଶାଳା
- ଛାତରୁ ସିମେଣ୍ଟ ଖସୁଛି, ପାଣି ଗଳୁଛି
- ୧୪ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରୁନି ଅର୍ଦ୍ଧନିର୍ମିତ ଘର



ସରକାରୀ ଉଦାସୀନତା ତଥା ଶିକ୍ଷା ବିଭାଗର ଅବହେଳାର ଶିକାର ହୋଇଛି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଶିକ୍ଷା ବିଭାଗର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ବିଦ୍ୟାଳୟରେ ଶ୍ରେଣୀଗୃହ, ପାଚେରି, ମୁଖଶାଳା ଆଦି ଭାଙ୍ଗିରୁଜି ଗଲାଣି। ମରାମତି ଅଭାବ ତଥା ନୂତନ ନିର୍ମାଣ ହେଉ ନ ଥିବାରୁ ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଅବସ୍ଥାରେ ସେଠାରେ ପାଠ ପଢୁଛନ୍ତି। ଅବସ୍ଥା ଏପରି ହୋଇଛି ଯେ ଶ୍ରେଣୀଗୃହର ଚଟାଣ ଖାଲଖମାରେ ଭର୍ତ୍ତି ହୋଇଛି। ଅନେକ ସମୟରେ ଛାତରୁ ସିମେଣ୍ଟ ଚିପ୍ସ ଖସୁଛି। ଏ ନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

୧୯୪୩ରୁ ସ୍ଥାପିତ ଏହି ବିଦ୍ୟାଳୟ ଉପରେ ପୁରୁଣାମାଣତ୍ରୀ ପଞ୍ଚାୟତର ନୂଆମାଣତ୍ରୀ ଓ ପୁରୁଣାମାଣତ୍ରୀ, କୁଦଗାଁ ପଞ୍ଚାୟତର କୁଦୁଗାଁ ଓ ଖଡରାପଡାର ୪ ଖଣ୍ଡ ଗ୍ରାମବାସୀ ନିର୍ଭର କରନ୍ତି। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ଥିବାବେଳେ ମୋଟ ୧୨୪ ଛାତ୍ରୀଛାତ୍ରଙ୍କ ପାଇଁ ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ହେଲେ ଶ୍ରେଣୀଗୃହ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଭାବକ ତଥା ଅଞ୍ଚଳମାସୀ ଅଭିଯୋଗ କରିଛନ୍ତି। ଚତୁର୍ଥ, ପଞ୍ଚମ, ଷଷ୍ଠ ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଥିବା ଶ୍ରେଣୀଗୃହରୁ ବର୍ଷା ହେଲେ ପାଣି ଝରିବା ସହିତ ଛାତରୁ ସିମେଣ୍ଟ ଚିପ୍ସ ଖସୁଛି। ଏପରିକି ସିମେଣ୍ଟ ଚଟାଣ ଉଠିଯାଇ ଖାଲଖମାରେ ଭର୍ତ୍ତି ହୋଇଛି। ୨୦୦୩-୦୪ ମସିହାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୨ଟି ଶ୍ରେଣୀଗୃହ ନିର୍ମାଣ ଆରମ୍ଭ ହୋଇ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ କରିବାକୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଦ୍ୟାଳୟଟି ପୂର୍ତ୍ତ ବିଭାଗ ରାସ୍ତା କଡରେ ରହିଥିଲେ ମଧ୍ୟ ଏହାର ଚତୁଃପାର୍ଶ୍ୱରେ ପାଚେରି ନାହିଁ। ରାସ୍ତା ନିର୍ମାଣ ସମୟରେ ସମ୍ମୁଖ ଭାଗରେ ଥିବା ପାଚେରି ଭାଙ୍ଗିଯାଇଥିବା ଜଣାପଡିଛି। ଏହି ରାସ୍ତା ଯୋଗୁ ବିଦ୍ୟାଳୟର ମୁଖଶାଳା ପ୍ରଭାବିତ ହୋଇଛି। ସ୍କୁଲ ସମସ୍ୟା ନେଇ ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିବା ସେମାନେ ପ୍ରକାଶ କରିଛନ୍ତି। ସେହିପରି ଗ୍ରାମବାସୀ ଶିକ୍ଷାବିଭାଗ, ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପକ୍ଷରୁ ମଧ୍ୟ ଶିକ୍ଷା ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ପ୍ରଧାନ ଶିକ୍ଷକ ସଦାଶିବ ଦଳବେହେରା କହିଛନ୍ତି। ତୁରନ୍ତ ଏହି ସମସ୍ୟାଗୁଡିକର ସମାଧାନ କରାଯିବାକୁ ପଞ୍ଚାୟତର ଉଦୀପ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ଶୂନ୍ୟବାସୀ ଦଳବେହେରା, ଅରୁଣ ଭୋକ୍ତା, ସତ୍ୟାନନ୍ଦ ପ୍ରଧାନ, ଅନ୍ତର୍ଯ୍ୟାମୀ ଦେହୁରୀ, ପ୍ରଶାନ୍ତ କ୍ଷେତୀ, ହେମନ୍ତ କୁମ୍ଭାର, ଫକୀର ମହାନନ୍ଦିଆ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ଚନ୍ଦ୍ର ଦାସ କୁହନ୍ତି, ଶ୍ରେଣୀଗୃହ ନିର୍ମାଣ ନ ହେବା ମୋ ଦୃଷ୍ଟିକୁ ଆସିନି। ଏହାର ତଦନ୍ତ କରି ପଦକ୍ଷେପ ନିଅଯିବ। ଏହାଛଡା ସର୍ବଶିକ୍ଷା ଅଭିଯାନ ଆଦିରୁ ସ୍କୁଲ ମେଣ୍ଟେନାନ୍ସ ପାଇଁ ଆସୁଥିବା ଟଙ୍କାରେ ସ୍କୁଲ କର୍ତ୍ତୃପକ୍ଷ ମରାମତି କାମ କରିପାରିବେ ବୋଲି ସେ କହିଥିଲେ।

## ଶିଶୁଯତ୍ନ ଅନୁଷ୍ଠାନର କାର୍ଯ୍ୟକ୍ରମ ସମୀକ୍ଷା

**ଢେଙ୍କାନାଳ ଅଫିସ, ୬।୯**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ଶିଶୁଯତ୍ନ ଅନୁଷ୍ଠାନର କାର୍ଯ୍ୟକ୍ରମ ସମୀକ୍ଷା କରାଯାଇଛି। ଜିଲାପାଳ ନିଖିଲ ପୱନ କଲ୍ୟାଣ ସଦର ବ୍ଲକ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଶିଶୁଗୃହ, ମହୁଲପଡ଼ାସ୍ଥିତ ବିଶ୍ୱକୁନ୍ତଳ ଶିଶୁଗୃହ, ଦେଉଳସାହି ଜୁବୁଲିଟାଉନସ୍ଥିତ ଆଦୃତା ଶିଶୁଗୃହର ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିଥିଲେ। ଅନ୍ତେବାସୀଙ୍କ କାଉନସେଲିଂ ଏବଂ ସୁପରିଚାଳନା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାରେ କାର୍ଯ୍ୟରତ ଓପନ ସେଲ୍‌ଟରଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉ ନାହିଁ। ଶିଶୁଯତ୍ନ ଅନୁଷ୍ଠାନରେ କର୍ମଚାରୀ ଅଭାବ ସାଙ୍ଗକୁ ଆନୁଷଙ୍ଗିକ ଭିତ୍ତିଭୂମିର ଅଭାବ ରହିଛି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି କମ୍ପ୍ୟୁଟର ବ୍ୟବସ୍ଥା, ଖେଳପଡ଼ିଆ ସୁବିଧା କରିବାକୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଶିଶୁ କଲ୍ୟାଣ କମିଟିଦ୍ୱାରା ଶିଶୁ ସୁରକ୍ଷା ସମ୍ପର୍କିତ ୩୧ ଘଟଣାର କାଉନସେଲିଂ କରି ସମାଧାନ କରାଯାଇଛି। ତନ୍ମଧ୍ୟରେ ଗୋଟିଏ ଟ୍ରାଫିକିଂ, ଗୋଟିଏ ଅପହରଣ, ୬ ନିଖୋଜ, ୭ ନାବାଳିକା ବିବାହ, ୨ ପୋଷ୍ୟ ସନ୍ତାନ ଗ୍ରହଣ, ୩ ବାହାରକୁ ସ୍ଥାନାନ୍ତରଣ, ୧୧ ଶିଶୁ ଶ୍ରମିକ ମାମଲା ରହିଥିବା ସୂଚନା ଦିଆଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଶିଶୁଯତ୍ନ ଗୃହର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ପ୍ରତାପ ଆଚାର୍ଯ୍ୟ, ସଭ୍ୟ ନିରଞ୍ଜନ ମିଶ୍ର, ଅଖିଳ ରଥ, ଭାନୁମତୀ ପାଣି, ନିବେଦିତା ରଥ, ଶିଶୁଯତ୍ନ ଅଧିକାରୀ କ୍ଷୀରୋଦ କୁମାର ବେହେରା, ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ସମ୍ପାଦକ ପ୍ରଦୀପ କୁମାର ସାହୁ, ବିଶ୍ୱକୁନ୍ତଳ ପକ୍ଷରୁ ପୁଷ୍ପାଞ୍ଜଳି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଶିଳ୍ପ, ଶ୍ରମିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୬।୯**

ସାମ୍ପ୍ରତିକ ପରିସ୍ଥିତିରେ ଶିଳ୍ପଜନିତ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଜିଲା ସଙ୍କଟ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କାରଖାନାରେ କାର୍ଯ୍ୟରତ ଶ୍ରମିକମାନଙ୍କ ଜୀବନର ସୁରକ୍ଷା ପ୍ରତି ଧ୍ୟାନ ଦେବା ସହ ଘଟୁଥିବା ଦୁର୍ଘଟଣା ପ୍ରତିହତ କରିବା ପାଇଁ ଆଗୁଆ ପଦକ୍ଷେପ ନେବାକୁ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାରଖାନା ଓ ବାଷ୍ପିତ୍ର ବିଭାଗର କର୍ମକର୍ତ୍ତାମାନେ ନିୟମିତ ଶିଳ୍ପସଂସ୍ଥା ଗୁଡ଼ିକୁ ପରିଦର୍ଶନରେ ଯିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଶିଳ୍ପସଂସ୍ଥା ଗୁଡ଼ିକ ବିପଦପୂର୍ଣ୍ଣ ଗ୍ୟାସ ଓ ସିଲିଣ୍ଡର କେତେ ପରିମାଣରେ ବ୍ୟବହାର କରୁଛନ୍ତି ସେ ସମ୍ପର୍କରେ ବିଭାଗକୁ ଅବଗତ କରିବା ସହ ଶ୍ରମିକ ଏବଂ ପାରିପାର୍ଶ୍ୱିକ ଗ୍ରାମର ଜନସାଧାରଣଙ୍କୁ ସଚେତନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ସମୟରେ କାରଖାନାରେ ଅଗ୍ନି ଓ ରସାୟନିକ ଗ୍ୟାସ ଜନିତ ଦୁର୍ଘଟଣା ଦେଖାଯାଉଛି। ଫଳରେ ଅନେକ ଧନଜୀବନ ନଷ୍ଟ ହେବା ସହ ସରକାରଙ୍କ ସମ୍ପତ୍ତି ମଧ୍ୟ ହାନି ହେଉଛି। କାରଖାନା କର୍ତ୍ତୃପକ୍ଷ ଏପରି ପରିସ୍ଥିତିର ମୁକାବିଲା ନିମନ୍ତେ ସୁରକ୍ଷା ବ୍ୟବସ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଶ୍ରମିକଙ୍କ ସୁରକ୍ଷା ପାଇଁ ଆଗୁଆ ମକ୍‌ଡ୍ରିଲ୍ କରିବା ସହ ପାରିପାର୍ଶ୍ୱିକ ଅଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ ଶିଳ୍ପ ସଂସ୍ଥାର ଅଧିକାରୀମାନଙ୍କୁ ଜିଲାପାଳ କହିଥିଲେ। ଏହି ବୈଠକରେ କାରଖାନା ଓ ବାଷ୍ପିତ୍ର ବିଭାଗ ଉପ-ନିର୍ଦ୍ଦେଶକ ରମେଶ କୁମାର ବେହେରା କାରଖାନା ଆଭ୍ୟନ୍ତରଣୀୟ ନିରାପତ୍ତା ବ୍ୟବସ୍ଥାକୁ ନିୟମିତ ଯାଞ୍ଚ କରିବା ସହ ଶ୍ରମିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଉମାକାନ୍ତ ସାମନ୍ତରାୟ, ଜେଏସ୍‌ପିଏଲ, ନାଲକୋ, ଏନ୍‌ଟିପିସି ଓ ଜେଆଇଟିପିଏଲର କର୍ମକର୍ତ୍ତାମାନେ ଯୋଗଦେଇ ଶ୍ରମିକମାନଙ୍କ ପାଇଁ ନିଆଯାଇଥିବା ନିରାପତ୍ତା ସମ୍ପର୍କରେ ଅବଗତ କରିଥିଲେ। ଡେପୁଟି କଲେକ୍ଟର ବଇତୁରା ଦୀପ, ଜିଲା ଯକ୍ଷ୍ମା ନିୟନ୍ତ୍ରଣ ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ ପ୍ରମୁଖଙ୍କ ସହ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଫଟୋରେ ଖବର



ବିଭିନ୍ନ ଦାବିରେ ବଣ୍ଟାଁରପାଳ ଜୁନିୟର କଲେଜର ଅଧ୍ୟାପିକା ଓ ଅଧ୍ୟାପକମାନେ ଗୁରୁବାର ଧର୍ମଘଟ କରିବା ସହ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ଏଥିଯୋଗୁ କଲେଜରେ ପାଠ ପଢ଼ା ବ୍ୟାହତ ହୋଇଛି। ଅଧ୍ୟାପକ ଶ୍ରୀକାନ୍ତ ନାୟକଙ୍କ ନେତୃତ୍ୱରେ ଏହି ଧର୍ମଘଟ କରାଯାଇଥିଲା।

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କଲେ କିନ୍ନର
## କେକ୍ କାଟି ସେଲିବ୍ରେଶନ

**ଅନୁଗୋଳ ଅଫିସ, ୬।୯**

ସମଲିଙ୍ଗୀ ସମ୍ପର୍କକୁ ଅପରାଧମୁକ୍ତ କରାଯିବା ନେଇ ଗୁରୁବାର ସର୍ବୋଚ୍ଚ ନ୍ୟାୟାଳୟ ରାୟ ପ୍ରକାଶ କରିବା ପରେ ଅନୁଗୋଳ କିନ୍ନରଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ଭାରତୀୟ ଦଣ୍ଡ ସଂହିତା ଧାରା ୩୭୭ର ଉଚ୍ଛେଦ ହେବା ରାୟକୁ କିନ୍ନରମାନେ ସ୍ୱାଗତ କରିଛନ୍ତି। ଏଥିସହ ସେଲବ୍ରେଶନ୍ ମଧ୍ୟ କରିଛନ୍ତି। ଅନୁଗୋଳ ସୁନାଘର କିନ୍ନର ସଂଘ ପକ୍ଷରୁ ଶିମିଳିପଡ଼ାରେ ଥିବା ଦି ମେଡ଼ିକ୍ସରେ ଶତାଧିକ କିନ୍ନର ଏକାଠି ହୋଇ କେକ୍ କାଟିଥିଲେ। ସମଲିଙ୍ଗୀ ସମ୍ପର୍କକୁ ଏକ ମାନସିକ ବିକାର ଭାବେ ଗଣାଯିବା ସହିତ ଏଥିପାଇଁ ୧୦ ବର୍ଷର ଜେଲ ଦଣ୍ଡାଦେଶ ଭାରତୀୟ ଦଣ୍ଡ ସଂହିତାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଫଳରେ ନାନା ମାନସିକ ଚାପରେ ରହି ଆମେ ସମାଜରେ ବଞ୍ଚୁଥିଲୁ ବୋଲି ସଂଘର ସଭାପତି ପ୍ରିୟା କିନ୍ନର କହିଛନ୍ତି। ଲୋକମାନଙ୍କର ଥିବା ଭ୍ରାନ୍ତ ଧାରଣା ଏବେ ଦୂର ହେବ ବୋଲି ସେ ଆଶା ରଖିଛନ୍ତି। ଏ ନେଇ ଅନୁଗୋଳ ସୁନାଘର କିନ୍ନର ସଂଘ ପକ୍ଷରୁ ଶୁକ୍ରବାର ଏକ ବିରାଟ ପଟୁଆରରେ ସହର ପରିକ୍ରମା କରାଯିବା ସହ ଅନୁଗୋଳ ରାଜା ଛକ ଠାରେ ସାମୂହିକ ଭାବେ କେକ୍ କାଟି ଏହାକୁ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସଂଘ ସଭାପତି ପ୍ରିୟା ସୂଚନା ଦେଇଛନ୍ତି।

## ୨୬ରୁ ସାର୍ବଜନୀନ ଔଷଧ ସେବନ

**ଢେଙ୍କାନାଳ ଅଫିସ, ୬।୯**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ପୂର୍ବାହ୍ନରେ ସାର୍ବଜନୀନ ଫାଇଲେରିଆ ଔଷଧ ସେବନ ପାଇଁ ସମନ୍ୱୟ କମିଟି ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପୱନ ଅଧ୍ୟକ୍ଷତା କରି ଔଷଧ ସେବନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ସହ ଜିଲାକୁ ଫାଇଲେରିଆ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଔଷଧ ସେବନ ପାଇଁ ସେପ୍ଟେମ୍ବର ୨୬, ୨୭ ଓ ୨୮ ତାରିଖ ନିର୍ଦ୍ଧାରିତ ହୋଇଛି। ଏଥି ଲାଗି ଆଶା, ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ୨ ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ଏବଂ ଦୀର୍ଘଦିନ ଧରି ରୋଗାଗ୍ରସ୍ତ ବ୍ୟକ୍ତିଙ୍କ ବ୍ୟତୀତ ସମସ୍ତେ ଏହି ବଟିକା ସେବନ କରିପାରିବେ ବୋଲି ସିଡିଏମ୍‌ଓ ବାସୁଦେବ ବେହେରା କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ରିସୋର୍ସ ପର୍ସନ ଭାବେ ଅନୁପ କୁମାର ମିଶ୍ର, ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ଜିଲା ପରିଷଦ ସଭାପତି ମୀନତି ନାୟକ, ଉପଜିଲାପାଳ ପୀତାମ୍ବର ସାମଲ, ନଗରପାଳ ସୁଧାଂଶୁ କୁମାର ଦଳେଇ, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ମ୍ୟାଲେରିଆ ଅଧିକାରୀ ଡା. ଜିତେନ୍ଦ୍ରନାଥ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ସାର କାରଖାନା ପୁନଃ ଶିଳାନ୍ୟାସ ଏକ ନିର୍ବାଚନୀ ଚାଲ୍

**ଅନୁଗୋଳ ଅଫିସ, ୬।୯**

ଆସନ୍ତା ୨୨ରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ତାଳଚେର ଏଫ୍‌ସିଆଇ ପ୍ରକଳ୍ପର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ତେବେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ନେତ୍ରୀ ସସ୍ମିତା ବେହେରା। ବେହେରା କହିଛନ୍ତି, ଆଗକୁ ନିର୍ବାଚନ ଥିବାରୁ ଏହା କେନ୍ଦ୍ର ସରକାରଙ୍କ ଏକ ଚାଲ। ତାଳଚେର ତଥା ଓଡ଼ିଶାବାସୀଙ୍କୁ ଭୁଲାଇବାକୁ ମୋଦି ସରକାର ଏପରି କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ପୂର୍ବ ସରକାରରେ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଥିବା ଶ୍ରୀକାନ୍ତ ଜେନା ଏହାର ଶିଳାନ୍ୟାସ କରିଥିଲେ। ଉକ୍ତ ପ୍ରକଳ୍ପ ନିର୍ମାଣକୁ ଅଗ୍ରାଧିକାର ଦେଇଥିଲେ ଏବେ ମୋଦି ଉଦ୍‌ଘାଟନ କରିବାକୁ ଆସିଥାନ୍ତେ। ହେଲେ ତାହା ନ କରି ପୁନଃ ଶିଳାନ୍ୟାସ କ'ଣ ପାଇଁ ବୋଲି ବେହେରା ପ୍ରଶ୍ନ କରିଛନ୍ତି। ମହାନଦୀ ମେଡିକାଲ କଲେଜ ଗୃହ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଏହା ଅଦ୍ୟାବଧି କାର୍ଯ୍ୟକାରୀ କରିପାରୁ ନାହିଁ। ଏମ୍‌ସିଏଲର ବିଭିନ୍ନ ଖଣି ତାଳଚେରରେ ଥିବାବେଳେ ନାଲ୍‌କୋ ଓ ଏନ୍‌ଟିପିସିରେ କୋଇଲା ସମସ୍ୟା ଲାଗି ରହୁଛି। ଏଥିପ୍ରତି ଦୃଷ୍ଟି ନ ଦେଇ ପ୍ରଧାନମନ୍ତ୍ରୀ ଏହି ପ୍ରକଳ୍ପକୁ ଦ୍ୱିତୀୟ ଥର ପାଇଁ ଶିଳାନ୍ୟାସ କରିବାକୁ ଆସୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ପ୍ରାନ୍ତରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୯ | ୨୩.୨ |
| ଚାନ୍ଦବାଲି | ୨୫.୮ | ୨୩.୬ |
| କଟକ | ୨୬.୪ | ୨୨.୫ |
| ପାରାଦ୍ୱୀପ | ୨୬.୫ | ୨୨.୫ |
| ଭୁବନେଶ୍ୱର | ୨୭.୧ | ୨୪.୦ |
| ଗୋପାଳପୁର | ୨୭.୯ | ୨୫.୦ |
| ପୁରୀ | ୨୭.୫ | ୨୪.୩ |
| ଅନୁଗୋଳ | ୨୯.୧ | ୨୬.୧ |
| ବାରିପଦା | ୨୭.୦ | ୨୫.୦ |
| ଝାରସୁଗୁଡ଼ା | ୩୦.୨ | ୨୪.୮ |
| କେନ୍ଦୁଝର | ୨୫.୬ | ୨୨.୬ |
| ସମ୍ବଲପୁର | ୩୦.୪ | ୨୧.୫ |
| ସୁନ୍ଦରଗଡ଼ | --- | ୧୯.୦ |
| ହୀରାକୁଦ | ୩୦.୧ | ୨୦.୨ |
| ତାଳଚେର | ୩୦.୧ | ୨୪.୬ |
| ଭବାନୀପାଟଣା | ୨୫.୫ | ୨୩.୦ |
| ବଲାଙ୍ଗୀର | ୨୬.୬ | ୨୩.୫ |
| କୋରାପୁଟ | ୨୨.୦ | ୧୮.୬ |
| ଫୁଲବାଣୀ | --- | ୧୯.୦ |
| ଟିଟିଲାଗଡ଼ | ୨୭.୦ | ୨୦.୫ |
| ମାଲକାନଗିରି | ୨୯.୦ | ୨୪.୮ |
| ସୋନପୁର | ୨୬.୪ | ୨୨.୨ |
| ଦାରିଙ୍ଗିବାଡ଼ି | ୨୧.୦ | ୧୭.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ସରସ ମେଳାରେ ଯୋଗଦେବେ ୩ଶହ ବ୍ୟବସାୟୀ
# ହସ୍ତତନ୍ତ ହେବ ମୁଖ୍ୟ ଆକର୍ଷଣ

**ଅନୁଗୋଳ ଅଫିସ, ୬।୯**




ଅନୁଗୋଳର ନାଲ୍‌କୋସ୍ଥିତ ଗୋପବନ୍ଧୁ ପାର୍କ ସମ୍ମୁଖ ପଡ଼ିଆରେ ଆସନ୍ତା ୧୨ ତାରିଖରୁ ୨୩ ପର୍ଯ୍ୟନ୍ତ ଆଞ୍ଚଳିକ ସରସ ମେଳା ଅନୁଷ୍ଠିତ ହେବ। ଏହି ମେଳାରେ ୩ଶହ ବ୍ୟବସାୟୀ ଭାଗ ନେବେ ବୋଲି ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଅନିଲ କୁମାର ସାମଲ ସୂଚନା ଦେଇଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରର ହସ୍ତତନ୍ତ ଏଥିରେ ସାମିଲ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜିଲାପାଳ କହିଥିଲେ।

ନାଲ୍‌କୋ ବିଶ୍ୱକର୍ମା ପୂଜା ଅବସରରେ ପ୍ରଥମ ଥର ପାଇଁ ଏହି ଆଞ୍ଚଳିକ ସରସ ମେଳା ୨୦୧୮ ଆୟୋଜନ କରାଯିବ। ଜିଲା ପ୍ରଶାସନ ଓ ଓରମାସ ଏଥିରେ ସହଯୋଗ କରିବେ। ଓଡ଼ିଶାର ପ୍ରତ୍ୟେକ ଜିଲା ସହ ଗୁଜରାଟ, ଜମ୍ମୁ ଓ କାଶ୍ମୀର, କର୍ନାଟକ, ଦିଲ୍ଲୀ, ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ତେଲେଙ୍ଗାନା, ହିମାଚଳପ୍ରଦେଶ, ଆସାମ, ମହାରାଷ୍ଟ୍ର, ସିକିମ୍, ଉତ୍ତରାଖଣ୍ଡ ଆଦି ରାଜ୍ୟର କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଭାଗ ନେବେ। ସରକାରଙ୍କ କୃଷି, ହସ୍ତ ଓ କୁଟିର ଶିଳ୍ପ, ଖଦି ଓ ଗ୍ରାମୋଦ୍ୟୋଗ, ନାବାର୍ଡ଼, ଉଦ୍ୟାନ, ହସ୍ତତନ୍ତ, ମିଶନ୍ ଶକ୍ତି ଆଦି ବିଭାଗ ପକ୍ଷରୁ ସହଯୋଗ କରାଯିବ। ରାଜସ୍ଥାନର ହସ୍ତତନ୍ତ ମେଳର ମୁଖ୍ୟ ଆକର୍ଷଣ ସାଜିବାକୁ ଥିବାବେଳେ ଉତ୍ତରପ୍ରଦେଶର ଚିକନ୍ ଓ ଜରି କାମ, ପଶ୍ଚିମବଙ୍ଗର ଝୋଟ ଓ କାଠ ନିର୍ମାଣ ସାମଗ୍ରୀ, ପଞ୍ଜାବର ଚମଡ଼ା କାର୍ଯ୍ୟ, ଦିଲ୍ଲୀର ଏମ୍ବ୍ରୋଡୋରୀ ଆଦି ସହିତ ଓଡ଼ିଶାର ଟେରୋକୋଟା, ପିତ୍ତଳ, ଟସର, ଜଙ୍ଗଲଜାତ ଦ୍ରବ୍ୟ, ବାଉଁଶ କଳା, କୃଷିଜାତ ସାମଗ୍ରୀ ସହ ଅନ୍ୟାନ୍ୟ ହସ୍ତଶିଳ୍ପ ବିକ୍ରି କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତି ରାୟ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅବିନାଶ ମହାନ୍ତି, ଓରମାସର କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷୀରୋଦ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୋଜନା ପ୍ରଚାର ପାଇଁ ତାଲିମ

ଛେଣ୍ଡିପଦା, ୬।୯(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ବିଜେଡି ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ଗୁରୁବାର ହ୍ୱାଟ୍ସ ଆପ ଗ୍ରୁପ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ସତ୍ୟବ୍ରତ ଦେହୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଯୁବକର୍ମୀଙ୍କୁ ହ୍ୱାଟସଆପ ମାଧମରେ ସମସ୍ତ ସରକାରୀ ଯୋଜନାର ବହୁଳ ପ୍ରଚାର ସମ୍ପର୍କରେ ତାଲିମ ଦିଆଯାଇଥିଲା। ସମସ୍ତ କର୍ମୀ ଦଳୀୟ ସଙ୍ଗଠନ ସୁଦୃଢ଼ କରିବା ସହ ପ୍ରତି ଗ୍ରାମ ଏବଂ ପଞ୍ଚାୟତସ୍ତରରେ କିପରି ବ୍ୟାପକ ସଚେତନତା ସୃଷ୍ଟି କରିପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ତୁକୁଡା, ପରା ଏବଂ ଓଗୀ ପଞ୍ଚାୟତର କର୍ମୀମାନେ ଏଥିରେ ତାଲିମ ନେଇଥିଲେ। ତୁକୁଡା ସରପଞ୍ଚ ତପସ୍ୱିନୀ ସାହୁ, ପରା ସମିତି ସଭ୍ୟା କୁନ୍ତଳା ବେହେରା, ପ୍ରଶାନ୍ତ କୁମାର ସାହୁ, ହେମନ୍ତ କୁମାର ସାହୁ, ଚୈତନ୍ୟ ସାହୁ, ଶୁକଦେବ ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

### ବଜ୍ରପାତରେ ମହିଳା ଗୁରୁତର

ଛେଣ୍ଡିପଦା,୬।୯(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ କଣଲୋଇ ଗ୍ରାମରେ ଗୁରୁବାର ବଜ୍ରପାତରେ ସବିତା ବାରିକ(୪୩) ଗୁରୁତର ହୋଇଛନ୍ତି। ଅପରାହ୍ନ ପ୍ରାୟ ୪ଟାରେ ବର୍ଷା ସହ ଘଡଘଡି ମାରିବାରୁ ସବିତା ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ଛେଣ୍ଡିପଦା ମେଡ଼ିକାଲରେ ଭର୍ତ୍ତି କରିଛନ୍ତି। ଏଥିସହ ଘଡଘଡିରେ ସବିତା ଓ ଗ୍ରାମର ଦୀନବନ୍ଧୁ ବାରିକଙ୍କ ଘର ଛାତ ମଧ ଫାଟି ଯାଇଥିବା ଜଣାପଡିଛି।

### ଫାଣ୍ଡି ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ବଇଣ୍ଡା,୬।୯(ଡି.ଏନ.ଏ.)- ହଣ୍ଡପା ଥାନା ବଇଣ୍ଡା ଫାଣ୍ଡିରେ ବୁଧବାର ନୂତନ ଫାଣ୍ଡି ଅଧିକାରୀ ଭାବେ ରୁଦ୍ର ଚରଣ ବିଶ୍ୱାଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅମୀୟ ଦାସଙ୍କଠାରୁ ବିଶ୍ୱାଳ ଦାୟିତ୍ୱ ଗ୍ରହଣ କରିବାରେ ବଇଣ୍ଡାର ଜନସାଧାରଣ କିଭଳି ପୋଲିସଠାରୁ ସୁରକ୍ଷା ପାଇବେ ଓ ରାତି ପାଟ୍ରୋଲିଂ ଅଧିକ କରାଯିବ ବୋଲି ସେ ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

### ବନ୍ୟପ୍ରାଣୀଙ୍କ ସୁରକ୍ଷା ମୌଳିକ କର୍ତ୍ତବ୍ୟ

ଆଠମଲ୍ଲିକ, ୬।୯(ଡି.ଏନ.ଏ.)- ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ। ଏହାଛଡା ଏଥିପାଇଁ ସ୍ୱତନ୍ତ୍ର ଆଇନର ବ୍ୟବସ୍ଥା ମଧ ରହିଛି। ହେଲେ ଆମେ ନିଜ କର୍ତ୍ତବ୍ୟ ପାଳନରେ ଅବହେଳା କରୁଥିବାରୁ ସେମାନଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରଛି ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି। ଗୁରୁବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀରେ ସମିତି ସମ୍ପାଦକ ପ୍ରଶନ୍ନ କୁମାର ବେହେରା ଯୋଗଦେଇ ବନ୍ୟପ୍ରାଣୀ ଓ ମନୁଷ୍ୟ ମଧରେ ବିବାଦ କମାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ବହୁ ଜୀବ ଏବେ ବିଲୁପ୍ତ ପ୍ରାୟ ଅବସ୍ଥାରେ ରହିଥିବାରୁ ଏବେଠାରୁ ଆମେ ଅଧିକ ସଚେତନ ହୋଇ ସାତକୋଶିଆ ଅଭୟାରଣ୍ୟ, ଆଠମଲ୍ଲିକ ଜଙ୍ଗଲ, ନଦୀକୁ ସୁରକ୍ଷା ଦେବାର ସମୟ ଆସିଛି ବୋଲି କହିଥିଲେ। ସମ୍ମିଳନୀରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶୀଲ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ସାହୁ, ସାପ ଉଦ୍ଧାରକାରୀ ଆଦିତ୍ୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ସଙ୍କୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ଛେଣ୍ଡିପଦା,୬।୯(ଡି.ଏନ.ଏ.) ଛେଣ୍ଡିପଦା ବ୍ଲକ ଜରପଡା ସରସ୍ୱତୀ ଶିଶୁମନ୍ଦିରରେ ସୋମବାର ସଙ୍କୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଭାନୁପ୍ରିୟା ପ୍ରଧାନ, ସମ୍ମାନିତ ଅତିଥି ପରିଚାଳନା କମିଟି ଉପସଭାପତି ନାରାୟଣ ଦାସ, ସମ୍ପାଦକ ମନୋଜ କୁମାର ସାହୁ, ଖେଳ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁ, ସଙ୍କୁଳ ସଂଯୋଜକ ପ୍ରତାପ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜରପଡା, ଛେଣ୍ଡିପଦା, କୋଶଳା, ଗଡମଣ୍ଡଳ, ବଡକେରଜାଙ୍ଗ, ମରାତିରା ଆଦି ଶିଶୁମନ୍ଦିରର ଛାତ୍ରୀଛାତ୍ର ବିଭିନ୍ନ ଖେଳ ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ■ ସମବାୟ ସମିତିରେ ସାର ସଙ୍କଟ

# ଚାଷୀଙ୍କ ଆନ୍ଦୋଳନ, ବଣ୍ଟନ ସ୍ଥଗିତ

ଛେଣ୍ଡିପଦା, ୬।୯(ଡି.ଏନ.ଏ.)-



ସାର ନେବାକୁ ଅପେକ୍ଷାରତ ଚାଷୀମାନେ।

**■ ଆବଶ୍ୟକ ହଜାରେ, ଆସିଛି ୨ ଶହ ବସ୍ତା**

**■ ପହଞ୍ଚିବା ପରେ ଏକକାଳୀନ ହେବ ବଣ୍ଟନ**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ସେବା ସମବାୟ ସମିତି ପରିସରରେ ଗୁରୁବାର ସାର ବଣ୍ଟନବେଳେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଦୀର୍ଘ ସମୟ ଧରି ଲାଇନ୍‌ରେ ଛିଡା ହେବା ପରେ ସାର ଅଭାବ ଥିବା ଜାଣି ଚାଷୀମାନଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପରେ ଚାଷୀମାନେ ହୋହଲ୍ଲା କରିବା ସହ ସମିତି ପରିସରରେ ଆନ୍ଦୋଳନ କରିଥିଲେ। ଫଳରେ ସାର ବଣ୍ଟନ କାମ ସ୍ଥଗିତ ରଖାଯାଇଛି।

ଘଟଣାରୁ ଜଣାପଡିଛି, ୟୁରିଆ ସାର ବଣ୍ଟନ ହେଉଥିବା ସୂଚନାପାଇ ସମବାୟ ସମିତି ସମ୍ମୁଖରେ ଚାଷୀମାନେ ଲମ୍ବା ଲାଇନ ଲଗାଇଥିଲେ। ହେଲେ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ସମିତିକୁ ସାର ଆସି ନ ଥିବା ଯୋଗୁ ବଣ୍ଟନ କ୍ଷେତ୍ରରେ ଅସୁବିଧା ଉପୁଜିଥିଲା। ଅତିକମ୍‌ରେ ସମିତିକୁ ଏକ ହଜାର ୟୁରିଆ ସାର ବସ୍ତା ଆବଶ୍ୟକ ଥିବାବେଳେ ମାର୍କଫେଡ ପକ୍ଷରୁ ମାତ୍ର ୨ ଶହ ବସ୍ତା ସାର ଯୋଗାଣ କରାଯାଇଥିଲା। ଏହାକୁ ନେଇ ସେଠାରେ ଗଣ୍ଡଗୋଳପୂର୍ଣ୍ଣ ପରିସ୍ଥିତି ଉପୁଜିଥିଲା। ଫଳରେ ସାର ବଣ୍ଟନ ପାଇଁ ସମବାୟ କର୍ମଚାରୀ ଅଡୁଆରେ ପଡିଥିଲେ। ପରେ ଉତ୍ତେଜିତ ହୋଇ ଚାଷୀମାନେ ସେଠାରେ ଆନ୍ଦୋଳନ କରିଥିଲେ। ତେଣୁ ବାଧ ହୋଇ ସାର ଯୋଗାଣ ସ୍ଥଗିତ ରଖାଯାଇଥିଲା। ଯଥାଶୀଘ୍ର ସମିତିକୁ ସାର ଯୋଗାଣ କରା ନ ଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ସମବାୟ ସମିତି ସଭାପତି ଲମ୍ବୋଦର ସାହୁ କୁହନ୍ତି, ଏହି ସମିତି ଅଧୀନରେ ଦୁର୍ଗାପୁର, କତଡା ଏବଂ କୋରଡା ପଞ୍ଚାୟତର ପ୍ରାୟ ୩ ହଜାର ପଞ୍ଜୀକୃତ ସଭ୍ୟ ଚାଷୀ ଅଛନ୍ତି । ଆବଶ୍ୟକତା ଅନୁଯାୟୀ ସାର ଯୋଗାଣ ପାଇଁ କୃଷି ବିଭାଗ ସହ ମାର୍କଫେଡ ସଂସ୍ଥାକୁ ସମିତି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ କୃଷି ବିଭାଗ ଅଧିକାରୀ ଏବଂ ମାର୍କଫେଡ ଏରିଆ ମ୍ୟାନେଜରଙ୍କୁ ଏ ନେଇ ଅବଗତ କରାଯାଇଛି। ଅତି କମ୍‌ରେ ଏକ ହଜାର ବସ୍ତା ସାର ଯୋଗାଣ କଲାପରେ ଯାଇ ସମସ୍ତ ଚାଷୀଙ୍କୁ ଏକକାଳୀନ ବଣ୍ଟନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରୀ ବିନୋଦ କୁମାର ଦଳେଇ କୁହନ୍ତି, ବ୍ଲକର ୧୯ ଟି ସେବା ସମବାୟ ସମିତିରେ ସାର ବିକ୍ରୟ କେନ୍ଦ୍ର ଖୋଲାଯାଇଛି। ପର୍ଯ୍ୟାୟ କ୍ରମେ ପ୍ରତି ସମିତିକୁ ଯୋଗାଣ ଭାଗ ବଣ୍ଟନ କରି ଦିଆଯାଉଛି। ଅଧିକ ପରିମାଣ ସାର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସାର ଗୋଦାମକୁ ପହଞ୍ଚିଲା ପରେ ସବୁ ସମିତିକୁ ପ୍ରଦାନ କରାଯିବ।

# ଏନ୍‌ଟିପିସି କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ

କଣିହାଁ,୬।୯(ଡି.ଏନ.ଏ.)-

କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପ ଦ୍ୱାରା ଜମିହରା କ୍ଷତିଗ୍ରସ୍ତ ନିଯୁକ୍ତି ଦାବିରେ ଗୁରୁବାର ଆନ୍ଦୋଳନ କରିଥିଲେ। ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏନ୍‌ଟିପିସି କର୍ତ୍ତୃପକ୍ଷ, ଥାନା ସୂତ୍ରରୁ ପ୍ରକାଶ ଯେ, ୧୨ଟି ପରିବାରର କ୍ଷତିଗ୍ରସ୍ତ ପ୍ରଜା ଏନ୍‌ଟିପିସିରେ ନିଯୁକ୍ତି ଦାବିରେ ପୂର୍ବାହ୍ନରେ ଆମ୍ବପାଳଠାରେ ରେଳ ଧାରଣା ଉପରେ ଆନ୍ଦୋଳନ କରିଥିଲେ। ଏଥିଯୋଗୁ ପ୍ରକଳ୍ପକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ଅପରାହ୍ନରେ ଏନ୍‌ଟିପିସି ଟାଉନ ଥାନାରେ ଆଲୋଚନା ହୋଇଥିଲା। ଆନ୍ଦୋଳନକାରୀଙ୍କ ପରିବାର ସଦସ୍ୟଙ୍କ ନିଯୁକ୍ତି ପାଇବାର ଅଧିକାର ରହିଛି। ପୂର୍ବରୁ କୋର୍ଟରେ ମାମଲା ନେଇ ଏହା ବିଳମ୍ବିତ ହୋଇଛି ବୋଲି ଆଲୋଚନା ବେଳେ କୁହାଯାଇଥିଲା। କୋର୍ଟ ଖୋଲିବାର ୨୦ ଦିନ ମଧରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ହଟିଥିଲା। ଏହି ସମୟରେ ଆନ୍ଦୋଳନକାରୀଙ୍କ ସହ ଆଇନଜୀବୀମାନେ ଉପସ୍ଥିତ ଥିଲେ।



କ୍ଷତିଗ୍ରସ୍ତମାନେ ରେଳଧାରଣାରେ ଆନ୍ଦୋଳନ କରୁଛନ୍ତି।

# ଉପଖଣ୍ଡ ଚିକିତ୍ସାଳୟ ଆଗରେ ଧାରଣା



ସ୍ଥାନୀୟ ଯୁବକମାନେ ଧାରଣାରେ ବସିଛନ୍ତି।

ତାଳଚେର,୬।୯(ନି.ପ୍ର.)-

ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ଠିକା ସଂସ୍ଥାରେ ସ୍ଥାନୀୟ ଯୁବକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବା, ଡାକ୍ତରଖାନାର ଉନ୍ନତୀକରଣ ଲୋକାଲ ଟେଣ୍ଡର ମାଧ୍ୟମରେ ଓ ରୋଗୀକଲ୍ୟାଣ ସମିତି ତଦାରଖରେ କରାଯିବା ଦାବିରେ ଗୁରୁବାର ସ୍ଥାନୀୟ ଯୁବକମାନେ ଉପଖଣ୍ଡ ଡାକ୍ତରଖାନା ସମ୍ମୁଖରେ ଗଣଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ବିଭିନ୍ନ ଠିକା ସଂସ୍ଥାରେ ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତି ଦିଆ ନ ଯାଇ ବାହାର ଲୋକଙ୍କୁ କାମ କରିବାର ସୁଯୋଗ ଦିଆଯାଉଛି। ଫଳରେ ତାଳଚେର ଅଞ୍ଚଳର ବହୁ ଯୁବତୀ, ଯୁବକ ବେକାର ହୋଇ ବୁଲୁଛନ୍ତି। ଖବରପାଇ ଉପଜିଲାପାଳ ପରେଶ ନାୟକ ଓ ଏସ୍‌ଡିଏମଓ ପହଞ୍ଚି ଆଲୋଚନା କରିବା ପରେ ଏହି ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ବିଭୂତି ଭୂଷଣ ମିଶ୍ର, ବିରଜା ଶଙ୍କର ମିଶ୍ର, ଶୋଭେନ ମିଶ୍ର, ରମେଶ କୁମାର ସେଠୀ, ଅଶୋକ ବେହେରା, କୁଳବନ୍ତ ମହାରଣା, ସୁନୀଲ କୁମାର ମହାନ୍ତି, ବିରଞ୍ଚି ନାରାୟଣ ଦାସ, ସୁଜିତ୍ ଅମ୍ବ, ଆଲୋକ ମହାରଣା, ଦୁବେଶ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ସାଇସ୍ତବନ ମଞ୍ଜରୀ ଶତବାର୍ଷିକୀ ପାଳନ ପ୍ରସ୍ତୁତି

ବଅଁରପାଳ, ୬।୯(ଡି.ଏନ.ଏ.)- ଆସନ୍ତା ୧୩ ତାରିଖରେ ଶ୍ରୀ ଶ୍ରୀ ସିରଡି ସାଇ ଶ୍ରୀକ୍ଷେତ୍ରରେ ସାଇସ୍ତବନ ମଞ୍ଜରୀ ଶତବାର୍ଷିକୀ ପାଳନ ହେବାକୁ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ମନ୍ଦିର ପ୍ରାଙ୍ଗଣରେ ବସିଥିଲା। ସଭାପତି ଡମ୍ବରୁ ଧର ଦାସ, ସାଧାରଣ ସମ୍ପାଦକ ବିନୋଦ ଶତପଥୀଙ୍କ ସମେତ ଅକ୍ଷୟ କୁମାର ସେଠୀ, ଅସିତ ସାହୁ, ମନୋରଞ୍ଜନ ପଣ୍ଡା, ଅରୁଣ ଜେନା ଯୋଗ ଦେଇଥିଲେ। ଏ ନେଇ ମନ୍ଦିରରେ ଆୟୋଜନ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା।

### ୯ରେ ରକ୍ତଦାନ ଶିବିର

ମାଧପୁର, ୬।୯- ଆଠମଲ୍ଲିକ ବ୍ଲକ ମାଧପୁର ଡାକ୍ତରଖାନାରେ ମାଧପୁର କ୍ରୀଡ଼ା ସଂସଦ ତରଫରୁ ଆସନ୍ତା ୯ ତାରିଖରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯିବ। ୨୦୧୬ ସେପ୍ଟେମ୍ବର ୯ ତାରିଖରେ ମହାରାଜା ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୯ ଜଣଙ୍କ ସ୍ମୃତିରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ସଂସଦ ସଦସ୍ୟ ହିମାଂଶୁ ଶେଖର ପ୍ରଧାନ ସୂଚନା ଦେଇଛନ୍ତି।

### ଗାଡ଼ି ମୋଟର ଯାଞ୍ଚ

ବଇଣ୍ଡା,୬।୯(ଡି.ଏନ.ଏ.)- ହଣ୍ଡପା ଥାନା ବଇଣ୍ଡା ଫାଣ୍ଡି ନିକଟରେ ଗୁରୁବାର ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡ଼ିକୁ ଅଟକାଇ ହେଲମେଟ ଓ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ହଣ୍ଡପା ଏଏସ୍‌ଆଇ ପିକେ ଆଇଚ, ବଇଣ୍ଡା ଫାଣ୍ଡି ଅଧିକାରୀ ରୁଦ୍ର ଚରଣ ବିଶ୍ୱାଳ ପ୍ରମୁଖ ଏହି ଯାଞ୍ଚ କରିଥିଲେ।

# ସମାଧାନ ବୈଠକ ସଫଳ, ଆନ୍ଦୋଳନ ସ୍ଥଗିତ

ତାଳଚେର,୬।୯(ନି.ପ୍ର.)-

ପୂର୍ବ ଆର୍‌ପିଡିଏସି ବୈଠକର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଏମ୍‌ସିଏଲ୍ ମନା କରିଦେବା ଘଟଣାକୁ ନେଇ ୭ ତାରିଖରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିବା ତାଳଚେର ସୁରକ୍ଷା ମଞ୍ଚ ତା'ର ପ୍ରସ୍ତାବିତ ଆନ୍ଦୋଳନକୁ ସ୍ଥଗିତ ରଖିଛି। ଗୁରୁବାର ପ୍ରଶାସନ ପକ୍ଷରୁ ବସିଥିବା ସମାଧାନ ବୈଠକରେ ଏମ୍‌ସିଏଲ୍ ସରକାରଙ୍କ ନିର୍ଦ୍ଦେଶ ମାନିବାକୁ ରାଜି ହେବା ପରେ ମଞ୍ଚ ଆନ୍ଦୋଳନ ନିଷ୍ପତ୍ତିରୁ ଓହରି ଯାଇଛି।

ପ୍ରକାଶ ଯେ, ୭ ତାରିଖର ଆନ୍ଦୋଳନ ଡାକରାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୨ୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ବସିଥିବା ସମାଧାନ ବୈଠକରେ ଏମ୍‌ସିଏଲ୍ ଡାଇରେକ୍ଟର ପର୍ସନାଲ ଏଲ୍.ଏନ୍. ମିଶ୍ର, ଡାଇରେକ୍ଟର ଟେକ୍‌ନିକାଲ ଜେ.ପି. ସିଂହ, ସମସ୍ତ ମହାପ୍ରବନ୍ଧକ, ସୁରକ୍ଷା ମଞ୍ଚ ସଭାପତି ମୁରଲୀଧର ସାହୁ, ରାଧାମୋହନ ବେହେରାଙ୍କ ସମେତ ବିଭିନ୍ନ ଗ୍ରାମର ସଭାପତି, ସମ୍ପାଦକ, କ୍ଷତିଗ୍ରସ୍ତ ଗ୍ରାମବାସୀ ଯୋଗ ଦେଇଥିଲେ। ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଆର୍‌ପିଡିଏସି ବୈଠକରେ ଯାହା ନିଷ୍ପତ୍ତି ହୋଇଥିଲା ତାହାକୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟକାରୀ କରିବ ବୋଲି ସହମତି ପ୍ରକାଶ କରିଥିଲେ। ୨୦୦୬ ପଲିସି କାର୍ଯ୍ୟକାରୀ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ଏହାର ସମାଧାନ କରାଯିବ ବୋଲି କୁହାଯାଇଥିଲା। ଏହାପରେ ୭ ତାରିଖର ଆନ୍ଦୋଳନ ହେବ ନାହିଁ ବୋଲି ମଞ୍ଚ ସଭାପତି ଘୋଷଣା କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ମହାବିଦ୍ୟାଳୟରେ ମୋବାଇଲ ଆପ୍

ତାଳଚେର, ୬।୯(ନି.ପ୍ର.)-

ତାଳଚେର ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟରେ ଗୁରୁବାର ମୋବାଇଲ ଆପ୍ ମର୍ଯ୍ୟାଦା ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କୌଣସି ଅଘଟଣ ବେଳେ ଏହି ଆପ୍ ଛାତ୍ରୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ତୁରନ୍ତ ପୋଲିସ ସହାୟତା ଯୋଗାଇବା ସହିତ ଅପରାଧ ନିରାକରଣ ଓ ଅନୁସନ୍ଧାନରେ ସାହାଯ୍ୟ କରିବ ବୋଲି ଏସ୍‌ପି ପ୍ରକାଶ କରିଥିଲେ। କଲେଜ ଅଧକ୍ଷା ସୁନିତି ମିଶ୍ର, ଅତିରିକ୍ତ ଏସ୍‌ପି ସନ୍ତୋଷ ମିଶ୍ର, ଡିଏସ୍‌ପି ଉମେଶ ଚନ୍ଦ୍ର ପଣ୍ଡା, ତାଳଚେର ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ତାଳଚେର ଆଇଆଇସି ସୌଭାଗ୍ୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଏସ୍‌ପିଙ୍କ ସମେତ ମଞ୍ଚାସୀନ ଅତିଥିମାନେ।

# ମାର୍ଶଲଆର୍ଟ ଖେଳାଳିଙ୍କ କୃତିତ୍ୱ



ସଫଳତା ପାଇଥିବା ପ୍ରତିଯୋଗୀମାନେ।

ତାଳଚେର,୬।୯(ନି.ପ୍ର.)-

ବରଗଡ ଜିଲାରେ ଅନୁଷ୍ଠିତ ପିନାକ ସିଲାଟ ମାର୍ଶଲଆର୍ଟ ପ୍ରତିଯୋଗିତାରେ ଅନୁଗୋଳ ଜିଲାର ପ୍ରତିଯୋଗୀମାନେ ସଫଳତା ଅର୍ଜନ କରିଛନ୍ତି। ସୌରଭ ବାରିକ (୧୭), ରିତିକ୍ଷା ପୋଥାଲ୍(୧୧), ତନିଷ୍କା ମେଦିନରାୟ (୭) ତାମ୍ର ପଦକ ହାସଲ କରିଥିବା ବେଳେ ଏସ୍. ସାଇସନ୍ଦୀପ (୮) ରୌପ୍ୟ ପଦକ ପାଇଛନ୍ତି। ଏହି ସଫଳତା ପାଇଁ ଅନୁଗୋଳ ଜିଲା ସଭାପତି ଚନ୍ଦ୍ର ଶେଖର ଭୂତିଆ ଓ ସମ୍ପାଦକ ଅମରଜିତ୍ ଗଡନାୟକ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଟିମ୍ ମ୍ୟାନେଜର ଡିଲେଶ୍ୱର ବାରିକ ଓ କୋଚ୍ ଶକ୍ତି ପ୍ରସାଦଙ୍କୁ ଖେଳାଳିମାନଙ୍କ କୃତିତ୍ୱ ପାଇଁ ମଧ କୃତଜ୍ଞତା ଜଣାଇଛନ୍ତି।

# ଯାଦବ ସମାଜ ପକ୍ଷରୁ ନନ୍ଦୋତ୍ସବ

ଭୁବନ,୬।୯(ଡି.ଏନ.ଏ)-

ଢେଙ୍କାନାଳ ଜିଲା ଭୁବନ ଯାଦବ ସମାଜ ପକ୍ଷରୁ ସୋମବାର ନନ୍ଦ ଉତ୍ସବ ପାଳିତ ହୋଇଯାଇଛି । ଭୁବନର ସମସ୍ତ ଯାଦବ ସମ୍ପ୍ରଦାୟର ଲୋକେ ସକାଳେ କୃଷ୍ଣଙ୍କ ପ୍ରତିମୂର୍ତ୍ତିକୁ କୋଠଘରଠାରେ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନ ୧ଟାରେ ରାଧାକୃଷ୍ଣଙ୍କ ପ୍ରତିମାକୁ ନେଇ ସହର ପରିକ୍ରମା କରିଥିଲେ। ଏଥିରେ ଲଉଡିଖେଳ, ସଂକୀର୍ତ୍ତନମଣ୍ଡଳୀ ଓ ରଙ୍ଗଢୋଲ ବାଜା ସାମିଲ ହୋଇଥିଲା। ଭୁବନର ପ୍ରତ୍ୟେକ ଯାଦବ ସମାଜ ସାହିରେ ବିମାନକୁ ବନ୍ଦାପନା କରାଯାଇଥିଲା । ପ୍ରତି କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

# 'ଆମେ ସଂଗ୍ରାମୀ' ସ୍ମରଣିକା ଉନ୍ମୋଚିତ

**ତାଳଚେର ପ୍ରଜାମଣ୍ଡଳ ଜୟନ୍ତୀ**

କଣିହାଁ/ଛେଣ୍ଡିପଦା ୬।୯(ଡି.ଏନ.ଏ./ସ୍ୱ.ପ୍ର.)-

ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ତରଫରୁ ଗୁରୁବାର କଣିହାଁ ଗାନ୍ଧୀ ସ୍ମୃତି ପୀଠଠାରେ ତାଳଚେର ପ୍ରଜାମଣ୍ଡଳର ୮୧ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି, ବକ୍ତା ଓ ଲୋକ ପ୍ରତିନିଧି ଯୋଗଦେଇ ନ ଥିଲେ। ସମ୍ମାନିତ ଅତିଥି ଭାବେ କଣିହାଁ ତହସିଲଦାର ଅଶୁଂମାନ ଶତପଥୀ, ବିଡିଓ ରମେଶ କୁମାର ଜେନା, ଏନ୍‌ଟିପିସି ପ୍ରକଳ୍ପ ଅଧିକାରୀ ଅଶ୍ୱିନୀ କୁମାର ତ୍ରିପାଠୀ, କେ. ଏସ ଶର୍ମା, ପି.କେ. ସାହୁ, ଏମ୍‌ସିଏଲର ପଦାଧିକାରୀ ଲୀଳାନନ୍ଦ ମିଶ୍ର ଓ ଜଶବିନ୍ଦର ପାଲ ସିଂ ଯୋଗ ଦେଇଥିଲେ। ଟ୍ରଷ୍ଟ ସଭାପତି ସୁଧାକର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଦସ୍ୟ ଡ.ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଉକାଳୁ ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଅତିଥିଗଣ ସମ୍ମାନିତ କରିଥିଲେ। ପରେ 'ଆମେ ସଂଗ୍ରାମୀ' ସ୍ମରଣିକା ଉନ୍ମୋଚିତ କରାଯାଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପରସ୍କୃତ କରାଯାଇଥିଲା। ଟ୍ରଷ୍ଟ ସଦସ୍ୟ ଦେବଦତ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ମା' ରାମଚଣ୍ଡୀଙ୍କ ପୀଠ ସ୍ଥଳରେ 'ସ୍ୱାଧୀନତା ସଂଗ୍ରାମରେ ପ୍ରଜାମଣ୍ଡଳ ଆନ୍ଦୋଳନ' ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଉତ୍କଳ ସମ୍ମିଳନୀର ଉପସଭାପତି ପ୍ରାଧାପକ ବିଶ୍ୱରଞ୍ଜନ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସମ୍ମିଳନୀର ସମ୍ପାଦକ ଇଂ. ଧନେଶ୍ୱର ସାହୁ ଓ ପବିତ୍ରନଗର ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜୟନ୍ତ କୁମାର ସାହୁ, ଭିକାରି ସାହୁ, ଲିଟୁ ବାରିକ, ପ୍ରଭାତ କୁମାର ରାଉଳ, ସୁଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ 'ଆମେ ସଂଗ୍ରାମୀ' ସ୍ମରଣିକା ଉନ୍ମୋଚନ କରୁଛନ୍ତି।



# ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ | ଦଫା ୩୭୭: ବିବାଦ, ବିତର୍କର ଅବସାନ

**ସମଲିଙ୍ଗୀ ସମ୍ପର୍କ ନେଇ ଆଇପିସି ଦଫା ୩୭୭ରେ ଥିବା ଅପରାଧ ବ୍ୟବସ୍ଥାରେ ସୁପ୍ରିମକୋର୍ଟ ଗୁରୁବାର ପରିବର୍ତ୍ତନ ଆଣିଛନ୍ତି। ସ୍ୱଇଚ୍ଛାରେ ଦୁଇ ପ୍ରାପ୍ତବୟସ୍କ ଯଦି ସମଲିଙ୍ଗୀ ଯୌନ ସମ୍ପର୍କ ରକ୍ଷା କରନ୍ତି ତେବେ ତାହା ଅପରାଧଭୁକ୍ତ ହେବ ନାହିଁ ବୋଲି ସୁପ୍ରିମକୋର୍ଟ ପ୍ରଧାନବିଚାରପତିଙ୍କୁ ନେଇ ଗଠିତ ୫ଜଣିଆ ସାମ୍ବିଧାନିକ ପୀଠ ରାୟ ଦେଇଛନ୍ତି। ଫଳରେ ସମଲିଙ୍ଗୀ ଜୀବନଯାପନ କରୁଥିବା ବ୍ୟକ୍ତି ସେମାନଙ୍କ ଜୀବନକୁ ନିଜ ଇଚ୍ଛା ଅନୁସାରେ ଉପଭୋଗ କରିବାର ସ୍ୱାଧୀନତା ମିଳିଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରକ୍ଷଣଶୀଳ ମନୋଭାବ ରଖୁଥିବା କେତେକେ ଏହି ରାୟକୁ ପ୍ରକୃତି ବିରୋଧୀ ଚିନ୍ତାଧାରା କହି ନାପସନ୍ଦ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ସଦ୍ୟ ରାୟକୁ ନେଇ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ଠାରୁ ନିଆଯାଇଥିବା ମତକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ସ୍ୱତନ୍ତ୍ର ଉପସ୍ଥାପନା...**





"ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ରାୟ ଦେବା ସହ ଭାରତୀୟ ଦଣ୍ଡ ସଂହିତାର ୩୭୭ ଧାରାକୁ ଉଚ୍ଛେଦ କରିଛନ୍ତି। ତେବେ ସାଧାରଣ ମଣିଷର ପ୍ରକୃତି ବିରୋଧରେ କିଛି ବି କଲେ ତାହାକୁ ଅପରାଧ ବୋଲି ବିବେଚନା କରାଯାଏ। ଯଦି ସହମତି ଭିତିରେ ସମଲିଙ୍ଗୀ ସମ୍ପର୍କ ରହୁଛି ତେବେ ତାହା ଅପରାଧ ନୁହେଁ। ସୁପ୍ରିମକୋର୍ଟ ମଧ ଏହି ବିଚାର ଆଧାରରେ ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହି ରାୟକୁ ସମାଜର ସବୁ ସ୍ତରର ବ୍ୟକ୍ତି ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିବେ ବୋଲି ମୋର ଆଶା।

**- ଏ.ଏସ୍. ନାଇଡୁ**
ଅବସରପ୍ରାପ୍ତ ବିଚାରପତି, ଓଡ଼ିଶା ହାଇକୋର୍ଟ



"ବିଳମ୍ବ ହେଉ ପଛେ ସମଲିଙ୍ଗୀଙ୍କୁ ସେମାନଙ୍କ ଅଧିକାର ମିଳିଲା। ସେମାନଙ୍କ ସମ୍ପର୍କକୁ ବିରୋଧ କରୁଥିବା ଲୋକେ ଜାଣିବା ଦରକାର ଭାରତୀୟ କାମସୂତ୍ରରେ ମଧ ସମଲିଙ୍ଗୀ ସମ୍ପର୍କ ଉଲ୍ଲେଖ ରହିଛି। ସମଲିଙ୍ଗୀଙ୍କୁ ଦେଖି କେହି ସମଲିଙ୍ଗୀ ହୋଇଯିବେ ନାହିଁ କିମ୍ବା ଏମାନଙ୍କ ସମ୍ପର୍କ ଉପରେ କଟକଣା ଲଗାଇଲେ ସେମାନେ ଯେ ଅନ୍ୟ ଲିଙ୍ଗ ପ୍ରତି ଆକର୍ଷିତ ହେବେ ତାହା ସମ୍ଭବ ନୁହେଁ। କାହିଁକି ନା ଏହା ତାଙ୍କର ଜନ୍ମଗତ ପ୍ରକୃତି।

**- ମନସ୍ତତ୍ତ୍ୱବିତ୍ ପ୍ରଫେସର ସଙ୍ଗୀତା ରଥ**
ରେଭେନ୍ସା ବିଶ୍ୱବିଦ୍ୟାଳୟ



"ଅନ୍ୟମାନଙ୍କ ଭଳି ସମଲିଙ୍ଗୀମାନଙ୍କୁ ବଞ୍ଚିବା ପାଇଁ ଏକ ଆଧାର ମିଳିଗଲା। ଆମେ ସବୁବେଳେ 'ଫ୍ରିଡମ୍ ଅଫ୍ ସ୍ପିଚ୍' ଉପରେ ଗୁରୁତ୍ୱ ଦେଉଥିଲେ। ଏବେ 'ଫ୍ରିଡମ୍ ଅଫ୍ ଲିଭିଙ୍ଗ୍' ପାଇଁ ଏହା ଏକ ବଡ଼ ପଦକ୍ଷେପ। ଯେଉଁମାନେ ସମାଜ ଓ ପରିବାରର ତିରସ୍କାରରେ ଅତିଷ୍ଠ ହୋଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଥିଲେ, ସେମାନଙ୍କୁ ଏବେ ବଞ୍ଚିବାର ଅଧିକାର ମିଳିଗଲା। ଭଗବାନ ପ୍ରତ୍ୟେକ ମଣିଷକୁ ତିଆରି କରିଛନ୍ତି। ତେଣୁ ସମଲିଙ୍ଗୀମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିବା ଉଚିତ ନୁହେଁ। ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ସମାଜ ଏବଂ ପରିବାରର ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବ।

**- ସଗୁନ୍ ସବ୍ୟସାଚୀ ସତପଥୀ**
ଫ୍ୟାଶନ ଡିଜାଇନର୍ ତଥା ବିଗ୍‌ବସ୍ ଫେମ୍



"୩୭୭କୁ ଉଚ୍ଛେଦ କରାହେଲା ବୋଲି ଯାହା କୁହାଯାଉଛି, ତାହା ବାସ୍ତବରେ ହୋଇନାହିଁ। କେବଳ ସେକ୍ସନ ୩୭୭ର ଏକ ଅଂଶକୁ ଉଚ୍ଛେଦ କରାଗଲା। ୨୦୧୪ରେ ନାଲ୍‌ସା ଜଜ୍‌ମେଣ୍ଟକୁ ୩୭୭ କିଛି ମାତ୍ରାରେ ବାଧା ସୃଷ୍ଟି କରୁଥିଲା। ହେଲେ ଏହି ରାୟ ପରେ ଜଣେ ନିଜକୁ ଖୋଲାଖୋଲି ଭାବେ ସମାଜ ଆଗରେ ପରିଚୟ ଦେଇପାରିବ।

**- ଚନ୍ଦନ କୁମାର ନାୟକ**
ପ୍ରୋଜେକ୍ଟ ମ୍ୟାନେଜର, ସାଥୀ



"ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ପରେ ୩୭୭ ଧାରା ରଦ୍ଦ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା ବାଦାନୁବାଦର ଅବସାନ ଘଟିଛି। ୧୮୩୦ ମସିହାରେ ଗଢା ଯାଇଥିବା ଏହି ଆଇନ ସମଲିଙ୍ଗୀ ବ୍ୟକ୍ତିଙ୍କ ମୌଳିକ ଅଧିକାର କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା। ସହମତି ଭିତ୍ତିରେ ସମଲିଙ୍ଗୀ ସମ୍ପର୍କକୁ ସାମାଜିକ ବ୍ୟାଧି କି ଅପରାଧ କୁହାଯାଇପାରିବ ନାହିଁ। ଏହା ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି।

**- ଲମ୍ବୋଦର ନାୟକ**
ଆଇନଜୀବୀ, ବାଲେଶ୍ୱର



"ସୁପ୍ରିମକୋର୍ଟଙ୍କର ରାୟ ସ୍ୱାଗତଯୋଗ୍ୟ। ଦୀର୍ଘଦିନ ଧରି ଲୁଚାଛପାରେ ଯାହା ଚାଲିଥିଲା ତାହାକୁ ଏବେ ମିଳିଛି ଆଇନଗତ ସ୍ୱୀକୃତି। କାହାରି ମୌଳିକ ଅଧିକାର ଓ ସ୍ୱାଧୀନତା କ୍ଷୁର୍ଣ୍ଣ ନ ହେଉ ଏବଂ ବାସ୍ତବତାକୁ ସମାଜ ଗ୍ରହଣ କରୁ ସୁପ୍ରିମକୋର୍ଟଙ୍କ ରାୟ ଏହାକୁ ସୂଚିତ କରୁଛି। ପୂର୍ବରୁ ସମଲିଙ୍ଗୀ ଯୌନ ସମ୍ପର୍କକୁ ପାଶ୍ଚାତ୍ୟ ଦେଶର ସଭ୍ୟତାର ଅନୁକରଣ ବୋଲି ଯାହା କୁହାଯାଉଥିଲା ତାହାର ଅନ୍ତ ଘଟିଛି।

**- ସୁବ୍ରତ କର**
ପୂର୍ବତନ ଲୋକପାଳ, ବାଲେଶ୍ୱର



"ନିଜ ଆବଶ୍ୟକତାକୁ ନେଇ ସମାଜରେ ସମସ୍ତଙ୍କର ବଞ୍ଚିବାର ଅଧିକାର ରହିଛି। ସମଲିଙ୍ଗୀ ସମ୍ପର୍କ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ଐତିହାସିକ ରାୟ ଏହା ପ୍ରତିପାଦିତ କରିଛି। ମୁଁ ଏହାକୁ ସ୍ୱାଗତ କରୁଛି। ସହମତି ଭିତ୍ତିରେ ଦୁଇ ସାବାଳକ ବା ସାବାଳିକାଙ୍କ ଭିତରେ ଯୌନ ସମ୍ପର୍କ ଅପରାଧ ନୁହେଁ। ଏ ସମ୍ପର୍କରେ ପୂର୍ବ ପ୍ରଚଳିତ ଆଇନରେ ପରିବର୍ତ୍ତନ ଆବଶ୍ୟକ ଥିଲା।

**- ଶୋଭାରାଣୀ ମହାନ୍ତ**
ଇଟାମୁଣ୍ଡିଆ , ବାରିପଦା



"ସମଲିଙ୍ଗୀ ଯୌନ ସମ୍ପର୍କକୁ ଆମ ସମାଜ ପୂର୍ବରୁ କେବେ ସ୍ୱୀକୃତି ଦେଇନାହିଁ। ଆଧୁନିକ ସମାଜ ବ୍ୟବସ୍ଥାରେ ଏ ସଂକ୍ରାନ୍ତରେ ପୁରୁଣା ଆଇନକୁ ଉଚ୍ଛେଦ କରାଯିବା ସପକ୍ଷରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟର ଅଧିକ ତର୍ଜମା ହେବା ଦରକାର। ପୂର୍ବରୁ ଅଭିଯୁକ୍ତଙ୍କ ଦୋଷ ପ୍ରମାଣିତ ହେଲେ ୩୭୭ ଧାରାରେ ଆଜୀବନ କାରାଦଣ୍ଡାଦେଶ ବ୍ୟବସ୍ଥା ରହିଥିଲା। ପରିବର୍ତ୍ତିତ ସ୍ଥିତିରେ ସମାଜ ଜୀବନ ଉପରେ ଏହାର ପ୍ରଭାବକୁ ଅନୁଧ୍ୟାନ କରାଯିବା ଜରୁରୀ ମନେ ହୁଏ।

**- ଚିତ୍ତରଞ୍ଜନ ମହାନ୍ତ**
ମହୁଲିଆ, ବାରିପଦା



"ସମଲିଙ୍ଗୀ ଯୌନ ସମ୍ପର୍କକୁ ସୁପ୍ରିମକୋର୍ଟ ବୈଧ ଘୋଷଣା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ସମଲିଙ୍ଗୀମାନେ ସବୁ କ୍ଷେତ୍ରରେ ଅବହେଳିତ ହୋଇ ଆସୁଥିଲେ। କୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରି ଆମେ ଗୁରୁବାର ବେଶ୍ ଖୁସି ମନାଇଲୁ। ଏଥିରୁ କୋର୍ଟ ଆମ ପ୍ରତି ଗୁରୁତ୍ୱ ଦେଉଥିବା ପ୍ରମାଣିତ ହୋଇଛି।

**- ସୋନାଲି ଦାସ**
ଅର୍ଦ୍ଧ ନାରୀଶ୍ୱର କିନ୍ନର ମହାସଂଘ ସଭାପତି, ଭଦ୍ରକ



"ସମଲିଙ୍ଗୀ ବ୍ୟକ୍ତିମାନେ ପରସ୍ପର ମିଳାମିଶା କରି ଚଳିବା ପାଇଁ ଦୀର୍ଘଦିନରୁ ଦାବି କରିଆସୁଥିଲେ। ପୂର୍ବରୁ ପ୍ରଚଳିତ ଥିବା ଆଇନ ଏଥିରେ ବାଧା ସୃଷ୍ଟି କରୁଥିଲା। ବ୍ରିଟିଶ ସମୟରୁ ପ୍ରଚଳିତ ଦଫା ୩୭୭କୁ ସର୍ବୋଚ୍ଚ ନ୍ୟାୟଳୟ ଅସାମ୍ବିଧାନିକ ବୋଲି ଘୋଷଣା କରି ସାମାଜିକ ବାସନ୍ଦର ଶିକାର ହେଉଥିବା ସମଲିଙ୍ଗୀ ବ୍ୟକ୍ତିଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି।

**- ଗଦାଧର ବଳ**
ଭଦ୍ରକ ଜିଲା ଓକିଲ ସଂଘ ସମ୍ପାଦକ, ଭଦ୍ରକ



"ଶୃଙ୍ଖଳିତ ସମାଜ ପାଇଁ ଠିକ ହେଲା ନାହିଁ। ଭାରତୀୟ ସଂସ୍କୃତିରେ ସ୍ତ୍ରୀପୁରୁଷ ମଧରେ ସମ୍ପର୍କର ସ୍ଥାନରେ ବହୁ ଉଚ୍ଚରେ। ନାରୀ ନାରୀ ମଧରେ ଓ ପୁରୁଷ ପୁରୁଷ ମଧରେ ବିବାହ କଳ୍ପନାର ବାହାରେ। ସମାଜକୁ ଭାଙ୍ଗି ଦେବା ପାଇଁ ଏଭଳି ବ୍ୟବସ୍ଥା କରାଯାଉଛି। ଯାହା ଦ୍ୱାରା ଆଗାମୀ ଦିନରେ ସମାଜର ବହୁତ କ୍ଷତି ହେବ ଆଶଙ୍କା ରହୁଛି।

**- ନିମାଇଁ ଚରଣ ଦାସ**
ବରିଷ୍ଠ ଆଇନଜୀବୀ, କେନ୍ଦୁଝର



"ସମସ୍ତଙ୍କ ବଞ୍ଚିବାର ଶୈଳୀରେ ସ୍ୱାଧୀନତା ଦିଆଯାଇପାରେ। କିନ୍ତୁ ସାମାଜିକ ପରମ୍ପରାରେ ମଧ ବିଭ୍ରାଟ ନ ଆସେ ସେଥିପ୍ରତି ଧ୍ୟାନ ଦେବା ଜରୁରୀ। ସ୍ୱାଧୀନତା ପାଇଁ ପରମ୍ପରା ଓ ସମାଜକୁ କ୍ଷତି କରା ନ ଯାଉ।

**- ଡ. ବିମ୍ବାଧର ବେହେରା**
ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସାହିତ୍ୟିକ, କେନ୍ଦୁଝର



"ଏହି ଆଇନ ଆମ ସଂସ୍କୃତି ଉପରେ ପରିବେଷ୍ଟିତ ଥିଲା। ସୁପ୍ରିମକୋର୍ଟ ବହୁ ତର୍ଜମା କରି ଏହା ଉପରେ ମତ ଦେଇଛନ୍ତି। ତାହାକୁ ଆମେ ନିଶ୍ଚିତ ସ୍ୱାଗତ କରିବା। ସମାଜକୁ ନେଇ ଆଇନ ତିଆରି ହୁଏ। ସାମାଜିକ ଚଳଣି ଏବଂ ସାମାଜିକ ଆବଶ୍ୟକତାକୁ ନେଇ ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି। ସମଲିଙ୍ଗୀଙ୍କ ପ୍ରତି ସମାଜରେ ଯେଉଁ ପ୍ରକାର ମନୋଭାବ ଥିଲା, ସେଥିରେ ନିଶ୍ଚିତ ପରିବର୍ତ୍ତନ ଆସିବ।

**- ଶିବ ପ୍ରସାଦ ତ୍ରିପାଠୀ**
ଆଇନଜୀବୀ, ଫୁଲବାଣୀ



"୩୭୭ ଧାରାର କୌଣସି ଆବଶ୍ୟକତା ନାହିଁ। ଏହା ବହୁ ପୂର୍ବରୁ ଉଠିଯିବାର ଥିଲା। ୩୭୭ ଧାରା ବଳରେ ଅନାବଶ୍ୟକ ତଥା ମିଥ୍ୟା ମକଦ୍ଦମାମାନ ରୁଜୁ ହେଉଥିଲା। ଏହି ରାୟ ସରକାରଙ୍କର ସମାଜ ମଙ୍ଗଳ ବିଭାଗ ଏବଂ ଏନଜିଓ ଦ୍ୱାରା ଲୋକଲୋଚନକୁ ଅଣାଗଲେ ଲୋକେ ସଚେତନ ହୋଇପାରିବେ।

**- ପ୍ରଫୁଲ୍ଲ ଜଗନ୍ନାଥ ପାଢ଼ୀ**
ବରିଷ୍ଠ ଆଇନଜୀବୀ, ବ୍ରହ୍ମପୁର



"ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ବିଭିନ୍ନ କ୍ଷେତ୍ରରେ ଏପରି କି, ପରିବାରରେ ମଧ ସେମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ସେମାନଙ୍କ ପଛରେ ଯେଉଁ ଅପରାଧିକ ଟ୍ୟାଗ୍ ଲାଗିଥିଲା, ଏହି ରାୟ ପରେ ତାହା ଆଉ ରହିବ ନାହିଁ।

**- ବିଶ୍ୱଭୂଷଣ ପଟ୍ଟନାୟକ**
ଆସିଷ୍ଟାଣ୍ଟ ଡାଇରେକ୍ଟର, ସାଥୀ



"ମାନ୍ୟବର ସର୍ବୋଚ୍ଚ ଅଦାଲତ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ବହୁ ପୂର୍ବରୁ ନେବାର ଆବଶ୍ୟକତା ଥିଲା। ବିବାହ, ଜାତି, ବର୍ଣ୍ଣ ଓ ଲିଙ୍ଗ ବାବଦରେ ସମାଜର କେତେକ ରୂଢ଼ିବାଦୀ ଲୋକ ଏହାକୁ ବିରୋଧ କରୁଥିଲେ। ବାସ୍ତବରେ ଦେଖିବାକୁ ଗଲେ ବିବାହ ଯେ କେବଳ ବଂଶ ବିସ୍ତାର କରିବା ତାହା ନୁହେଁ ବରଂ ପରସ୍ପର ସୁଖଦୁଃଖର ସାଥୀ ହେବା, ଦୁହେଁ ଦୁହିଁଙ୍କ ପାଇଁ ବଞ୍ଚିବା ବୁଝାଇଥାଏ। ମନର ପରିଭାଷା ବୁଝିପାରୁଥିବା ଲୋକ ମିଶି ରହିଲେ ସମାଜର କ୍ଷତି ହେବନି ବରଂ ମଙ୍ଗଳ ହେବ।

**- ଅଞ୍ଜଳୀ ତ୍ରିପାଠୀ**
ମନସ୍ତତ୍ତ୍ୱବିତ୍ ବିଭାଗ ମୁଖ୍ୟ,
ଅନୁଗୋଳ ମହିଳା ମହାବିଦ୍ୟାଳୟ



"ସୁପ୍ରିମକୋର୍ଟ ନେଇଥିବା ନିଷ୍ପତ୍ତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଜଣେ ସାବାଳକ ଯଦି ଇଚ୍ଛା ଅନୁଯାୟୀ ସମଲିଙ୍ଗୀ ସହ ବସବାସ କରେ ତାହା ଅପରାଧ ନୁହେଁ। ଉଭୟଙ୍କ ସହମତି ଫଳରେ ସେମାନେ ସ୍ୱାଧୀନ ଭାବେ ବଞ୍ଚିବା ସହ ମାନସିକ ଅଶାନ୍ତିରୁ ମୁକ୍ତ ହୋଇପାରିବେ। ଭାରତୀୟ ଦଣ୍ଡ ସଂହିତା ଧାରା ୩୭୭ ଉଚ୍ଛେଦ ହେବା ପରେ ସମାଜରେ ଏମାନଙ୍କ ପ୍ରତି ଥିବା ଘୃଣ୍ୟ ମନୋଭାବରେ ନିଶ୍ଚିତ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଏ।

**- ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ**
ବରିଷ୍ଠ ଆଇନଜୀବୀ, ଅନୁଗୋଳ



"ସମଲିଙ୍ଗୀ ସମ୍ପର୍କକୁ ଆଇନସମ୍ମତ କରି ସୁପ୍ରିମ୍‌କୋର୍ଟ ଦେଇଥିବା ରାୟ ନିଶ୍ଚିତ ଭାବେ ଐତିହାସିକ। ଏହାକୁ ସମସ୍ତେ ମାନିବାକୁ ବାଧ୍ୟ। ଭାରତୀୟ ସମ୍ବିଧାନରେ ନାଗରିକଙ୍କୁ ପ୍ରଦତ୍ତ ସ୍ୱାଧୀନତା ଅଧିକାର ସହିତ ଏହାକୁ ସମତୁଲ କରିଛନ୍ତି ଶୀର୍ଷ ନ୍ୟାୟାଳୟ। କିନ୍ତୁ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏହା କେତେଦୂର ଗ୍ରହଣଯୋଗ୍ୟ ତାହା ସମୟ କହିବ। ସର୍ବସାଧାରଣ ଲୋକେ ସେମାନଙ୍କ ମନ ପରିବର୍ତ୍ତନ କରି ଏହାକୁ କେମିତି ଆଦରିନେବେ ତାହା ଦେଖିବାକୁ ବାକି ରହିଲା।

**- ଭିକାରି ଚରଣ ରାଉତ**
ଅବସରପ୍ରାପ୍ତ ବିଚାରପତି, ଢେଙ୍କାନାଳ



"ସମଲିଙ୍ଗୀ ସମ୍ପର୍କକୁ ବିଧିସମ୍ମତ କରାଯିବା ସମ୍ପୂର୍ଣ୍ଣ ମାନବଧର୍ମ ବିରୋଧୀ। ଭାରତୀୟ ଶିକ୍ଷା, ସଂସ୍କୃତି ଓ ପରମ୍ପରାର ଏହା ବିରୋଧୀ। ଭାରତୀୟ ଆଇନ ବ୍ୟବସ୍ଥାର ମୂଳ ଆଧାର ହେଉଛି ସଂସ୍କୃତି ଓ ଆଧ୍ୟାତ୍ମିକତା। ସମଲିଙ୍ଗୀ ସମ୍ପର୍କ ସମାଜରେ ଅପସଂସ୍କୃତି, ଅସାମାଜିକ ବାତାବରଣ ସୃଷ୍ଟି କରିବ। ବର୍ତ୍ତମାନ ଯେଉଁ ସାମାଜିକସ୍ଥିତିରେ ଆମେ ପହଞ୍ଚିଛେ, ଯଦି ଏହାକୁ ବିରୋଧ ନ କରିବା ଆମର ଭବିଷ୍ୟତ ପିଢ଼ି ଓ ବଂଶଧର ନିମ୍ନଗାମୀ ହେବେ।

**- ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ**
ଆଇନଜୀବୀ, ଢେଙ୍କାନାଳ



"ସୁପ୍ରିମକୋର୍ଟଙ୍କର ଏହା ଐତିହାସିକ ରାୟ। ଏଲ୍‌ଜିବିଟି କମ୍ୟୁନିଟିକୁ ସମାଜରେ ସମ୍ମାନର ସହ ବଞ୍ଚିବାରେ ଏହା ସହାୟକ ହେବ। ସମଲିଙ୍ଗୀମାନେ ଏବେ ବିନା ବାଧାରେ ଆଗକୁ ବଢ଼ିପାରିବେ। ସବୁ ଦିଗରୁ ଏହାକୁ ସ୍ୱାଗତ କରାଯିବା ଆବଶ୍ୟକ।

**- କେଦାରନାଥ**
ପ୍ରୋଗ୍ରାମ୍ ମ୍ୟାନେଜର, ସାଥୀ



"ସମଲିଙ୍ଗୀ ଯୌନ ସମ୍ପର୍କ ଅପ୍ରାକୃତିକ। ହିନ୍ଦୁ ସଂସ୍କୃତିରେ ଏହାକୁ ବିରୋଧ କରାଯାଇଛି। ଯଦି ସୁପ୍ରିମକୋର୍ଟ ଏହି ସମ୍ପର୍କକୁ ଅନୁମତି ପ୍ରଦାନ କରିଛନ୍ତି ତେବେ ନିଶ୍ଚିତ ଭାବରେ ଏହା ପଛରେ ମହତ୍ ଉଦ୍ଦେଶ୍ୟ ନିହିତ ଥିବ। ତେଣୁ ସୁପ୍ରିମକୋର୍ଟଙ୍କ ରାୟକୁ ସମସ୍ତେ ମାନିବାକୁ ବାଧ୍ୟ। କିନ୍ତୁ ଆଗାମୀ ଦିନରେ ଏହା ସମାଜରେ ବିଭ୍ରାନ୍ତି ସୃଷ୍ଟି କରିପାରେ।

**- ନାରାୟଣପ୍ରସାଦ ପତି**
ସଭାପତି, ବ୍ୟାସନଗର ବାର ଆସୋସିଏଶନ



"ସୁପ୍ରିମକୋର୍ଟଙ୍କ ସମଲିଙ୍ଗୀ ଯୌନ ସମ୍ପର୍କକୁ ଆଇନଗତ ଅନୁମତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେଣୁ ଆମ୍ଭେ ସୁପ୍ରିମକୋର୍ଟକୁ ଧନ୍ୟବାଦ ଦେଉଛୁ। ଆମ୍ଭକୁ ତୃତୀୟ ଲିଙ୍ଗର ମାନ୍ୟତା ଦେବା ପରେ ବି ଆଇପିସିର ଦଫା ୩୭୭ ଲାଗୁ କରି ଶିକୁଳିରେ ବାନ୍ଧି ଦିଆଯାଇଥିଲା ଭଳି ମନେ ହେଉଥିଲା । କିନ୍ତୁ ଏହି ରାୟ ଆମ୍ଭମାନଙ୍କୁ ସ୍ୱାଧୀନତା ଦେଇଛି । ଅନ୍ୟମାନଙ୍କ ଭଳି ଆମେ ପରସ୍ପରକୁ ବିବାହ ବନ୍ଧନରେ ବାନ୍ଧି ହୋଇ ସାମାଜିକ ଜୀବନ ବିତାଇବାକୁ ଆଇନଗତ ଭାବେ ଅନୁମତି ମିଳିଛି ।

**- ଲଭ୍‌ଲି କିନ୍ନର**
ସମ୍ପାଦକ, ଯାଜପୁର ଜିଲା କିନ୍ନର ସଂଘ



"ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ସ୍ୱାଗତଯୋଗ୍ୟ। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ନିଷ୍ପତ୍ତି ନେଇଛନ୍ତି। ନିଜ ଇଚ୍ଛାରେ କେହି ସମଲିଙ୍ଗୀ ସମ୍ପର୍କ ରଖିଲେ ଅସୁବିଧା ନାହିଁ। ପରିବାରରେ ସ୍ତ୍ରୀସ୍ୱାମୀ ସମ୍ପର୍କ ମଧ ଭାଙ୍ଗି ଯାଉଛି। ତେଣୁ ସମଲିଙ୍ଗି ସମ୍ପର୍କରେ ମଧ ଫାଟ ସୃଷ୍ଟି ହୋଇପାରେ। ତେଣୁ ଆଇନତଃ ଠିକ ନିଷ୍ପତ୍ତି ହୋଇଛି।

**- ରାଜକିଶୋର ବେହେରା**
ସଭାପତି, ଜିଲା ଓକିଲ ସଂଘ, ଜଗତ୍‌ସିଂହପୁର



"ସମଲିଙ୍ଗୀ ସମ୍ପର୍କ ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଦୁର୍ଭାଗ୍ୟଜନକ। ଏହା ଆମ ସାମାଜିକ ବ୍ୟବସ୍ଥାରେ ବ୍ୟତିକ୍ରମ ଆଣିବ। ଏହି ରାୟ ବିଶେଷକରି ସନାତନ ଧର୍ମାବଲମ୍ବୀଙ୍କୁ ଆଘାତ ପହଞ୍ଚାଇବ। ଛୋଟ ପିଲା କ'ଣ ଶିଖିବେ? ଆମେ ପାଶ୍ଚାତ୍ୟ ସଭ୍ୟତା ଆଡକୁ ମୁହାଁଉଛୁ, ଯାହାକି ଯନ୍ତ୍ରଣାଦାୟକ। ଲୋକଙ୍କ ଭିତରେ ଥିବା ଅନ୍ଧବିଶ୍ୱାସ ଏଯାଏ ଦୂର ହୋଇପାରୁନି। ସାଧାରଣରେ ଗ୍ରହଣୀୟ ହେଉ ନ ଥିବା ସମଲିଙ୍ଗୀ ସମ୍ପର୍କକୁ ଆଇନସମ୍ମତ କରିବା କେତେଦୂର ଫଳପ୍ରଦ ହେବ ତାହା ସମୟ କହିବ।

**- ପ୍ରଦୀପ୍ତ ମିତ୍ର**
ସାମାଜିକ କର୍ମୀ, ଜଗତ୍‌ସିଂହପୁର



"ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ସମସ୍ତଙ୍କର ନିଜ ମତକୁ ନେଇ ବଞ୍ଚିବାର ଅଧିକାର ଅଛି। ଯଦି କେହି ସମଲିଙ୍ଗୀ ଭାବେ ଜୀବନ ଅତିବାହିତ କରିବାକୁ ଚାହୁଁଛନ୍ତି, ଏଥିରେ ସମାଜ ଅଥବା ଗଣତନ୍ତ୍ରର କୌଣସି କ୍ଷତି ଘଟୁନାହିଁ। ସ୍ୱାଧୀନ ଭାରତରେ ସମସ୍ତଙ୍କର ନୈତିକ ଅଧିକାର ରହିଛି। ନିଜ ଇଚ୍ଛାନୁସାରେ ଜୀବନ ଅତିବାହିତ କରିପାରିବେ। ଏଣୁ ମୁଁ ଏହାକୁ ସ୍ୱାଗତ କରୁଛି।

**- ସୁମିତ୍ରା ଦଳାଇ**
ଛାତ୍ରୀନେତ୍ରୀ, ପୁରୀ



"ସୁପ୍ରିମକୋର୍ଟଙ୍କ ଏହି ରାୟ ସ୍ୱାଗତଯୋଗ୍ୟ। ଆଇପିସି ଦଫା ୩୭୭ରେ ପରିବର୍ତ୍ତନ ଦ୍ୱାରା ସମଲିଙ୍ଗୀମାନେ ସ୍ୱାଧୀନ ଭାବେ ବଞ୍ଚିପାରିବେ। ଦୁଇ ଜଣ ସ୍ୱଇଚ୍ଛାରେ ସ୍ୱାଧୀନ ଭାବେ ଯୌନସମ୍ପର୍କ ରଖିଲେ ତାହା ଗ୍ରହଣୀୟ। ହେଲେ ଯେଉଁଠାରେ ଇଚ୍ଛା ବିରୋଧରେ ଏହା ହେଉଛି ତାହା ଅଗ୍ରହଣୀୟ ଓ ଆଇନତଃ ଦଣ୍ଡନୀୟ।

**- ଅମିୟ ପଟ୍ଟନାୟକ**
ଜିଲା ବାର୍ ଆସୋସିଏଶନ ସଭାପତି, ନୟାଗଡ଼



"ଏହା ଏକ ସକାରାତ୍ମକ ବିଚାର। ଆମେ ଯେତେବେଳେ ବିଶ୍ୱାୟନରେ ଏକ ହୋଇଛେ ସେଭଳି ସ୍ଥଳେ ରକ୍ଷଣଶୀଳ ମନୋଭାବ ନେଇ ରହିବା ଭଲକଥା ନୁହେଁ। ଆମେ କିନ୍ନର ଓ ବିଭିନ୍ନ ବର୍ଗର ଲୋକଙ୍କୁ ସମାଜରେ ରହିବାକୁ ଦେବା। ଏହି ରାୟ ସ୍ୱାଗତଯୋଗ୍ୟ। ସମାଜର ପ୍ରତି ବ୍ୟକ୍ତି ଏହାକୁ ଭଲ ଦୃଷ୍ଟିରେ ଗ୍ରହଣ କରିବା ଆବଶ୍ୟକ।

**- ପ୍ରୀତିକାନ୍ତ ପଣ୍ଡା**
ଜିଲା ଶିଶୁ ସୁରକ୍ଷା ଅଧିକାରୀ, ନୟାଗଡ଼



"ଯୁଗୋପଯୋଗୀ ଚିନ୍ତାଧାରା ମଣିଷ ଜୀବନଧାରାକୁ ସହଜ କରେ। ବ୍ରିଟିଶ ଶାସନ ସମୟରେ ଲାଗୁ ହୋଇଥିବା ବହୁ ଆଇନର ଇତିମଧ୍ୟରେ ସଂଶୋଧନ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟ ଆଇପିସି ଦଫା ୩୭୭ରେ ସଂଶୋଧନ ଆଣିବା ଦ୍ୱାରା ସହମତି ଭିତ୍ତିରେ ଯୌନ ସମ୍ପର୍କ ରଖୁଥିବା ସମଲିଙ୍ଗୀ ପୁରୁଷ, ମହିଳା ଓ ତୃତୀୟ ଲିଙ୍ଗୀ ଉପକୃତ ହେବେ। ଏହି ରାୟ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ।

**- ଦେବଦାସ ମହାନ୍ତି**
କେନ୍ଦ୍ରାପଡ଼ା ଜିଲା ଓକିଲ ସଂଘ ସଭାପତି



"ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ସମ୍ପୂର୍ଣ୍ଣ ଭିନ୍ନ। ସାମ୍ପ୍ରତିକ ସମୟରେ ଭାରତୀୟ ସଂସ୍କୃତିକୁ ଭୁଲି ଯୁବବର୍ଗ ପାଶ୍ଚାତ୍ୟ ସଂସ୍କୃତି ଆପଣାଉଛନ୍ତି। ଯୌନ ସମ୍ପର୍କ ରକ୍ଷାକୁ ନେଇ ଭାରତୀୟ ସଂସ୍କୃତିରେ ବିଭିନ୍ନ କଟକଣା ଓ ଦୃଷ୍ଟିଭଙ୍ଗୀ ରହିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦଫା ୩୭୭ରେ ସଂଶୋଧନ ଆଣିବା ଯୁବବର୍ଗଙ୍କୁ ଆହୁରି ଉଚ୍ଛୃଙ୍ଖଳିତ କରିବ।

**- ଡା. ହୀରାମଣି ବେଉରା**
ତୁଳସୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା, କେନ୍ଦ୍ରାପଡ଼ା



"ସମଲିଙ୍ଗୀ ଯୌନ ସମ୍ପର୍କ ପ୍ରସଙ୍ଗକୁ ନେଇଦୀର୍ଘ ଦିନ ଧରି ବିତର୍କ ଚାଲିଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ଏହା ସମଲିଙ୍ଗୀ ସମ୍ପର୍କକୁ ସମର୍ଥନ କରୁଥିବା ବ୍ୟକ୍ତିଙ୍କ ନୈତିକ ବିଜୟ ବୋଲି କୁହାଯିବ। ଏହା କୌଣସି ଏକ ଅପରାଧ ନୁହେଁ। ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ।

**- ବିଭୂତି ଭୂଷଣ ତ୍ରିପାଠୀ**
ସମ୍ପାଦକ, ପୁରୀ ବାର ଆସୋସିଏଶନ



"ଭାରତ ଏକ ସଂସ୍କୃତି ସମ୍ପନ୍ନ ରାଷ୍ଟ୍ର। ଆମ ପୁରାଣ, ଶାସ୍ତ୍ରରେ ଆମ ସାଂସ୍କୃତିକ ବିଧି ବ୍ୟବସ୍ଥା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଶାସ୍ତ୍ର ବିରୋଧୀ କାର୍ଯ୍ୟ ସମାଜ ଲାଗି କ୍ଷତିକାରକ। ସମଲିଙ୍ଗୀ ସମ୍ପର୍କରେ କୌଣସି ଶାସ୍ତ୍ରରେ ବର୍ଣ୍ଣନା ନାହିଁ ଏହା ଦ୍ୱାରା ସମାଜରେ କଳୁଷିତ ବାତାବରଣ ସୃଷ୍ଟି ହେବ। ଏକ ସଭ୍ୟ ସମାଜ ଲାଗି ଏହା ଶୁଭଙ୍କର ନୁହେଁ।

**- ପ୍ରଫେସର ଜଗବନ୍ଧୁ ମିଶ୍ର**
ପୁରୀ

## ODISHA POWER TRANSMISSION CORPORATION LTD.

Office of The Deputy General Manager, Electrical EHT(O&M) Division, Bhanjanagar, At:Kanteipalli, Post:Badapada, Dist:Ganjam(Odisha), Pin: 761124, e-mail:ehtm.div.bnj@ optcl.co.in, GSTIN: 21AAACO7873L1Z6

**TENDER CALL NOTICE NO.04/18-19**

For and on behalf of OPTCL, sealed tenders are invited from reputed Manufacturers/Suppliers having valid IT PAN, GST Certificate towards **"Supply of 17 nos 220 KV CVT, 132 KV CVT, 132 KV CT and 33 KV Console boxes for different Grid Sub-Stations** under EHT (O&M) Division, Bhanjanagar. **Commencement of Sale of Tender Paper :** From Dated 07.09.2018, 11AM to Dated 22.09.2018, 12:00Noon. **Last Date of Submission of Tender Paper :** Dated 22.09.2018 up to 2:00 PM. **Date of Opening of Tender Paper :** Dated 22.09.2018 at 3:00 PM. **Cost of Tender paper :** Rs.600/- + GST @12% = Rs.672/-. For details please visit our website www.optcl.co.in. **N.B-** All subsequent addendums/Corrigendum to the tender (if any) will be hosted in the OPTCL's website **http://www.optcl.co.in** only.

DGM (Elect.), EHT (O&M) Divn. Bhanjanagar

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

ODISHA POWER TRANSMISSION CORPORATION LIMITED

**(A Government of Odisha undertaking)**

**OFFICE OF THE DY. GENERAL MANAGER (ELECT.), E.H.T. (C) DIVISION, BOLANGIR**

**At- 220/132/33 K.V. Grid Sub- Station, Sadeipali, P.O.- Sadeipali, Via.- Chandanbhati, Dist.- Bolangir- 767065, Tel.- 06652-250871**

**CIN- U40102OR2004SGC007553**

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡୁଙ୍ଗୁରିପାଲିଠାରେ ଥିବା RTSS (ରେଳବାଇ) ଡୁଙ୍ଗୁରିପାଲିକୁ ସଂଯୋଗ କରୁଥିବା ୧୩୨ କେ.ଭି. RTSS ଡୁଙ୍ଗୁରିପାଲିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ଲାଇନର ଏହି ଅଂଶ ବରପାଲି, ଅଁଏଁଲାପାଲି, ଟିଙ୍ଗିପାଲି, ବରଲାବାହାଲ, ମହଦା, ଭାଟିଗାଁ, ସୁଜିଆ, ମୁନୁପାଲି, ଖଏରପାଲି, ପଥରଖଣ୍ଡି, ସାନନୂଆଁପାଲି ଓ ଖୁଣ୍ଟପାଲି ଗ୍ରାମ ଦେଇ ଯାଇଅଛି।

ଏହି ଲାଇନଟି ଆସନ୍ତା ୦୭।୦୯।୨୦୧୮ରିଖ ପରଠାରୁ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ।

ଏହା ଦ୍ୱାରା ଅର୍ଥନୈତିକ ପ୍ରଗତି ଧାରା ତ୍ୱରାନ୍ୱିତ ହୋଇଛି। ଅପରପକ୍ଷରେ ଜିଏସ୍‌ଟି ଯୋଗୁ କ୍ଷୁଦ୍ର ଶିଳ୍ପଗୁଡିକ ବ୍ୟବସାୟ ବାଧାପ୍ରାପ୍ତ ହେବାରୁ ସେମାନେ ବାଣିଜ୍ୟ ବନ୍ଦ କରି ଦେଉଥିବା ଘଟଣାମାନ ସାମ୍ନାକୁ ଆସିଛି। ଏହାଫଳରେ ଉକ୍ତ ୟୁନିଟ୍‌ଗୁଡିକରେ କାର୍ଯ୍ୟ କରୁଥିବା ଲୋକମାନେ ଅନେକ ସଂଖ୍ୟାରେ ନିଯୁକ୍ତି ହରାଇଥିବା ବଜାର ବିଶେଷଜ୍ଞମାନେ ଯୁକ୍ତି ବାଢିଛନ୍ତି। ନିଯୁକ୍ତି ଧାରା ପ୍ରଭାବିତ ହୋଇଥିବାରୁ ଏହାର ପ୍ରତିଫଳନ ଆଗାମୀ ସାଧାରଣ ନିର୍ବାଚନରେ ଦେଖାଯାଇ ପାରେ ବୋଲି ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି। ଅନ୍‌ଲାଇନରେ ଟିକସ ଫାଇଲିଂ, ଆକାଉଣ୍ଟାଣ୍ଟ ନିଯୁକ୍ତି, ସିଷ୍ଟମ ନାଭିଗେଶନ ଭଳି ଅନେକ ସମସ୍ୟା ଯୋଗୁ କ୍ଷୁଦ୍ର ଶିଳ୍ପଗୁଡିକ ବିଶେଷ ଭାବେ ଅସୁବିଧା ସାମ୍ନା କରିଛନ୍ତି। ଜଣେ ବ୍ୟବସାୟୀଙ୍କର ଜିଏସ୍‌ଟି ପଞ୍ଜୀକରଣ ରହିଥିଲେ ମଧ୍ୟ ଭେଣ୍ଡର ଏବଂ ବାୟରମାନେ ଟିକସ ବ୍ୟବସ୍ଥାର ଅନୁପାଳନ ଲାଗି ସମର୍ଥ ହେଉ ନ ଥିବାରୁ ବିଭିନ୍ନ ଅସୁବିଧା ଉପୁଜୁଥିବା ଜଣେ କ୍ଷୁଦ୍ର ବ୍ୟବସାୟୀ ପ୍ରକାଶ କରିଛନ୍ତି। ଟିକସ କ୍ଷେତ୍ରରେ ରହିଥିବା ଅସୁବିଧାର ସମାଧାନ ଲାଗି ସରକାର ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି। କ୍ଷୁଦ୍ର ବାଣିଜ୍ୟଗୁଡିକର ଅସୁବିଧାକୁ ସରକାର ବିଚାର କରୁଛନ୍ତି। ମାତ୍ର ଜିଏସ୍‌ଟି ଯୋଗୁ କେତେ ନିଯୁକ୍ତି ହ୍ରାସ ହୋଇଛି ସେ ନେଇ ଅର୍ଥମନ୍ତ୍ରଣାଳୟ ପକ୍ଷରୁ କୌଣସି ଉତ୍ତର ମିଳି ନାହିଁ। ଜିଏସ୍‌ଟି ଯୋଗୁ ବଡ ଫାର୍ମଗୁଡିକ ବିଶେଷ ଭାବେ କୌଣସି ଅସୁବିଧା ସାମ୍ନା କରି ନ ଥିବା ଜଣାଯାଇଛି। ମାତ୍ର କ୍ଷୁଦ୍ର ବାଣିଜ୍ୟଗୁଡିକ ଏବେ ମଧ୍ୟ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ଅଲ୍ ଇଣ୍ଡିଆ ଟ୍ରେଡ ୟୁନିୟନ କଂଗ୍ରେସ ପକ୍ଷରୁ ଜୁଲାଇରେ ହୋଇଥିବା ଏକ ସର୍ଭେ ମୁତାବକ ଦେଶର ୬୩ ନିୟୁତ କ୍ଷୁଦ୍ର ବାଣିଜ୍ୟ ମଧ୍ୟରୁ ଏକ ପଞ୍ଚମାଂଶ ସଂସ୍ଥାଗୁଡିକର ଲାଭ ଜିଏସ୍‌ଟି ପରେ ୨୦% ହ୍ରାସ ଘଟିଛି। ଉକ୍ତ ସଂସ୍ଥାଗୁଡିକ ଜିଡିପିକୁ ୩୨% ଅବଦାନ ରଖୁଥିବା ବେଳେ ୧୧୧ ନିୟୁତ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଏଭଳି ସ୍ଥିତି ଯୋଗୁ ସଂସ୍ଥାଗୁଡିକ ଅନେକ ମାତ୍ରାରେ ନିଯୁକ୍ତି ହ୍ରାସ କରିଥିବା ଜଣାଯାଇଛି। ରେଡିମେଡ ପୋଷାକ, ଜେମ୍ସ, ଜୁଏଲେରୀ, ଚମଡା, ହସ୍ତଶିଳ୍ପ, ବେସିକ୍ ମେଶିନାରୀ ମାନୁଫାକଚରିଂ କ୍ଷେତ୍ରରେ ବିଶେଷ ଭାବେ ନିଯୁକ୍ତି ହ୍ରାସ ହୋଇଥିବା ଶିଳ୍ପ ସଂସ୍ଥାଗୁଡିକର ପ୍ରତିନିଧିମାନେ କହିଛନ୍ତି।

## ପୋର୍ଟିକୋ ନ୍ୟୁୟର୍କ ପକ୍ଷରୁ ନୂଆ କଲେକଶନ



**କଟକ, ୬-୯**

ପ୍ରମୁଖ ହୋମ୍ ଫ୍ୟାଶନ କମ୍ପାନୀ କ୍ରିଏଟିଭ୍ ପୋର୍ଟିକୋ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ପାର୍ବଣ ସମୟକୁ ଧ୍ୟାନରେ ରଖି ନୂଆ ଅଟମ୍-ୱିଣ୍ଟର କଲେକଶନ ବଜାରକୁ ଆସିଛି। କମ୍ପାନୀର ବିକ୍ରି ମୁଖ୍ୟ ଆଦିତ୍ୟ କଲାଣି , ରିଟେଲ ଡିଜିଏମ୍ ସୁରେଶ ସିଂ ଏବଂ ବିତରକ ଆରତୀ ମିଶ୍ର କଟକଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି କଲେକ୍ସନଗୁଡିକୁ ବଜାର ପ୍ରବେଶ କରାଇଥିଲେ। ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ଟେକ୍ସଟାଇଲ ଓ ରିଟେଲ କ୍ଷେତ୍ରରେ ସକ୍ରିୟ ଥିବା କ୍ରିଏଟିଭ୍ ଗ୍ରୁପର ଏକ ଅଂଶବିଶେଷ 'ପୋର୍ଟିକୋ' । ଏହା ଗ୍ରାହକଙ୍କ ଲାଗି ଆକର୍ଷଣୀୟ ହୋମ୍ କଲେକ୍ସନ ପ୍ରସ୍ତୁତ କରୁଥିବା ସୂଚନା ଦେଇଛି। ବିଶ୍ୱ ବଜାରର ଟ୍ରେଣ୍ଡକୁ ଧ୍ୟାନରେ ରଖି ଭାରତୀୟ ଗ୍ରାହକଙ୍କୁ ସୁହାଇଲା ଭଳି ଉତ୍ପାଦ ଆଣିବା ଦିଗରେ ପଦକ୍ଷେପ ଜାରି ରହିଥିବା ବିକ୍ରି ମୁଖ୍ୟ ଆଦିତ୍ୟ କଲାଣି ସୂଚନା ଦେଇଛନ୍ତି। ଗ୍ରାହକଙ୍କୁ ସର୍ବଦା ନବୀନତମ ଉତ୍ପାଦ ପ୍ରଦାନ ଦିଗରେ କମ୍ପାନୀ ସର୍ବଦା ଯତ୍ନବାନ ବୋଲି ଡିଜାଇନ ତଥା ପ୍ରଡକ୍ଟ ଉନ୍ନତୀକରଣ ମୁଖ୍ୟ ପୂଜା ପୁସାଳକର କହିଛନ୍ତି। ଯୁବାବର୍ଗଙ୍କ ଆବଶ୍ୟକତା ଆଧାରରେ ନୂଆ କଲେକ୍ସନ ବଜାରକୁ ଛଡାଯାଉଛି।

# ଗ୍ରାହକ ସେବା ଜେଏମ୍‌ଜିର ପ୍ରାଥମିକତା

**ଦୁଇ ଚକିଆ ଯାନ ବିକ୍ରି କ୍ଷେତ୍ରରେ ବର୍ତ୍ତମାନ କମ୍ପାନୀଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ଉନ୍ନତ ଉତ୍ପାଦ ତଥା ସେବା ଯୋଗାଣ ବାଦ୍ ଗ୍ରାହକଙ୍କୁ ନିଜ ସହ ବାନ୍ଧି ରଖିବା ଲାଗି କମ୍ପାନୀଗୁଡିକ ଟଚ୍ ପଏଣ୍ଟରେ ସ୍ୱତନ୍ତ୍ର ସେବା ଯୋଗାଇ ଦେଉଛନ୍ତି। ଟ୍ୱିନ ସିଟି କଟକ ଓ ଭୁବନେଶ୍ୱରରେ ହିରୋ ମୋଟୋକର୍ପର ସର୍ବ ବୃହତ ଡିଲରଶିପ ଭାବେ 'ଜେଏମ୍‌ଜି ହିରୋ'ର ଖ୍ୟାତି ରହିଛି। କଟକର ପ୍ରଫେସରପଡାରେ ଅବସ୍ଥିତ ଥିବା ଏହି ଶୋ'ରୁମ 'ଜେଏମ୍‌ଜି ଅଟୋମୋବାଇଲ୍ସ' ନାମରେ ବେଶ ଜଣାଶୁଣା। ଉକ୍ତ ଡିଲରଶିପ ବର୍ତ୍ତମାନ ୨ ଟଚ୍ ପଏଣ୍ଟ ତଥା ସର୍ଭିସ ସେଣ୍ଟର ଦ୍ୱାରା ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରଖିଛି। ଗ୍ରାହକଙ୍କୁ ବାଇକ୍ ଓ ସ୍କୁଟର ବିକ୍ରି, ସର୍ଭିସ, ଅଟୋ ଶିଳ୍ପର ଡିଲରଶିପ ଅଭିଜ୍ଞତାକୁ ନେଇ ଏହାର ସ୍ୱତ୍ୱାଧିକାରୀ ପ୍ରଦୀପ ଅଗ୍ରୱାଲ ଧରିତ୍ରୀକୁ ଦେଇଥିବା ସାକ୍ଷାତକାରର କିୟଦଂଶ.....**



**■ଦୁଇ ଚକିଆ ଯାନ ବାଣିଜ୍ୟ କ୍ଷେତ୍ରକୁ ଆସିବା ଲାଗି କାହିଁକି ବାଛିଲେ?**

❖କଟକ ରାଜ୍ୟର ସର୍ବପୁରାତନ ସହର। ଏଠି ଲୋକମାନଙ୍କର ଯିବା ଆସିବାର ପ୍ରମୁଖ ଆୟୁଧ ୨ ଚକିଆ ଯାନ ହୋଇଥାଏ। ଏହା ଛଡା ଅଣ ଓସାରିଆ ରାସ୍ତା ଓ ପାର୍କିଂ ସ୍ଥାନ ଅଭାବ ଯୋଗୁ ୪ ଚକିଆ ଯାନ ଲୋକଙ୍କ ନିକଟରେ ଥିଲେ ମଧ୍ୟ ଲୋକମାନେ ୨ ଚକିଆ ଯାନକୁ ଚୟନ କରିଥାନ୍ତି। ସହର ମଧ୍ୟରେ ୨ ଚକିଆ ଯାନରେ ଯିବା ସହଜ ତଥା ସୁଗମ ହୋଇଥାଏ। ଅପରପକ୍ଷରେ ହିରୋ ମୋଟୋକର୍ପର ମଡେଲଗୁଡିକ ପ୍ରତି ଗ୍ରାହକଙ୍କର ମୂଳରୁ ଭଲ ପାଇବା ରହିଛି। ଏଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି ୨ ଚକିଆ ଯାନବ୍ୟବସାୟ କ୍ଷେତ୍ରକୁ ପ୍ରବେଶ କରିଥିଲୁ।

**■ବ୍ୟବସାୟ କ୍ଷେତ୍ରରେ ପ୍ରବେଶ କରିବା ପରଠାରୁ ଯାତ୍ରା କେମିତି ରହିଛି?**

❖ଦୁଇ ଚକିଆ ଯାନ ବିକ୍ରି କ୍ଷେତ୍ରରେ ଗତ ୧୯ ବର୍ଷର ଯାତ୍ରା ବିଶେଷ ଘଟଣା ବହୁଳ। କଟକ ସହରରେ ଏହି ସମୟ ମଧ୍ୟରେ ପ୍ରାୟ ୨ ଲକ୍ଷ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛୁ।

**■ଆଗାମୀ ଦିନରେ କ'ଣ ସବୁ ଯୋଜନା ରହିଛି?**

❖ ବର୍ତ୍ତମାନ ଗ୍ରାହକଙ୍କ ରୁଚିରେ ପରିବର୍ତ୍ତନ ଆସିଲାଣି। ସବୁ ସେଗମେଣ୍ଟରେ ଦୁଇ ଚକିଆ ଯାନ ସହ ଗ୍ରାହକଙ୍କ ଚାହିଦାକୁ ପ୍ରାଥମିକତା ଦେଉଛୁ। ଏ ନେଇ ଶୋ'ରୁମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି।

**■ଜେଏମ୍‌ଜି ହିରୋ ଶୋ'ରୁମର ସ୍ୱତନ୍ତ୍ରତା କ'ଣ?**

❖ଟ୍ୱିନ୍ ସିଟିରେ 'ଜେଏମ୍‌ଜି ହିରୋ' ହିରୋ ଦୁଇ ଚକିଆ ଯାନ ଲାଗି ଏକ ପ୍ରମୁଖ ଶୋ'ରୁମ। ଗ୍ରାହକଙ୍କ ଆବଶ୍ୟକତାକୁ ନେଇ ଆମେ ସର୍ବଦା ଯତ୍ନବାନ ରହିଛୁ। ସେଲସ୍, ସର୍ଭିସ, ସ୍ପେୟାର ତଥା ଗ୍ରାହକଙ୍କ ନିରାପତ୍ତାକୁ ଧ୍ୟାନ ଦେଉଛୁ। ବେଷ୍ଟ ଇନ୍ କ୍ଲାସ ସୁବିଧା, ସର୍ବୋଚ୍ଚ ସର୍ଭିସ ଷ୍ଟାଣ୍ଡାର୍ଡକୁ ନଜରରେ ରଖାଯାଉଛି। ସମ୍ପୂର୍ଣ୍ଣ ଅଟୋମେଟେଡ ବ୍ୟବସ୍ଥା, ହିରୋ ମୋଟୋ କର୍ପର ଟେକ୍ନିସିଆନ ଯାନର କେୟାର ଲାଗି ନିୟୋଜିତ ହୋଇଛନ୍ତି। ଷ୍ଟେଟ୍ ଅଫ୍ ଆର୍ଟ ସର୍ଭିସ ଷ୍ଟେଶନ ଏଠାରେ ସ୍ଥାପନ କରାଯାଇଛି। ବର୍ତ୍ତମାନ ହିରୋର ସବୁ ଦୁଇ ଚକିଆ ଯାନ ଏବଂ ପ୍ରକୃତ ଆସେସୋରିଜ୍ ଉପରେ ୫ ବର୍ଷିଆ ୱାରେଣ୍ଟି ପ୍ରଦାନ କରାଯାଉଛି। ଗୁଡ୍ ଲାଇଫ୍ ପ୍ରୋଗ୍ରାମ, ଜଏ ରାଇଡ୍ ପ୍ରୋଗ୍ରାମ୍ ଭଳି ପଦକ୍ଷେପ ସହ କମ୍ପାନୀ ଅଫର, ଫାଇନାନ୍ସ ଏବଂ ଏକ୍ସଚେଞ୍ଜ ଅଫର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।

**■ଉତ୍ତମ ଗ୍ରାହକ ସେବାକୁ ନେଇ କ'ଣ କହିବେ?**

❖ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣକୁ ଆମେ ସର୍ବଦା ଅଗ୍ରାଧିକାର ଦେଉଛୁ। ଶୋ'ରୁମ ପକ୍ଷରୁ ଗ୍ରାହକଙ୍କ ଲାଗି ବିଭିନ୍ନ ଅଫର ମଧ୍ୟ ପ୍ରଦାନ କରାଯାଉଛି। ନେଟ୍‌ୱର୍କରେ ଉନ୍ନତୀକରଣ ନେଇ ବର୍ତ୍ତମାନ ଆମେ ଫୋକସ ରଖିଛୁ।

## ୨୩ ବ୍ୟାଙ୍କକୁ ଜରିମାନା ଭୟ

### ଆଧାର ପଞ୍ଜୀକରଣ

**ନୂଆଦିଲ୍ଲୀ,୬-୯**

ନଭେମ୍ବର ପହିଲାରୁ ପିଛିଲା ଭାବେ ପ୍ରତି ଶାଖାରେ ୮ଟି ଆଧାର ପଞ୍ଜୀକରଣ ଅଥବା ସଂଶୋଧନ ନ କଲେ ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫସି ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ ବରୋଦା ସହ ଦେଶର ୨୩ ବ୍ୟାଙ୍କ ବିରୋଧରେ ଆଧାର ପଞ୍ଜୀକରଣ ଏଜେନ୍ସି ୟୁଆଇଏଡିଆଇ ଜରିମାନା ଆଦାୟ କରିବ ବୋଲି ଚେତାବନୀ ଶୁଣାଇ ସାରିଛି। ଏହାକୁ ନେଇ ବ୍ୟାଙ୍କଗୁଡିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରିଜର୍ଭ ବ୍ୟାଙ୍କକୁ ବାଦ୍ ଦେଇ ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) କିପରି ଜରିମାନା ଆଦାୟ କରିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଚଳିତ ବର୍ଷ ଜୁଲାଇ ପହିଲାରୁ ପ୍ରତି ଶାଖାରେ ୮, ଅକ୍ଟୋବର ପହିଲାରୁ ୧୨ ଏବଂ ଆସନ୍ତା ବର୍ଷ ଜାନୁୟାରୀ ପହିଲାରୁ ୧୬ଟି ଆଧାର ପଞ୍ଜୀକରଣ ଅଥବା ସଂଶୋଧନ କରିବାକୁ ୟୁଆଇଡିଏଆଇ ପକ୍ଷରୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସମୟସୀମାକୁ ଏବେ ନଭେମ୍ବର ପହିଲାକୁ ଘୁଞ୍ଚାଇ ଦିଆଯାଇଛି। ସମୟ ବୃଦ୍ଧି ପୂର୍ବରୁ ଜୁଲାଇରେ ଲକ୍ଷ୍ୟପୂରଣ କରି ନ ଥିବାରୁ ଆଇସିଆଇସିଆଇ ବ୍ୟାଙ୍କ ଉପରେ ୮୨ ଲକ୍ଷ ଟଙ୍କା, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ୬୮ ଲକ୍ଷ ଟଙ୍କା,କାନାରା ବ୍ୟାଙ୍କ ୬୪.୨ ଲକ୍ଷ ଟଙ୍କା ଏବଂ ୟୁକୋ ବ୍ୟାଙ୍କ ଉପରେ ୫୭ଲକ୍ଷ ଟଙ୍କାର ଜରିମାନା ବକେୟା ପଡିଛି। ବ୍ୟାଙ୍କମାନଙ୍କ ପ୍ରଶ୍ନ ଉପରେ ଉତ୍ତର ଦେଇ ୟୁଆଇଡିଏଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆଧାର ଆଇନାନୁସାରେ ଏହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।

# ୭୨ ଟପିଲାଣି ଟଙ୍କା...

**ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ୭ମ ଦିନ ହ୍ରାସ ପାଇଛି। ଗୁରୁବାର ଟଙ୍କା ଏକ ସମୟରେ ୭୨ ସ୍ତର ପାର୍ କରିଯାଇଥିଲା। ଆଗକୁ ଆହୁରି କମିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ଅଶୋଧିତ ତୈଳ ଦରବୃଦ୍ଧି, ଡଲାର ଚାହିଦା ବଢ଼ିବା ସାଙ୍ଗକୁ ବିକାଶଶୀଳ ଦେଶର ମୁଦ୍ରା ହ୍ରାସ ପାଇବାର ପ୍ରଭାବ ଟଙ୍କା ଉପରେ ପଡିଛି। ଏଥିଯୋଗୁ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ବଢୁଥିବା ବେଳେ ଚଳନ୍ତି ଖାତା ନିଅଣ୍ଟ ପରିମାଣ ମଧ୍ୟ ବଢୁଛି। ଟଙ୍କା ହ୍ରାସ ନେଇ ବିଶେଷଜ୍ଞମାନେ କ'ଣ କହୁଛନ୍ତି ତାହା ନିମ୍ନରେ ଉଲ୍ଲେଖ କରାଯାଉଛି।**




## ବିତ୍ତୀୟ ନିଅଣ୍ଟ ସୀମା ଭିତରେ ରହୁ



୨୦୧୩ ମସିହାରେ ଡଲାର ତୁଳନାରେ ମୁଦ୍ରାର ବିନିମୟ ମୂଲ୍ୟ ପାଖାପାଖି ୨୩% ହ୍ରାସ ପାଇଥିଲା। ସେ ସମୟକୁ ଦେଖିଲେ ଚଳିତ ବର୍ଷ ଏହା ୧୧% ହ୍ରାସ ପାଇଛି। ଅନ୍ୟ ପକ୍ଷରେ ୨୦୧୩ରେ ଏକ ବ୍ୟାରେଲ ଅଶୋଧିତ ତୈଳ ଦର ମୂଲ୍ୟ ୧୦୭ ଡଲାର ଥିଲା। କିନ୍ତୁ ଏବେ ଏହା ୭୫ ଡଲାର ପାଖାପାଖି ରହିଛି। ଯାହାକି ତୁଳନାତ୍ମକ ଭାବେ ଯଥେଷ୍ଟ କମ। ବର୍ତ୍ତମାନ ଖୁଚୁରା ବଜାରରେ ତୈଳ ଦର ବୃଦ୍ଧି କୌଣସି ବାହ୍ୟ କାରଣ ପାଇଁ ନୁହେଁ ବରଂ ଆଭ୍ୟନ୍ତରୀଣ ଟିକସ ଦ୍ୱାରା ପ୍ରଭାବିତ।

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ପାଖାପାଖି ୪୧୫ ବିଲିୟନ ଡଲାର ବିଦେଶୀ ମୂଲ୍ୟ ଗଚ୍ଛିତ ରହିଛି, ଯାହାକି ୨୦୧୪ ମାର୍ଚ୍ଚ ବେଳକୁ ମାତ୍ର ୩୦୩ ବିଲିୟନ ଡଲାର ଥିଲା। ଏହି ଦୃଷ୍ଟିରୁ ବର୍ତ୍ତମାନର ସ୍ଥିତି ତୁଳନାତ୍ମକ ଭାବେ ଭଲ ରହିଛି। ବିତ୍ତୀୟ ନିଅଣ୍ଟକୁ ସୀମା ଭିତରେ ରଖିବା ହେଉଛି ବର୍ତ୍ତମାନ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିତ୍ତୀୟ ନିଅଣ୍ଟ ନିୟନ୍ତ୍ରଣାଧୀନ ରହିଲେ ଯାଇ ପରିସ୍ଥିତି ନିୟନ୍ତ୍ରଣରେ ରହିବ।

**ଡ. ଦିଲ୍ଲୀପ କୁମାର ପଣ୍ଡା, ଅର୍ଥନୀତି ବିଶାରଦ**

## ରପ୍ତାନି ଶିଳ୍ପକୁ ଭଲ ହେଲେବି ଦେଶ ପାଇଁ ମନ୍ଦ



ଯେଉଁମାନେ ଭାରତରେ ରପ୍ତାନି ଶିଳ୍ପରେ ଜଡ଼ିତ ସେମାନଙ୍କ ପାଇଁ ସାମୟିକ ଭାବେ ଭଲ। କାରଣ ସେମାନେ ଡଲାର ଆକାରରେ ଯେଉଁ ଆୟ କରିବେ ତାହାର ବିନିମୟ ମୂଲ୍ୟ ଭାରତରେ ଅଧିକ ପାଇବେ। ଫଳରେ ପୂର୍ବରୁ ଏକ ଡାଲର ବଦଳରେ ସେମାନେ ଯଦି ୬୫ ଟଙ୍କା ପାଉଥିଲେ ବୋଲି ଧରାଯିବ ଆଜି ସେମାନେ ୭୨ ଟଙ୍କା ପାଇବେ। ଏହା ଏକ ସାମୟିକ ଲାଭ ବୋଲି କୁହାଯିବ। କିନ୍ତୁ ଦେଶର ଅର୍ଥନୀତି ପାଇଁ ଏହା ମହଙ୍ଗା। କାରଣ ସାମଗ୍ରିକ ଭାବେ ଖର୍ଚ୍ଚ ବଢିବ। ସାଧାରଣ ଅର୍ଥରେ ଖର୍ଚ୍ଚ ବଢିବା ଦ୍ୱାରା ଦର ବୃଦ୍ଧି ପାଇବ। ଦର ବୃଦ୍ଧି ପାଇଲେ ଖାଉଟିଙ୍କ ଉପରେ ବୋଝ ବଢିବ।

**ରମେଶ ମହାପାତ୍ର, ଅଧ୍ୟକ୍ଷ, ୟୁସିସିଆଇ**

ଅତି ସରଳ ଭାଷାରେ କହିଲେ ଭାରତରେ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବିଦେଶରୁ କଞ୍ଚାମାଲ ଆମଦାନୀ କରୁଛନ୍ତି ସେମାନେ ଏବେ ଅଧିକ ଖର୍ଚ୍ଚ ସହିବେ। ଏହି ବର୍ଦ୍ଧିତ ଖର୍ଚ୍ଚ ସକାଶେ ଏଠାରେ ଉତ୍ପାଦନ ଖର୍ଚ୍ଚ ବଢିବ। ଉତ୍ପାଦନ ଖର୍ଚ୍ଚ ବଢିଲେ ଦର ଦାମ ବୃଦ୍ଧି ପାଇବ। ଫଳରେ ଖାଉଟିମାନଙ୍କ କ୍ରୟ ଶକ୍ତି କମିବ। ଏହା ଗୋଟିଏ ଦିଗ। ଅନ୍ୟ ଦିଗଟି ହେଲା ତୈଳ ଦର ଉପରେ ଦେଶର ସବୁ କ୍ଷେତ୍ରଗୁଡିକ ନିର୍ଭରଶୀଳ ହୋଇଥିବା ବେଳେ ପ୍ରାୟ ୮୦% ତୈଳ ଭାରତରେ ଆମଦାନୀ ଉପରେ ନିର୍ଭରେ କରେ। ଏଭଳି ସ୍ଥଳେ ତୈଳ ଦର ବୃଦ୍ଧି ଏବଂ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ଖାଉଟିଙ୍କ ପାଇଁ ଶୁଭ ସଙ୍କେତ ନୁହେଁ। କାରଣ ଏକ ନିର୍ଦ୍ଦିଷ୍ଟ ସମୟରେ ଆୟ ପ୍ରାୟତଃ ସମାନ ଥାଏ। ଆୟ ସମାନ ଥାଇ ଦରଦାମ ବୃଦ୍ଧି ପାଇଲେ ଗ୍ରାହକଙ୍କର ପ୍ରକୃତ ଆୟ ହ୍ରାସ ପାଉଛି ବୋଲି ଜାଣି ରଖିବା ଉଚିତ।

**–ରୂପ୍ କୁମାର ପ୍ରଧାନ, ସିଏଫ୍‌ପି**


## List of Sairat Sources to be settled on Long Term lease basis for five years (2018-19 to 2022-23) in respect of Tahasil Office, Konisi.

| Sl. No. | Mouza | Name of the Source | Khata No. | Plot No. | Extent of Area in Ac. | Royality per Cum including Addl. Charge 5% | Solvency | EMD |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Padmapur | Stone | 577 | 803 | 2.720 | 137 | 200000 | 14774 |

**Sairat Lease Application (Form-M) in sealed cover (Time-10.00 AM to 5.00 PM), with Treasury Challan Rs. 1,000/-**

| Phase | Date of Receive in sealed Cover | Date of opening of Tender | |
|---|---|---|---|
| 1st Phase | 05.09.2018 to 20.09.2018 | 24.09.2018 | 11.00 AM |
| 2nd Phase | 25.09.2018 to 10.10.2018 | 11.10.2018 | 11.00 AM |
| 3rd Phase | 20.10.2018 to 05.11.2018 | 06.11.2018 | 11.00 AM |

**Sd./- Tahasildar, Konisi**



## ODISHA STATE AGRICULTURAL MARKETING BOARD

Plot No.1800(P), Baramunda, Post-Khandagiri, Near Indian Oil Petrol Pump, Bhubaneswar
Ph. No.0674-2351311, Fax : 0674-2351310, Email : osamboard99@yahoo.com, Website : osamboard.org

### NOTICE INVITING TENDER

**Bid Reference No. : OSAMB/2017-18/MKT-I/2634** **Date: 06.09.2018**

Online Bids through e-Tender portal **(https://tendersodisha.gov.in)** are invited from eligible bidders (OEM) for supply & delivery of Android Smart Mobile Phones as per the particulars mentioned below:

| Sl. No. | Particulars | Date and Time | |
|---|---|---|---|
| 1 | Date & time of release of bid | 07.09.2018 | |
| 2 | Last Date and time for submission of pre bid queries | 11.09.2018 upto 05:00 PM | |
| 3 | Date & time of Pre-bid meeting | Date:- 12.09.2018 (at 10:00 AM to 02:00 PM) Venue : Conference Hall, Odisha State Agricultural Marketing Board, Plot No:-1800 (P), Near Ramamani Petrol Pump, Baramunda , Khandagiri, Bhubaneswar-751030 | |
| 4 | Publication of Corrigendum if any, | 15.09.2018 | |
| 5 | Date & time of Online bid submission. | Start Date | End Date & Time |
| | | 16.09.2018 | 30.09.2018 upto 05.00 P.M. |
| 6 | Date of online Technical bid opening | 01.10.2018 | |
| 7 | Date of demonstration of Mobile phones. | 09.10.2018 | |
| 8 | Date of opening of Price Bid | To be intimated to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and Terms & Conditions are available in the websites: **www.osamboard.org** and **https://tendersodisha.gov.in.** The Authority reserves the right to accept / reject any part thereof or all the bids without assigning any reason thereof.

**Sd./- General Manager**
**OSAMB, Bhubaneswar**

## ସଂକ୍ଷେପରେ

### ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

**ଅନୁଗୋଳ ଅଫିସ, ୬।୯:** ଭାରତୀୟ ମଜଦୁର ସଂଘ ପକ୍ଷରୁ ଗୁରୁବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ଅଭିଯୋଗ ମୁତାବକ, କେନ୍ଦ୍ର ସରକାରଙ୍କ ଦ୍ୱାରା ନିଶ୍ଚିତ ଅବଧି ରୋଜଗାର ଅଧ୍ୟାଦେଶ ଲାଗୁ କରିବା ଦ୍ୱାରା ଭାରତ ବର୍ଷରେ ଚାକିରିର ସୁରକ୍ଷା ସମ୍ପୂର୍ଣ୍ଣ ଭାବେ ଲୁପ୍ତ ହୋଇଯିବ। ଫଳରେ ଲକ୍ଷ ଲକ୍ଷ ଲୋକେ କର୍ମ ନିଯୁକ୍ତି ନ ପାଇ ଆର୍ଥିକ ସଙ୍କଟରେ ପଡିବେ। ନିଶ୍ଚିତ ଅବଧି ରୋଜଗାର ଯୋଜନା ଦ୍ୱାରା କର୍ମଚାରୀଙ୍କୁ ନିଯୁକ୍ତି ଅବଧି ଶେଷ ସମୟରେ ପୁନଃ ନିଯୁକ୍ତିର କୌଣସି ଗ୍ୟାରେଣ୍ଟି ଏବଂ ଅବସରକାଳୀନ ସହାୟତା ମିଳିବାର ପ୍ରାବଧାନ ନାହିଁ। ଏହା ଯୁବକ ସମାଜ ପାଇଁ ଅତ୍ୟନ୍ତ ବିପଦଜନକ। ତେଣୁ ପ୍ରସ୍ତାବିତ ଅଧ୍ୟାଦେଶକୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ଜିଲା ସମ୍ପାଦକ ସତ୍ୟ ଦେହୁରୀ ଚେତାବନୀ ଦେଇଛନ୍ତି। ଏଥି ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

### ବିଜ୍ଞାନମେଳାରେ ଭାଗନେଲେ ୧୭୪ ଶିଶୁ

**ଅନୁଗୋଳ ଅଫିସ, ୬।୯:** ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ ବିଜ୍ଞାନ ମେଳାର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ଡ. ସୁଧାକର ପାଳ, ଯୁଗ୍ମ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ଓ ସଙ୍କୁଳ ପ୍ରମୁଖ ହରମୋହନ ଦାସ ଉପସ୍ଥିତ ରହିଥିଲେ। ୭ ଟି ବିଦ୍ୟାଳୟର ସମୁଦାୟ ୧୭୪ ଜଣ ଶିଶୁ ବିଜ୍ଞାନ ପ୍ରକଳ୍ପ, ସଂସ୍କୃତ ଜ୍ଞାନ, ବୈଦିକ ଗଣିତ ପ୍ରଶ୍ନ ମଞ୍ଚ, ଗଣିତ ପ୍ରୟୋଗ, ଚାର୍ଟ ପ୍ରଦର୍ଶନ ଆଦି ବିଷୟରେ ଅଂଶଗ୍ରହଣ କରିଥିଲେ। ଶେଷରେ ତଳମୂଳ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ।

### ୪୦ ହଜାର ଟଙ୍କା, ସୁନା ଲୁଟ୍



**ଅନୁଗୋଳ ଅଫିସ, ୬।୯:** ଅନୁଗୋଳ ସହର ପଞ୍ଚାୟତ ଇଣ୍ଡଷ୍ଟ୍ରି ଛକଠାରେ ଥିବା ବିଜୟ କୁମାର ସାହୁଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ସିଡି ଘର କାଚ ଭାଙ୍ଗି ଘରେ ପଶିବା ସହ ନଗଦ ୪୦ ହଜାର ଟଙ୍କା, ସୁନା ଚେନ, ଏଟିଏମ୍ କାର୍ଡ, ମନି ପର୍ସ ଆଦି ନେଇଯାଇଛନ୍ତି। ବିଜୟ ଏ ନେଇ ଅନୁଗୋଳ ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ସନ୍ଦେହରେ ସେହି ଅଞ୍ଚଳର ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ଏ ନେଇ ନଂ. ୬୧୧/୧୮ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

### ବିଜୁ ଯୁବ ବାହିନୀ ବୈଠକ

**ଛେଣ୍ଡିପଦା,୬।୯(ଡି.ଏନ.ଏ.):** ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ବଡକେରଜାଙ୍ଗ ପଞ୍ଚାୟତ ବିଜୁ ଯୁବ ବାହିନୀ ସଙ୍ଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଯୁବ ବାହିନୀ ସଭାପତି ସଂଗ୍ରାମ କେଶରୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଯୁବ ବାହିନୀ ସଙ୍ଗଠନ ସହ ସରକାରଙ୍କ ଥିବା ଆଭିମୁଖ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହାସହ ହ୍ୱାଟ୍‌ସ ଆପ ଗ୍ରୁପ ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ସବିଶେଷ ସୂଚନା ଦିଆଯାଇଥିଲା। ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦୀନେଶ କୁମାର ପ୍ରଧାନ, ପୂର୍ବତନ ନାଏବ ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖଙ୍କ ସମେତ ପଞ୍ଚାୟତ ସଭାପତି, ସମ୍ପାଦକ ସରୋଜ ସାହୁ, କୋଷାଧ୍ୟକ୍ଷ ସରୋଜ ନନ୍ଦ, ଲିଙ୍କନ ବେହେରା, ନିରଞ୍ଜନ ପ୍ରଧାନ, ଦେବେନ୍ଦ୍ର ସାହୁ, ତ୍ରିନାଥ ପ୍ରଧାନଙ୍କ ସମେତ ଦଳୀୟ କର୍ମୀମାନେ ଏଥିରେ ଯୋଗ ଦେଇଥିଲେ।

## ■ ବିଦ୍ୟୁତ୍ ବିହୀନ ଗ୍ରାମ ବିପ୍ରଡିହ

# ସଞ୍ଜ ନଇଁଲେ ଘାରୁଛି ବାଘୁଣୀ ଭୟ

**ବଇଣ୍ଡା, ୬।୯(ଡି.ଏନ.ଏ.)**

■ଆତଙ୍କିତ ଅବସ୍ଥାରେ ଶହେ ପରିବାର

■୨୦୧୬ରୁ ପୋତାଯାଇଛି ଖୁଣ୍ଟ



ସନ୍ଧ୍ୟା ହେଲାମାତ୍ରେ ପଡିଯାଉଛି ତାଟି କବାଟ। ବାଘୁଣୀ ଭୟରେ ସଞ୍ଜ ନଇଁବା କ୍ଷଣି ବାହାରକୁ ବାହାରିବାକୁ ସାହସ କରୁନାହାନ୍ତି ଲୋକେ । ଏପରିସ୍ଥିତିରେ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବାରୁ ଅନ୍ଧାରରେ ଆତଙ୍କିତ ଅବସ୍ଥାରେ ଜୀବନ କାଟୁଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତ ବିପ୍ରଡିହ ଗ୍ରାମବାସୀ। ସବୁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ପାଇଁ ସରକାରଙ୍କ ଯୋଜନା ଏଠାରେ ଅପହଞ୍ଚ ହୋଇଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଜଙ୍ଗଲ ଅଧ୍ୟୁଷିତ ଏହି ଗ୍ରାମରେ ଗରିବ ଆଦିବାସୀ ସମ୍ପ୍ରଦାୟର ୧୦୦ ପରିବାରର ୫ ଶହ ଲୋକ ବାସ କରନ୍ତି। ମଇମୁରା ପଞ୍ଚାୟତଠାରୁ ୬ କିମି ଦୂରରେ ଏହି ଗ୍ରାମ ଥିବାବେଳେ ଗ୍ରାମବାସୀ ଆଜି ପର୍ଯ୍ୟନ୍ତ ବିଭିନ୍ନ ମୌଳିକ ସୁବିଧା ପାଇବାରୁ ବଞ୍ଚିତ। ଗ୍ରାମବାସୀଙ୍କ କହିବା ମୁତାବକ, ଦୀର୍ଘ ବର୍ଷ ହେଲା ସରକାର ତଥା ପ୍ରଶାସନ ସେମାନଙ୍କୁ ଅବହେଳା କରିଆସିଛି। ଗ୍ରାମବାସୀଙ୍କୁ ବିଦ୍ୟୁତ୍ ଯୋଗାଇବା ପାଇଁ ୨୦୧୬ରୁ ଖୁଣ୍ଟ ପୋତାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାର ଟଣାଯାଇପାରିଲା ନାହିଁ। ଏଥିଯୋଗୁ ଗ୍ରାମବାସୀ ଅସୁବିଧାରେ ରହୁଥିବାବେଳେ କିଛି ଦିନ ତଳେ ଗ୍ରାମ ନିକଟକୁ ସାତକୋଶିଆ ଜଙ୍ଗଲରୁ ବାଘୁଣୀ ଆସିବା ଓ ଏକ ବାଛୁରୀକୁ ଟେକି ନେଇଯିବା ପରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ସନ୍ଧ୍ୟା ହେଲାପରେ ଗ୍ରାମ ପୁରା ଶୁନ୍‌ଶାନ ହୋଇପଡୁଛି। ଏଥିଯୋଗୁ ବହୁ ଲୋକଙ୍କ ଦୈନନ୍ଦିନ ଜୀବନ ମଧ୍ୟ ବାଧାପ୍ରାପ୍ତ ହେଉଛି। ଅନ୍ୟପକ୍ଷରେ ସ୍ଥାୟୀ ରାସ୍ତା ନ ଥିବାରୁ ଗ୍ରାମଠାରୁ ୬ କିମି ଦୂର ମଇମୁରା ହାଇସ୍କୁଲକୁ ଛାତ୍ରୀଛାତ୍ର ଜଙ୍ଗଲିଆ ରାସ୍ତା ଦେଇ ଯାତାୟାତ କରୁଛନ୍ତି। ସେହିପରି ନିକଟରେ ସ୍ୱାସ୍ଥ୍ୟକେନ୍ଦ୍ର ନ ଥିବାରୁ ଲୋକେ ୧୭ କିମି ଦୂର ଠାକୁରଗଡ଼ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଏ ନେଇ ବହୁବାର ବ୍ଲକ ଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ସରକାର ଦୃଷ୍ଟି ଦେଇ ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଆଦି ମୌଳିକ ସୁବିଧା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

### କ'ଣ କୁହନ୍ତି ଏମାନେ.....



"ଗାଁକୁ ସରକାରୀ ଯୋଜନା ସ୍ୱପ୍ନ ପାଲଟିଛି। ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଲୋକେ ଅନ୍ଧାରରେ ଦିନ କାଟୁଛନ୍ତି। ସରକାରଙ୍କ ଡିଜିଟାଲ ଇଣ୍ଡିଆ ବାର୍ତ୍ତା ଆମ ପାଇଁ ମୂଲ୍ୟହୀନ। ସନ୍ଧ୍ୟା ହୋଇଗଲେ ଜୀବଜନ୍ତୁ ଭୟରେ ଗ୍ରାମବାସୀ ଘର କବାଟ ଦେଇ ରହୁଛନ୍ତି। ତୁରନ୍ତ ଆଠମଲ୍ଲିକ ବିଧାୟକ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

**-ବିଜୟ ନାୟକ, ଗ୍ରାମବାସୀ**



"ଗ୍ରାମରେ ବିଜୁଳି, ରାସ୍ତାଘାଟ, ପାନୀୟଜଳ ପରି ମୌଳିକ ସୁବିଧା ନ ଥିବା ଯୋଗୁ ଲୋକେ ଦୟନୀୟ ଅବସ୍ଥାରେ ରହୁଛନ୍ତି। ନିର୍ବାଚନୀ ସମୟରେ ନେତାମାନେ ଆସି ବହୁ ପ୍ରତିଶ୍ରୁତି ଦିଅନ୍ତି। ନିର୍ବାଚନ ପରେ ଆଉ ଏହି ଜଙ୍ଗଲ ଅଞ୍ଚଳକୁ ସେମାନଙ୍କ ପାଦ ପଡେନି। ଏବେ ବାଘୁଣୀକୁ ନେଇ ଲୋକଙ୍କ ନିଦ ହଜିଯାଇଛି। କାମ ଥିଲେ ବି ଲୋକେ ଘରୁ ବାହାରୁ ନାହାନ୍ତି।

**-ଯାଦବ ନାୟକ, ଗ୍ରାମବାସୀ**



"ବିପ୍ରଡ଼ିହ ଗ୍ରାମକୁ କିଭଳି ବିଦ୍ୟୁତ୍ ସଂଯୋଗ କରାଯିବ ସେଥିପାଇଁ ପଞ୍ଚାୟତ ପକ୍ଷରୁ ପ୍ରଶାସନକୁ ଅବଗତ କରାଯାଇଛି। ସୌଭାଗ୍ୟ ଯୋଜନାରେ ଶୀଘ୍ର ସେବା ଯୋଗାଇବାକୁ ଠିକାସଂସ୍ଥାକୁ ଅବଗତ କରାଯାଇଛି। ପକ୍କା ରାସ୍ତା ନିର୍ମାଣ ପାଇଁ ସମ୍ପୃକ୍ତ ବିଭାଗ ତଥା ସରକାରଙ୍କୁ ଅବଗତ କରାଯାଇଛି।

**-ସତ୍ୟାନନ୍ଦ ରାଉତ, ସରପଞ୍ଚ**

# ଭବିଷ୍ୟତରେ ଭଲ ଇଞ୍ଜିନିୟର ହୁଅ

**ଅନୁଗୋଳ ଅଫିସ, ୬।୯**



କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଦସ୍ୟଙ୍କ ସମେତ ଛାତ୍ରୀଛାତ୍ରମାନେ।

ଅନୁଗୋଳସ୍ଥିତ ଆଦର୍ଶ କଲେଜ ଅଫ୍ ଇଞ୍ଜିନିୟରିଂ ପରିସରରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମନଯୋଗର ସହ ଅଧ୍ୟୟନ କରି ଭବିଷ୍ୟତରେ ଜଣେ ଜଣେ ଭଲ ଇଞ୍ଜିନିୟର ହେବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ତେବେ ର୍‍ୟାଗିଂ ଭଳି ଆପରାଧିକ କାର୍ଯ୍ୟକଳାପରୁ ଦୂରେଇ ରହିବା ସହ ଏପରି ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ଅଭିଯୋଗ କରିବାକୁ କଲେଜ କର୍ତ୍ତୃପକ୍ଷ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ମହେଶ ଚନ୍ଦ୍ର ଧଳ ମୁଖ୍ୟଅତିଥିଭାବେ ଯୋଗ ଦେଇଥିବାବେଳେ ଅନୁଷ୍ଠାନର ସମୂହ ନିର୍ଦ୍ଦେଶକ ଡକ୍ଟର ପ୍ରକାଶ ଚନ୍ଦ୍ର ଧଳ, ତାଲିମ ଓ ନିଯୁକ୍ତି ନିର୍ଦ୍ଦେଶକ ଡକ୍ଟର ଧରଣୀ ଧର ନାଥ, ପ୍ରଶାସନିକ ଅଧିକାରୀ ଅବନୀକାନ୍ତ ଷଡ଼ଙ୍ଗୀ, ପଲିଟେକ୍ନିକ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ ଅମାନ୍ତ, ସ୍କୁଲ ଅଫ୍ ଇଞ୍ଜିନିୟରିଂ ଅଧ୍ୟକ୍ଷ ଭାଗୀରଥି ପ୍ରଧାନ ଅତିଥିଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର ମୁଖ୍ୟ ନବାଗତ ଛାତ୍ରୀଛାତ୍ରଙ୍କୁ କଲେଜର ନୀତି ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ଲୋକ ସମ୍ପର୍କ ଅଧିକାରୀ ପରିଚାଳନା କରିଥିବାବେଳେ ଅଧ୍ୟାପିକା ଜୟନ୍ତି ସିଂ, ଜ୍ୟୋତି ପ୍ରକାଶ ଦାଶ, ମିତ୍ରଭାନୁ ସିଂ, ଶୁଚିସ୍ମିତା ଦାସ ପ୍ରମୁଖ ସହଯୋଗ କରିଥିଲେ। ସ୍ୱାଗତ ଭାଷଣ ଅଧ୍ୟାପକ ଅକ୍ଷୟ କୁମାର ସିଂ ଦେଇଥିବା ବେଳେ ପ୍ରଫେସର ଅନିନ୍ଦିତା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ପାଟନାରୁ ଉଦ୍ଧାର ହେଲେ ଦୁଇ ବଞ୍ଜାରା ପିଲା

**ଅନୁଗୋଳ ଅଫିସ, ୬।୯**

ଅନୁଗୋଳରୁ ମେ ୩୦ ତାରିଖରୁ ନିଖୋଜ ଦୁଇ ଶିଶୁଙ୍କୁ ବିହାରର ପାଟନାରୁ ଉଦ୍ଧାର କରି ପୋଲିସ ଆଣୁଥିବା ସୂଚନା ମିଳିଛି। ଏକ ୩ ଜଣିଆ ଟିମ୍ ଏଏସ୍‌ଆଇ ପି.ସି. ବେହେରାଙ୍କ ନେତୃତ୍ୱରେ ଯାଇଥିବାବେଳେ ଶୁକ୍ରବାର ପିଲାମାନେ ଅନୁଗୋଳରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ଏ ନେଇ ଅନୁଗୋଳ ଏସ୍‌ପି ନିଜ ସୋସିଆଲ ମିଡିଆରେ ସୂଚନା ରଖିଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୩ରେ ଅନୁଗୋଳ ବସ୍‌ଷ୍ଟାଣ୍ଡ ପଛରେ ଅସ୍ଥାୟୀ ଭାବେ ରହୁଥିବା ବଞ୍ଜାରା ପରିବାରର ପିଲା କାଓ୍ୱା(୬) ଓ ଗଞ୍ଜା(୫) ହଜିଯାଇଥିବା ମା' ରିତା ମାଳକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୬୫/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ସୂଚନା ଦେଇଥିଲେ।

# ବଡ଼ମୂଳର ସମସ୍ୟା ସମାଧାନ ହେବ: ଜିଲାପାଳ

**ଛେଣ୍ଡିପଦା, ୬।୯(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ଉପସ୍ଥିତ ବଡମୂଳ ଗ୍ରାମବାସୀ।

■ମୌଳିକ ସମସ୍ୟା ଜଣାଇଲେ ଗ୍ରାମବାସୀ

■ଆଦର୍ଶ ଗ୍ରାମ ଗଠନ ଉପରେ ଗୁରୁତ୍ୱ

ରାଜ୍ୟର ପ୍ରଥମ ରାଜସ୍ୱ ଗ୍ରାମ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କତଡା ପଞ୍ଚାୟତର ବଡମୂଳ ଗ୍ରାମକୁ ଗୁରୁବାର ଗସ୍ତ କରିଛନ୍ତି ଜିଲାପାଳ ଅନିଲ କୁମାର ସାମଲ। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଲୋକେ ସେମାନଙ୍କ ମୌଳିକ ସମସ୍ୟା ସେମାନେ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇଥିବା ବାବଦରେ ଜିଲାପାଳ ତଥା ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ।

ସୂଚନାଯୋଗ୍ୟ, ୧୯୬୮ରେ ଡେରେଜାଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ଯୋଗୁ ବିସ୍ଥାପିତ ହୋଇଥିବା ୭୮ ପରିବାରକୁ ଜରପଡା ଫରେଷ୍ଟ ରେଞ୍ଜ ବଡମୂଳ ଜଙ୍ଗଲ ଇଲାକାରେ ଥଇଥାନ କରାଯାଇଥିଲା। ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ସେହି ଗ୍ରାମର ଲୋକଙ୍କୁ ଜଙ୍ଗଲ ଜମି ସତ୍ତ୍ୱ ଅଧିକାର ମିଳିପାରି ନ ଥିଲା। ଦୀର୍ଘ ୫୦ ବର୍ଷର ଦାବି ପରେ ବଡମୂଳକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରାଯାଇଛି। ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ପ୍ରଧାନ ଏବଂ ଗ୍ରାମ ସଭାପତି ଶରତଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ ବୈଠକରେ ଜିଲାପାଳ ସାମଲ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଉପଜିଲାପାଳ ତପନ କୁମାର ଶତପଥୀ, ବିଡିଓ ରୋମାଞ୍ଚଳ ଖମାରୀ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ତହସିଲଦାର ଡାନିଏଲ ଏକ୍କାଙ୍କ ସମେତ ସମସ୍ତ ବିଭାଗୀୟ ପଦାଧିକାରୀମାନେ ଯୋଗ ଦେଇଥିଲେ। ଏଥିରେ ବଡମୂଳ ଗ୍ରାମଠାରୁ କତଡା ପର୍ଯ୍ୟନ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମାଣ କରାଯିବା, ବଡମୂଳଠାରୁ ଡାହିମାଳ ଗ୍ରାମ ସଂଯୋଗୀକରଣ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ସହ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରାଯିବା ଆଦି ଉପରେ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଓଡ଼ିଶା ଜୀବିକା ମିଶନ ଜରିଆରେ ଲୋକଙ୍କ ଜୀବନ ଜୀବିକା ତଥା ଆର୍ଥିକ ବିକାଶ ପ୍ରତି ସ୍ୱତନ୍ତ୍ର ପଦକ୍ଷେପ, ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ସମସ୍ତ ପରିବାର ବର୍ଗଙ୍କୁ ସଭ୍ୟଭୁକ୍ତ କରାଯିବା ସହ କୃଷି ଋଣ ମଞ୍ଜୁର କରାଯିବା, ସମସ୍ତ ଏସଏଚଜି ଗ୍ରୁପ ମହିଳାଙ୍କୁ ପନିପରିବା ଚାଷ ଏବଂ ବ୍ୟବସାୟଭିତ୍ତିକ ଋଣ ପ୍ରଦାନ କରାଯିବା ପାଇଁ ଦାବି କରିଥିଲେ। ସମସ୍ତ ସମସ୍ୟାର ପ୍ରତିକାର ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଘୋଷଣା କରିବା ସହ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ସମ୍ପାଦକ ପ୍ରଦୀପ ଦେହୁରୀ, ବରିଷ୍ଠ ନେତା ଦେବରାଜ ସାହୁ, ନିଶାମଣି ସାହୁ, ୱାର୍ଡମେମ୍ବର ଦୁଷ୍ମନ୍ତ ସାହୁ, ଗୟା ସାହୁଙ୍କ ସମେତ ଗ୍ରାମର ସମସ୍ତ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ଅରୁଣ



@ ଆଶୁତୋଷ



@ ଗିରିଜା

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

# ସମ୍ପର୍କ ବଢ଼ାଉଛି ବେପାର

**ଦିନକର କାହାଣୀ** — ରୋଜାଲିନ ଦାସ



ଗୋଟିଏ ପଟେ ସଂସାର ବୋଝ, ଅନ୍ୟପଟେ ବେପାର। ଏପରି ଦୁଇ ଦୁଇଟି ଗୁରୁ ଦାୟିତ୍ୱକୁ ଠିକଣା ଭାବେ ତୁଲାଇ ଚାଲିଛନ୍ତି ବଅଁରପାଳ ବ୍ଲକ କନ୍ୟାବେଡ଼ା ଗ୍ରାମରେ ରହୁଥିବା ରୋଜାଲିନ ଦାସ। ତଳମୂଳ ଗ୍ରାମର ସୁଶାନ୍ତ ଦାସଙ୍କୁ ବିବାହ କରିଥିବା ରୋଜାଲିନ ଦୀର୍ଘ ୧୦ ବର୍ଷ ହେଲା କନ୍ୟାବେଡାରେ ଏକ ରାଶନ ଦୋକାନ କରିଛନ୍ତି। ଏହି ଦୋକାନ ହିଁ ତାଙ୍କ ପରିବାର ଆୟର ଏକ ମୁଖ୍ୟ ଉତ୍ସ। ତେଣୁ ଯେତେ କାମ ଥିଲେ ବି ଠିକଣା ସମୟରେ ଦୋକାନ ଖୋଲି ଗ୍ରାହକଙ୍କୁ ରାଶନ ସାମଗ୍ରୀ ଯୋଗାଇବାରେ ସେ ଆଦୌ ହେଳା କରନ୍ତି ନାହିଁ। ଏହାଛଡ଼ା ଉତ୍ତମ ବ୍ୟବହାର ହିଁ ତାଙ୍କୁ ଅନ୍ୟମାନଙ୍କ ନିକଟରେ ପରିଚିତ କରାଇଛି। ଏହି ଦୀର୍ଘ ବର୍ଷ ମଧ୍ୟରେ ତାଙ୍କ ଲୋକ ସମ୍ପର୍କ ଯେତିକି ବଢ଼ିଛି ସେହି ଅନୁସାରେ ବ୍ୟବସାୟ ମଧ୍ୟ ଆଗକୁ ଯାଇଛି ବୋଲି କହିଛନ୍ତି ରୋଜାଲିନ। ତାଙ୍କ କହିବା ଅନୁଯାୟୀ, ସ୍ୱାମୀ ଓ ୨ ପୁଅଙ୍କୁ ନେଇ ତାଙ୍କ ସଂସାର। ବଡ଼ ପୁଅ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ସାନପୁଅ ୫ମ ଶ୍ରେଣୀରେ ପଢୁଛି। ଅଟା, ଚାଉଳ ଠାରୁ ଆରମ୍ଭ କରି ତେଲ, ଲୁଣ, ବିସ୍କୁଟ, ମିକ୍ସଚର ସମେତ ବିଭିନ୍ନ ସାମଗ୍ରୀ ତାଙ୍କ ଦୋକାନରେ ବିକ୍ରି ହେଉଛି। ଦୈନିକ ସକାଳ ୮ଟାରୁ ରାତି ୯ଟା ପର୍ଯ୍ୟନ୍ତ ସେ ଦୋକାନରେ ବ୍ୟବସାୟ କରିଥାନ୍ତି। ଲୋକସମ୍ପର୍କ ଓ ଭଲ ବ୍ୟବହାର ତାଙ୍କୁ ଗ୍ରାହକମାନଙ୍କ ନିକଟରେ ପରିଚିତ କରାଇପାରିଛି। ଏଥିଯୋଗୁ ଅନେକ ଠିକା ଶ୍ରମିକ ଓ ଗରିବ ଲୋକେ ଦୈନିକ ତାଙ୍କ ଦୋକାନରୁ ସାମଗ୍ରୀ ନେଇଥାନ୍ତି। ପରିବାର ସହ ଦୋକାନକୁ ସମୟ ଦେବାକୁ ପଡୁଥିବାରୁ ସେ ପ୍ରତ୍ୟେକ ଦିନ ଭୋର ସମୟରେ ଉଠି ସମସ୍ତ ଘର କାମ ଶେଷ କରନ୍ତି। ସକାଳ ୭ଟାରେ ୨ ପୁଅଙ୍କୁ ସ୍କୁଲରେ ଛାଡି ଦେବା ପରେ ୮ଟାରେ ଦୋକାନ ଖୋଲିଥାନ୍ତି। ଅପରାହ୍ନ ୧ଟାରେ ଘରକୁ ଯାଇ ପିଲାମାନଙ୍କ କଥା ବୁଝିଥାନ୍ତି। କିଛି ସମୟ ବିଶ୍ରାମ ପରେ ପୁଣି ଅପରାହ୍ନ ୪ ଟାରେ ଦୋକାନ ଖୋଲି ରାତି ୯ଟା ପର୍ଯ୍ୟନ୍ତ ବେପାର କରନ୍ତି। ଏହି ବ୍ୟବସାୟରୁ ଯାହା କିଛି ଆୟ ହୁଏ ସେଥିରେ ତାଙ୍କ ତେଲଲୁଣର ସଂସାର ସହ ଦୁଇ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ଉଠିଯାଉଛି ବୋଲି ରୋଜାଲିନ କହିଛନ୍ତି।

**-ରିପୋର୍ଟ- ଉପେନ୍ଦ୍ର ରାଉତ**



"ଅଶ୍ୱଚାଳନା ପ୍ରତିଯୋଗିତାରେ ଗୋଟିଏ ଘୋଡ଼ା ଓ ମଣିଷର ଦୁଇ ଶରୀର ଓ ଗୋଟିଏ ଆତ୍ମାର ସମିଶ୍ରଣ ଭଳି ।

–ମେଜର ଆଶିଷ ମଲିକ, ଭାରତୀୟ ଅଶ୍ୱଚାଳନା ଦଳର ଅଧିନାୟକ



"ସାଫ୍ କପ୍‌ରେ ମାଳଦ୍ୱୀପକୁ ଭେଟିବା ପୂର୍ବରୁ ଆମର ତ୍ରୁଟିକୁ ସଜାଡ଼ି ନେବା ଅତ୍ୟନ୍ତ ଜରୁରୀ ।

–ଷ୍ଟିଫେନ କନ୍‌ଷ୍ଟାଣ୍ଟିନ୍, ଫୁଟ୍‌ବଲ ମୁଖ୍ୟ କୋଚ୍

## ସଂକ୍ଷେପରେ

### ଶିବସୁନ୍ଦର ମଣିପୁର ଦଳର କୋଚ୍

କଟକ ଅଫିସ, ୬ା୯: ପ୍ରଥମ ଥର ନିମନ୍ତେ ବିସିସିଆଇର ଘରୋଇ ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ମଣିପୁର ଦଳର କୋଚ୍ ଭାର ସମ୍ଭାଳିଛନ୍ତି ଶିବସୁନ୍ଦର ଦାସ। ରାଜ୍ୟର ଏହି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ସିନିୟର ଦଳର ପୂର୍ବତନ କୋଚ୍ ଶିବସୁନ୍ଦର ଆସନ୍ତା ୯ତାରିଖରେ ମଣିପୁର ଦଳର ପ୍ରସ୍ତୁତି ଶିବିରରେ ଯୋଗଦେବେ। ମଣିପୁରରେ ବର୍ଷା ଲାଗି ରହିଥିବାରୁ ଆସାମଠାରେ ଦଳର ପ୍ରସ୍ତୁତି ଶିବିର ହେବ। ୨୦୧୮-୧୯ କ୍ରିକେଟ ସିଜନରେ ମଣିପୁର ପ୍ରଥମଥର ପାଇଁ ମୁକାବିଲାକୁ ଓହ୍ଲାଉଥିବାରୁ ଏହି ଦଳର କୋଚ୍ ଭାର ଗ୍ରହଣ କରିବା ଚ୍ୟାଲେଞ୍ଜିଂ ବୋଲି ଶିବସୁନ୍ଦର କହିଛନ୍ତି। ଅନ୍ୟପକ୍ଷରେ ଦଳର ସାମର୍ଥ୍ୟକୁ ପରଖା ଯାଇ ଖେଳାଳିମାନଙ୍କୁ ଆଗାମୀ ଟୁର୍ନାମେଣ୍ଟ ନିମନ୍ତେ ପ୍ରସ୍ତୁତ କରାଯିବ। ଉଭୟ ମୋ ପାଇଁ ଓ ମଣିପୁର ଦଳ ଲାଗି ଆଗାମୀ କ୍ରିକେଟ ସିଜନ ଏକ ନୂତନ ଚ୍ୟାଲେଞ୍ଜ ହେବ ବୋଲି ଶିବସୁନ୍ଦର କହିଥିଲେ। ସୂଚନାଥାଉ କି, ଗତ ୨୦୧୭-୧୮ ସିଜନରେ ଶିବସୁନ୍ଦର ଓଡ଼ିଶା ସିନିୟର ଦଳର କୋଚ୍ ରହିଥିଲେ ।

### ଫାଓ ଲିଗ୍: ଚାଉଳିଆଗଞ୍ଜ କ୍ଲବ ବିଜୟୀ

କଟକ ଅଫିସ, ୬ା୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଗୁରୁବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଗୋଟିଏ ମ୍ୟାଚ୍‌ରେ ଚାଉଳିଆଗଞ୍ଜ କ୍ଲବ ବିଜୟୀ ହୋଇଥିବା ବେଳେ ଅନ୍ୟ ଏକ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲା। ଚାଉଳିଆଗଞ୍ଜ କ୍ଲବ ୨-୦ ଗୋଲରେ ଟାଉନ୍‌କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଚାଉଳିଆଗଞ୍ଜ କ୍ଲବ ପକ୍ଷରୁ ଏହି ୨ଟି ଯାକ ଗୋଲ ହୋଇଥିଲା। ୩ୟ ମିନିଟରେ ରମେଶ ମୁର୍ମୁ, ୨୯ତମ ମିନିଟରେ ମହେଶ ସିଂ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ନହେବା ଯୋଗୁ ଚାଉଳିଆଗଞ୍ଜ କ୍ଲବ ମ୍ୟାଚ୍‌କୁ ଜିତିଥିଲା। ଏସ୍‌ବିଆଇ ଓ ଲାଲ୍‌ବାଗ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଛି ।

### ବିରାଟ, ରୁଟ୍ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ: ଲାରା

ନ୍ୟୁୟର୍କ, ୬ା୯- କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ କ୍ରିକେଟର ବ୍ରାଏନ ଲାରା ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଇଂଲଣ୍ଡର ଜୋ ରୁଟ୍‌ଙ୍କୁ ବର୍ତ୍ତମାନ ସମୟର ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଭାବେ ଚୟନ କରିଛନ୍ତି। ଆଇସିସି ବିଶ୍ୱକପ୍ ଟ୍ରଫି ଟୁର୍ ପ୍ରୋଗ୍ରାମର ଅଂଶବିଶେଷ ସ୍ୱରୂପ ବର୍ତ୍ତମାନ ନ୍ୟୁୟର୍କ ଗସ୍ତରେ ଥିବା ଲାରା ଦୁଇ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ କାଗିସୋ ରାବାଡାଙ୍କୁ ଶ୍ରେଷ୍ଠ ବୋଲରଭାବେ ଅଭିହିତ କରିଛନ୍ତି। କିନ୍ତୁ ମୁଥିୟା ମୁରଲୀଧରନ ଓ ସେନ ୱର୍ନଙ୍କୁ ସାମ୍ନା କରିବା ସବୁଠାରୁ କଷ୍ଟସାଧ ଥିଲା ବୋଲି ଏହି ମହାନ ବାମହାତୀ ବ୍ୟାଟ୍ସମ୍ୟାନ କହିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ମୁରଲୀଧରନ ମୋତେ ସବୁବେଳେ ଦ୍ୱନ୍ଦ୍ୱରେ ପକାଉଥିଲେ। କିନ୍ତୁ ସମୟ ଗଡ଼ିବା ସହ ମୁରଲୀଙ୍କ ବିପକ୍ଷରେ ଖେଳିବା ମୋତେ ବହୁତ ସହଜ ହୋଇଥିଲା। ସେହିଭଳି ୱର୍ନଙ୍କୁ କ୍ରିକେଟର ସବୁଠାରୁ ଶ୍ରେଷ୍ଠ ଲେଗ୍-ସ୍ପିନର ଭାବେ ସେ ବର୍ଣ୍ଣନା କରିଛନ୍ତି। ଅପରପକ୍ଷରେ ବିଶ୍ୱର ସର୍ବବୃହତ କ୍ରୀଡ଼ା ପ୍ରତିଯୋଗିତା ଅଲିମ୍ପିକ୍ସରେ ଟି୨୦ କ୍ରିକେଟକୁ ସାମିଲ କରିବାକୁ ଲାରା ନିଜର ସମର୍ଥନ ଜଣାଇଛନ୍ତି। 'ଟି୨୦ କ୍ରିକେଟ ମାତ୍ର ୩ ଘଣ୍ଟାର ଖେଳ। ତେବେ କାହିଁକି ଏହାକୁ ଅଲିମ୍ପିକ୍ସରେ ସାମିଲ କରାଯାଉନାହିଁ' ବୋଲି ଲାରା ପ୍ରଶ୍ନ କରିଛନ୍ତି।

### ଏମ୍‌ବାପ୍ପେ ୩ଟି ମ୍ୟାଚ୍‌ରୁ ବାସନ୍ଦ

ପ୍ୟାରିସ, ୬ା୯- ଫ୍ରାନ୍ସ ଯୁବ ଫୁଟ୍‌ବଲ ତାରକା କେଲିଆନ ଏମ୍‌ବାପ୍ପେ ଲିଗ୍ ୧' ପ୍ରତିଯୋଗିତାର ଆଗାମୀ ୩ଟି ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି। ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି)ର ଷ୍ଟାର ଷ୍ଟ୍ରାଇକର ୧୯ ବର୍ଷୀୟ ଏମ୍‌ବାପ୍ପେ ଗତ ସପ୍ତାହରେ ନିମେସ ବିପକ୍ଷ ଏକ ମ୍ୟାଚ୍‌ରେ ରେଡ୍ କାର୍ଡ ପାଇଥିଲେ। ଏହି କାରଣରୁ ପ୍ରତିଯୋଗିତାର ପରବର୍ତ୍ତୀ ୩ଟି ମ୍ୟାଚ୍‌ରୁ ସେ ବାସନ୍ଦ ହୋଇଛନ୍ତି ବୋଲି ଫ୍ରାନ୍ସ ଲିଗ୍ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଏହି ମ୍ୟାଚ୍‌ରେ ଏମ୍‌ବାପ୍ପେଙ୍କ ଗୋଲ ବଳରେ ତାଙ୍କ ଦଳ ପିଏସ୍‌ଜି ୪-୨ରେ ନିମେସ୍‌କୁ ପରାସ୍ତ କରିଥିଲା। ତେବେ ମ୍ୟାଚ୍ ଅବସରରେ ଏମ୍‌ବାପ୍ପେ ପ୍ରତିପକ୍ଷ ଖେଳାଳି ତେଜି ସଭନିଅରଙ୍କୁ ଫାଉଲ୍ ମାରି ପଡ଼ିଆ ଛାଡ଼ିଥିଲେ। ବାସନ୍ଦାଦେଶ ଫଳରେ ଏମ୍‌ବାପ୍ପେ ସେଣ୍ଟ-ଏଟିଏନେ (ସେପ୍ଟେମ୍ବର ୧୪), ରେନ୍ନେସ (ସେପ୍ଟେମ୍ବର ୨୩) ଓ ଏହାର ୩ ଦିନପରେ ରେଇମ୍ସ ଦଳ ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି।

# ସାନ୍ତ୍ୱନାମୂଳକ ବିଜୟ ଲକ୍ଷ୍ୟରେ ଭାରତ

ଲଣ୍ଡନ, ୬ା୯(ପି.ଟି.)

ସିରିଜ ହାତଛଡ଼ା କରିସାରିଥିବା ଭାରତ ଶୁକ୍ରବାର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ଘରୋଇ ଇଂଲଣ୍ଡକୁ ଭେଟିବାକୁ ଯାଉଛି। ବିଭିନ୍ନ ଦୃଷ୍ଟିକୋଣରୁ ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ର ଗୁରୁତ୍ୱ ବଢିଯାଇଛି। ଇଂଲଣ୍ଡର ଅଭିଜ୍ଞ ଓପନର ଆଲିଷ୍ଟର କୁକ୍ ଅବସର ଘୋଷଣା କରିସାରିଥିବାରୁ ତାଙ୍କ ପାଇଁ ଏହା ଫେୟାରୱେଲ ଟେଷ୍ଟ ବା ବିଦାୟୀ ମ୍ୟାଚ ସାବ୍ୟସ୍ତ ହୋଇଛି। ଅନ୍ୟ ପଟେ ୩-୧ରେ

**କୁକ୍‌ଙ୍କ ବିଦାୟୀ ଟେଷ୍ଟ**

ପଛରେ ରହି ସିରିଜ ହାରିସାରିଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଏହି ମ୍ୟାଚ୍ ଜିତି ସାନ୍ତ୍ୱନାମୂଳକ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ୧-୪ ବ୍ୟବଧାନରେ ହାରିବା ଅପେକ୍ଷା ୨-୩ ବ୍ୟବଧାନରେ ସିରିଜ ହାରିବା ନିଶ୍ଚିତ ଭାବେ ଆଖିକୁ ଭଲ ଦେଖାଯିବ।

ଭାରତୀୟ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଭାରତକୁ ଗତ ୧୫ ବର୍ଷ ମଧ୍ୟରେ ଶ୍ରେଷ୍ଠ ଭ୍ରମଣକାରୀ ଦଳ ବୋଲି ଆଖ୍ୟା ଦେଇଛନ୍ତି ଓ ଦଳର ମନୋବଳ ଉଚ୍ଚ ରଖିବାକୁ ପ୍ରୟାସ କରିଛନ୍ତି। ଯଦିଓ ତାଙ୍କର ଏହି ମତ ତଥ୍ୟ ଭିତ୍ତିକ ନୁହଁ। ୨୦୦୨ରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତ ଇଂଲଣ୍ଡ ଗସ୍ତରେ ଆସି ସିରିଜ ଅମୀମାଂସିତ ରଖିଥିଲା। ସେହିପରି ଗାଙ୍ଗୁଲିଙ୍କ ଏହି ଭାରତୀୟ ଦଳ ୨୦୦୩-୦୪ରେ ଅଷ୍ଟ୍ରେଲିଆ ଗସ୍ତରେ ମଧ୍ୟ ସିରିଜ ଡ୍ର ରଖିଥିଲା ଓ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ଗୋଟିଏ ଟେଷ୍ଟ ଜିତିଥିଲା। ପୁଣି ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତ ପାକିସ୍ତାନ ଗସ୍ତ କରି ଏକ ସିରିଜ ଜିତିଥିଲା।

ପୁଣି ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ଭାରତ ୨୦୦୬ରେ ୱେଷ୍ଟଇଣ୍ଡିଜ୍‌ରେ ଓ ୨୦୦୭ରେ ଇଂଲଣ୍ଡରେ ସିରିଜ ଜିତିଥିଲା ଓ ଦକ୍ଷିଣ ଆଫ୍ରିକାରେ ଗୋଟିଏ ଟେଷ୍ଟ ମଧ୍ୟ ଜିତିଥିଲା। ସେହିପରି ଅନିଲ କୁମ୍ବଲେଙ୍କ ନେତୃତ୍ୱରେ ଭାରତ ପର୍ଥର ବାଉନ୍ସି ଉଇକେଟରେ ଅନୁଷ୍ଠିତ ଟେଷ୍ଟରେ ବାଜି ମାରିଥିଲା। ସେହିପରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରି ଟେଷ୍ଟ ସିରିଜ ଜିତିଥିଲା ଓ ଦକ୍ଷିଣ ଆଫ୍ରିକା ଗସ୍ତ କରି ପ୍ରଥମଥର ପାଇଁ ଟେଷ୍ଟ ସିରିଜ ଡ୍ର ରଖିଥିଲା।

ପ୍ରଥମେ ଦକ୍ଷିଣ ଆଫ୍ରିକା ଓ ପରେ ଇଂଲଣ୍ଡ ଗସ୍ତରେ ପଛକୁ ପଛ ଦୁଇଟି ସିରିଜ ହାତଛଡ଼ା କରିସାରିବା ପରେ ବିଶ୍ୱ ୧ ନମ୍ବର ଟେଷ୍ଟ ଦଳ ଭାରତର ପ୍ରଦର୍ଶନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇଟି ସିରିଜର ପରାଜୟ ସତ୍ତ୍ୱେ ଅବଶ୍ୟ ଭାରତ ତା'ର ୧ ନମ୍ବର ସ୍ଥାନ ବଜାୟ ରଖିଛି।

ଅନ୍ତିମ ଟେଷ୍ଟରେ ଭାରତର ଅନ୍ତିମ ଏକାଦଶ କିଭଳି ହେବ ତାହା ଫୋକସ୍‌ରେ ରହିଛି। ଶ୍ରେଷ୍ଠ ଦଳ ନେଇ ଭାରତ ପଡିଆକୁ ଓହ୍ଲାଇବ। ତେବେ ଏହି ଦଳରେ କେତୋଟି ପରିବର୍ତ୍ତନ ହେବ ଓ ପରୀକ୍ଷା ନିରୀକ୍ଷା ହେବା ଆଶା କରାଯାଉଛି। ୧୮ ବର୍ଷୀୟ ଓପନର ପୃଥ୍ୱୀ ଶ'ଙ୍କୁ ଦଳରେ ସାମିଲ କରାଯିବା ନେଇ ଚର୍ଚ୍ଚା ହେଉଛି। ନୂଆ ପିଢ଼ିର ଓପନରଙ୍କ ଉପରେ ଚୟନକର୍ତ୍ତାଙ୍କ ଏବେ ନଜର ରହିଛି। ଦୁର୍ବଳ ଫର୍ମ କାରଣରୁ ମୁରଲୀ ବିଜୟ ଦଳରୁ ବାଦ ପଡିସାରିଛନ୍ତି। ଡିସେମ୍ବରରେ ଅଷ୍ଟ୍ରେଲିଆ ଗସ୍ତ ରହିଥିବାରୁ ଚୟନକର୍ତ୍ତାମାନେ ଯୁବ ତଥା ଦକ୍ଷ ଖେଳାଳିଙ୍କ ଉପରେ ନଜର ରଖିଛନ୍ତି। ପୃଥ୍ୱୀ ସଫଳ ହେଲେ ଭଲ। ପୁଣି ଯଦି ବିଫଳ ହୁଅନ୍ତି ତେବେ ମଧ୍ୟ ତାଙ୍କ ପାଇଁ ଆଗକୁ ସୁଯୋଗ ରହିବ। ତେବେ ଏବେକାର ଓପନିଂ ଯୋଡି ଶିଖର ଧାୱନ ଓ ଲୋକେଶ ରାହୁଲଙ୍କୁ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପର୍ଯ୍ୟନ୍ତ ଭାରତ ବଜାୟ ରଖିବା ଉଚିତ୍ ବୋଲି କେତେକେ ମତ ଦେଇଛନ୍ତି। ତେଣୁ ଏହି ଯୋଡିକୁ ଶେଷ ସୁଯୋଗ ଉପରେ କେତେକେ ପ୍ରାଧାନ୍ୟ ଦେଇଛନ୍ତି। ଆଗାମୀ ଘରୋଇ ସେସନ ପର୍ଯ୍ୟନ୍ତ ପୃଥ୍ୱୀଙ୍କୁ ଅପେକ୍ଷା କରିବାକୁ ପଡିବ ବୋଲି ମଧ୍ୟ କୁହାଯାଇଛି। ଲୋୟର ମିଡିଲ ଅର୍ଡରରେ ଭାରତ ପରିବର୍ତ୍ତନ କରିବା ଆଶା କରାଯାଉଛି। ହାର୍ଦ୍ଦିକ ପାଣ୍ଡ୍ୟ ବ୍ୟାଟିଂରେ ବିଫଳ ହେବା କାରଣରୁ ହନୁମା ବିହାରୀଙ୍କୁ ସୁଯୋଗ ଦିଆଯିବା ମନେହୁଏ। ହନୁମା ମଧ୍ୟ କାମଚଳା ସ୍ପିନ୍ ବୋଲିଂ କରିପାରନ୍ତି।

ପୁଣି ନେଟ୍ସରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ବୁଧବାର ବୋଲିଂ କରିନାହାନ୍ତି। ଫଳରେ ଏହି ଗସ୍ତରେ ରବୀନ୍ଦ୍ର ଜାଡେଜା ପ୍ରଥମଥର ପାଇଁ ଖେଳିବାର ସମ୍ଭାବନା ସୃଷ୍ଟି ହୋଇଛି। ପୁଣି ଆସନ୍ତା ସପ୍ତାହରେ ଏସିଆ କପ୍ ଆରମ୍ଭ ହେବାକୁ ଯାଉଥିବାରୁ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇପାରେ। ବୁମରା ଓ ଶାର୍ଦ୍ଦୁଳ ଠାକୁର ଭାରତୀୟ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଫଳରେ ଉମେଶ ଯାଦବ ପୁଣି ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଆଶା କରାଯାଉଛି।

ଅପରପକ୍ଷରେ କୁକ୍ ଅବସର ନେଉଥିବାରୁ ଏହି ଟେଷ୍ଟ ଇଂଲଣ୍ଡ ପାଇଁ ବେଶ୍ ଭାବପ୍ରବଣତା ସୃଷ୍ଟି କରିଛି। ବିଜୟ ହାସଲ କରି କୁକ୍‌ଙ୍କୁ ବିଦାୟୀ ଉପହାର ଦେବାକୁ ଇଂଲଣ୍ଡ ଦଳ ଚେଷ୍ଟା କରିବ। ଇଂଲଣ୍ଡ ଦଳରେ କୌଣସି ପରିବର୍ତ୍ତନ କରାଯାଇନାହିଁ। କ୍ରମାଗତ ବିଫଳତା ସତ୍ତ୍ୱେ ଜେନିଙ୍ଗ୍ସଙ୍କୁ ଦଳରେ ବଜାୟ ରଖାଯାଇଛି। ଦୁଇ ତାରକା ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡଙ୍କ ମଧ୍ୟରୁ ଜଣକୁ ବିଶ୍ରାମ ଦିଆଯାଇପାରେ। କ୍ରିସ ୱୋକ୍ସ ଫିଟ୍ ହୋଇସାରିଥିବାରୁ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ମନେହୁଏ। ଅନ୍ୟ ଗ୍ରାଉଣ୍ଡ ଭଳି ଓଭାଲର ଉଇକେଟରେ ମଧ୍ୟ ଘାସ ରହିଛି ଓ ଏହା ଭଲ ଟେଷ୍ଟ ଉଇକେଟ ବୋଲି ପ୍ରମାଣିତ ହେବା ଆଶା କରାଯାଉଛି।





ଅଭ୍ୟାସ ଅବସରରେ ରିଷଭ ପନ୍ତ (ବାମ) ଓ ବିରାଟ କୋହଲି।

| ଭାରତୀୟ ଦଳ | ଇଂଲଣ୍ଡ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଲୋକେଶ ରାହୁଲ, ଚେତେଶ୍ୱର ପୁଜାରା, ଅଜିଙ୍କ୍ୟ ରାହାନେ, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ, କରୁନ ନାୟାର, ହାର୍ଦ୍ଦିକ ପାଣ୍ଡ୍ୟା, ଆର. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ହନୁମା ବିହାରୀ, ଇଶାନ୍ତ ଶର୍ମା, ଉମେଶ ଯାଦବ, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସାମି ଓ ଯଶପ୍ରୀତ ବୁମରା। | ଜୋ ରୁଟ (ଅଧିନାୟକ), ଆଲିଷ୍ଟର କୁକ, କିଟନ ଜେନିଙ୍ଗ୍ସ, ଜନି ବେୟାରଷ୍ଟୋ, ଜୋସ ବଟଲର, ଅଲିଭର ପୋପ୍, ମୋଇନ ଅଲୀ, ଆଦିଲ ରସିଦ, ସାମ କୁରାନ, ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରଡ, କ୍ରିସ୍ ୱୋକ୍ସ ଓ ବେନ୍ ଷ୍ଟୋକ୍ସ। |

**ସ୍ଥାନ: ଓଭାଲ, ଲଣ୍ଡନ, ସମୟ: ଅପରାହ୍ଣ ୩.୩୦**

# ବିଶ୍ୱରେକର୍ଡ ସହ ସୌରଭଙ୍କୁ ସ୍ୱର୍ଣ୍ଣ

ଚାଙ୍ଗୱନ (ଦକ୍ଷିଣ କୋରିଆ), ୬ା୯ (ପି.ଟି.)

**ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍**

ଏସିଆନ ସ୍ୱର୍ଣ୍ଣ ପଦକ ବିଜେତା ଯୁବ ଭାରତୀୟ ଶୁଟର ସୌରଭ ଚୌଧାରୀ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ନିଜର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଜୁନିୟର ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସୌରଭ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି। ୧୬ ବର୍ଷୀୟ ମିରଟ ଶୁଟର ସୌରଭ ଗତ ମାସରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମଧ୍ୟ ସ୍ୱର୍ଣ୍ଣ ସଫଳତା ପାଇଥିଲେ। ଗୁରୁବାର ଅନୁଷ୍ଠିତ ଜୁନିୟର ୧୦ ମିଟର ଏୟାର ପିସ୍ତଲର ଯୋଗ୍ୟତା ପର୍ଯ୍ୟାୟରେ ସୌରଭ ୫୮୧ ସ୍କୋର କରିବା ସହ ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲରେ ସେ ୨୪୫.୫ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିବା ସହ ନିଜ ନାମରେ ଥିବା ପୂର୍ବ ରେକର୍ଡକୁ ଭାଙ୍ଗି ନୂତନ ବିଶ୍ୱରେକର୍ଡ ସ୍ଥାପନ କରିଛନ୍ତି। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଶୁଟର ଅର୍ଜ୍ଜୁନ ସିଂ ଚିମା ୨୧୮ ସ୍କୋର କରି ବ୍ରୋଞ୍ଜ ପଦକ ଜିତିଛନ୍ତି। କୋରିଆର ହୋଜିନ ଲିମ୍ (୨୪୩.୧) ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଏଥିପୂର୍ବରୁ ସୌରଭ ଜୁନରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଜୁନିୟର ବିଶ୍ୱକପ୍‌ର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପ୍ରଥମେ ବିଶ୍ୱରେକର୍ଡ କରିଥିଲେ। ଅପରପକ୍ଷରେ ଟିମ୍ ଇଭେଣ୍ଟରେ ସୌରଭ, ଅର୍ଜ୍ଜୁନ ଓ ଅନମୋଲଙ୍କୁ ନେଇ ଗଠିତ ଭାରତୀୟ ଦଳ ୧୭୩୦ ସ୍କୋର ସହ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଥିଲା। ୨୦୨୦ ଅଲିମ୍ପିକ୍ସ ପାଇଁ ଏହି ଚାମ୍ପିୟନଶିପ୍ ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ହୋଇଥିବାବେଳେ ଦୁଇ ଭାରତୀୟ ଶୁଟର ଅଞ୍ଜୁମ ମୌଦଗିଲ ଓ ଅପୂର୍ବୀ ଚାଣ୍ଡେଲା କେବଳ ଅଲିମ୍ପିକ୍ସକୁ ଟିକେଟ୍ ଅର୍ଜନ କରିବାରେ ସଫଳ ହୋଇଛନ୍ତି।



# ପୋଲିସ ହକିରେ ନିଶାନ ଅମ୍ପାୟର

ଭୁବନେଶ୍ୱର, ୬ା୯(କ୍ରୀଡ଼ା ପ୍ରତିନିଧି)

ପଞ୍ଜାବର ଜଲନ୍ଧରରେ ୬୭ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍ ଚଳିତ ମାସ ୧୪ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପଞ୍ଜାବ ପୋଲିସ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ପାଇଁ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତି ଅମ୍ପାୟର ନିଯୁକ୍ତ ହୋଇଛନ୍ତି। ନିକଟରେ ରାଞ୍ଚିରେ ଅନୁଷ୍ଠିତ ଜାତୀୟ ସିନିୟର ମହିଳା ହକି( ଏ ଓ ବି ଡିଭିଜନ), ଏବା ଭୋପାଳରେ ଅନୁଷ୍ଠିତ ଜାତୀୟ ଜୁନିୟର ହକି ଟୁର୍ନାମେଣ୍ଟରେ ନିଜର ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଥିବାରୁ ହକି ଇଣ୍ଡିଆ ନିଶାନଙ୍କ ଉପରେ ଆସ୍ଥା ରଖି ଆଉ ଏକ ଟୁର୍ନାମେଣ୍ଟ ପାଇଁ ଅମ୍ପାୟରଭାବେ ନିଯୁକ୍ତି ଦେଇଛି।



ନିଶାନ ଜ୍ୟୋତି ମହାନ୍ତି

ଏହା ପୂର୍ବରୁ ନିଶାନ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅମ୍ପାୟର ଓ ଜଜ୍ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ନିଶାନଙ୍କୁ ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶାର ସମ୍ଭାବ୍ୟ ଖେଳାଳି ତାଲିକା

କଟକ ଅଫିସ,୬ା୯

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖରୁ ବିଜୟ ହଜାରେ ଟ୍ରଫି ଆରମ୍ଭ ହେବ। ପ୍ରତିଯୋଗିତାରେ ଓଡ଼ିଶା ଏଲିଟ୍ ଗ୍ରୁପ-ବି'ରେ ଥିବାବେଳେ ୨୦ ତାରିଖରୁ ଅଭିଯାନ ଆରମ୍ଭ କରିବ। ଓଡ଼ିଶା ଏହାର ସମସ୍ତ ମ୍ୟାଚ୍ ଦିଲ୍ଲୀରେ ଖେଳିବ। ଏ ନେଇ ରାଜ୍ୟର ୨୦ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଗୁରୁବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଘୋଷଣା କରିଛି। ତେବେ କେତେକ

**ବିଜୟ ହଜାରେ ଟ୍ରଫି**

ସିନିୟର ଖେଳାଳିଙ୍କୁ ବାଦ୍ ଦିଆଯାଇ ନୂଆ ମୁହଁକୁ ସମ୍ଭାବ୍ୟ ତାଲିକାରେ ସାମିଲ କରାଯାଇଛି।

ଆସନ୍ତା ସିଜନ ନିମନ୍ତେ ରାଜ୍ୟ ସିନିୟର ଦଳର ପ୍ରସ୍ତୁତି ଓ ଚୟନ ଶିବିର ଜୋରଦାର ଭାବେ କଟକରେ ଜାରି ରହିଛି। ଶିବିରରୁ ବିଜୟ ହଜାରେ ଟ୍ରଫି ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ନିମନ୍ତେ ଯେଉଁ ୨୦ ଜଣିଆ ସମ୍ଭାବ୍ୟ ତାଲିକା ପ୍ରକାଶ ପାଇଛି ସେଥିରୁ ରାଜ୍ୟର ଅଭିଜ୍ଞ ତଥା ସିନିୟର ଖେଳାଳିମାନଙ୍କୁ ବାଦ ଦିଆଯାଇଛି। ବସନ୍ତ ମହାନ୍ତି, ଅରବିନ୍ଦ ସିଂ, ଜୟନ୍ତ ବେହେରା, ଆଲୋକ ମଙ୍ଗରାଜ, ଧୀରଜ ସିଂ, ଆଲୋକ ସାହୁଙ୍କ ଭଳି ପ୍ରମୁଖ ଖେଳାଳିଙ୍କୁ ତାଲିକାଭୁକ୍ତ କରାଯାଇ ନାହିଁ। ଅନ୍ୟପକ୍ଷରେ ନୂତନ ଖେଳାଳି ଭାବେ ପପୁ ରାୟ, ରଘୁନାଥ ମଲ୍ଲ, କ୍ରିଷ୍ଣା ପଲାଇ ଓ ଆଶୁତୋଷ ଦାସ ରହିଛନ୍ତି। ରାଜେଶ ମହାନ୍ତିଙ୍କୁ ଏହି ତାଲିକାରେ ରଖାଯାଇଥିବା ବେଳେ ସେ ୧୯ ବର୍ଷରୁ କମ୍ ଏସିଆ କପ୍ ଖେଳିବା ନିମନ୍ତେ ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ତାଙ୍କ ବଦଳରେ ଆଶୁତୋଷଙ୍କୁ ସ୍ଥାନ ମିଳିଥିଲା। ସିନିୟର ଖେଳାଳିମାନଙ୍କୁ ରଣଜୀ ସିଜନ ନିମନ୍ତେ ପ୍ରସ୍ତୁତ କରାଯାଉଥିବା ବେଳେ ଯୁବ ପ୍ରତିଭାମାନଙ୍କୁ ଏହି ଏକଦିବସୀୟ ଟୁର୍ନାମେଣ୍ଟ ନିମନ୍ତେ ସମ୍ଭାବ୍ୟ ତାଲିକାରେ ରଖାଯାଇଛି ବୋଲି ରାଜ୍ୟ ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି କହିଛନ୍ତି ।

**ସମ୍ଭାବ୍ୟ ଖେଳାଳି ତାଲିକା**

ଅନୁରାଗ ଷଡ଼ଙ୍ଗୀ, ରାଜେଶ ଧୂପର, ରଞ୍ଜିତ ସିଂ, ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ, ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ବେହେରା, ପ୍ରୀତ କନୱର ସିଂ ଚୌହ୍ୱାନ, ଦେବବ୍ରତ ପ୍ରଧାନ, ଅଭିଷେକ ରାଉତ, ସୁଜିତ ଲେଙ୍କା, ପପୁ ରାୟ, ଶାନ୍ତନୁ ମିଶ୍ର, ରଘୁନାଥ ମଲ୍ଲ, ଶୁଭମ ନାୟକ, କ୍ରୀଷ୍ଣା ପଲାଇ, ଆଶୁତୋଷ ଦାସ, ପି. ରୋଶନ କୁମାର ରାଓ, ପ୍ରୟାସ କୁମାର ସିଂ ।

**ଓଡ଼ିଶାର ମ୍ୟାଚ୍**

ସେପ୍ଟେମ୍ବର ୨୦– ବିପକ୍ଷ ଆନ୍ଧ୍ରପ୍ରଦେଶ
ସେପ୍ଟେମ୍ବର ୨୧– ବିପକ୍ଷ କେରଳ
ସେପ୍ଟେମ୍ବର ୨୩– ବିପକ୍ଷ ଉତ୍ତରପ୍ରଦେଶ
ସେପ୍ଟେମ୍ବର ୨୬– ବିପକ୍ଷ ଦିଲ୍ଲୀ
ସେପ୍ଟେମ୍ବର ୨୮– ବିପକ୍ଷ ମଧ୍ୟପ୍ରଦେଶ
ଅକ୍ଟୋବର ୨– ବିପକ୍ଷ ଛତିଶଗଡ଼
ଅକ୍ଟୋବର ୪– ବିପକ୍ଷ ସୌରାଷ୍ଟ୍ର
ଅକ୍ଟୋବର ୬– ବିପକ୍ଷ ହାଇଦ୍ରାବାଦ

# ସେମିରେ ଜୋକୋଭିଚ୍, ନିଶିକୋରି

ନ୍ୟୁୟର୍କ, ୬ା୯

ସର୍ବିୟା ଟେନିସ ତାରକା ନୋଭାକ ଜୋକୋଭିଚ୍ ଓ ଜାପାନର କେଇ ନିଶିକୋରି ଏଠାରେ ଚାଲିଥିବା ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ୟୁଏସ୍ ଓପନ୍‌ର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେହିଭଳି ମହିଳା ସିଙ୍ଗଲ୍ସରେ ନାଓମି ଓସାକା ୨୨ ବର୍ଷ ପରେ ଜାପାନର ପ୍ରଥମ ମହିଳା ଖେଳାଳିଭାବେ କୌଣସି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ଅନ୍ତିମ-୪ରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି।

ବୁଧବାର ରାତିରେ ଖେଳାଯାଇଥିବା

**ୟୁଏସ୍ ଓପନ୍**

ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲର ଏକ ମୁକାବିଲାରେ ୩୧ ବର୍ଷୀୟ ଜୋକୋଭିଚ୍ ୬-୩, ୬-୪, ୬-୪ ସିଧାସଳଖ ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ମିଲ୍‌ମ୍ୟାନଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ଟି ଜିତିବାକୁ ୬ଷ୍ଠ ସିଡ୍ ଜୋକୋଭିଚ୍‌ଙ୍କୁ ୨ ଘଣ୍ଟା ୪୯ ମିନିଟ୍ ସମୟ ଲାଗିଥିଲା। ପୂର୍ବରୁ ପ୍ରି-କ୍ୱାର୍ଟରର ଏକ ମୁକାବିଲାରେ ବିଶ୍ୱର ୫୫ ନମ୍ବର ମାନ୍ୟତା ମିଲ୍‌ମ୍ୟାନ ତାରକା ଖେଳାଳି ରୋଜର ଫେଡେରରଙ୍କୁ ହରାଇ ଏହି ସମ୍ମାନଜନକ ପ୍ରତିଯୋଗିତାରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। କିନ୍ତୁ ସେମିଫାଇନାଲରେ ଜୋକୋଭିଚ୍‌ଙ୍କ ବିପକ୍ଷରେ ସେ ସମ୍ପୂର୍ଣ୍ଣଭାବେ ଆତ୍ମସମର୍ପଣ କରିଥିଲେ। ଏହି ବିଜୟ ସହ ଜୋକୋଭିଚ୍ ୟୁଏସ୍ ଓପନ୍‌ରେ ଖେଳିଥିବା ସମସ୍ତ ୧୧ଟି କ୍ୱାର୍ଟରଫାଇନାଲ ମ୍ୟାଚ୍ ଜିତିଛନ୍ତି।

ସେମିଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ଜାପାନର ନିଶିକୋରିଙ୍କ ସହ ହେବ। ଯଦି ଜୋକୋଭିଚ୍ ଫାଇନାଲରେ ପ୍ରବେଶ କରନ୍ତି ତେବେ ସେ ରେକର୍ଡ ୫ମଥର ଲାଗି ୟୁଏସ୍ ଓପନ୍ ଫାଇନାଲ ଖେଳିବାରେ ପିଟ୍ ସାମ୍ପର୍ସ ଓ ଇଭାନ ଲେଣ୍ଡଲ୍ସଙ୍କ ସହ ସମକକ୍ଷ ହେବେ। ସେହିପରି ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ନିଶିକୋରୀ ୨-୬, ୬-୪, ୭-୬ (୭/୫), ୪-୬, ୬-୪ ସେଟ୍‌ରେ ୭ମ ସିଡ୍ କ୍ରୋଏସିଆର ମାରିନ ସିଲିକ୍‌ଙ୍କୁ ହରାଇଛନ୍ତି। ପାଞ୍ଚସେଟ୍ ବିଶିଷ୍ଟ ଏହି ସଂଘର୍ଷ ମ୍ୟାଚ୍‌ଟି ୪ ଘଣ୍ଟା ୮ ମିନିଟ୍ ଧରି ଖେଳାଯାଇଥିଲା।



କେଇ ନିଶିକୋରି

## ୨୨ ବର୍ଷ ପରେ ଓସାକା ପ୍ରଥମ ଜାପାନ ମହିଳା ଖେଳାଳି



ନାଓମି ଓସାକା

ଜାପାନର ନାଓମି ଓସାକା ଏଠାରେ ଚାଲିଥିବା ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। କ୍ୱାର୍ଟର ଫାଇନାଲର ଏକ ମୁକାବିଲାରେ ୨୦ ବର୍ଷୀୟା ଓସାକା ୬-୧, ୬-୧ ସିଧାସଳଖ ସେଟ୍‌ରେ ୟୁକ୍ରେନର ଲେସିଆ ସୁରେଙ୍କୋଙ୍କୁ ହରାଇ କ୍ୟାରିୟରର ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ଦୀର୍ଘ ୨୨ ବର୍ଷର ବ୍ୟବଧାନ ପରେ ପ୍ରଥମ ଜାପାନ ମହିଳା ଟେନିସ ଖେଳାଳିଭାବେ ଓସାକା କୌଣସି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଶେଷଥର ପାଇଁ ୧୯୯୬ରେ କିମିକୋ ଡେଟ୍ ୱିମ୍ବେଲଡନର ଅନ୍ତିମ-୪ରେ ପହଞ୍ଚିଥିଲେ। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଜାପାନର କେଇ ନିଶିକୋରୀ ସେମିଫାଇନାଲରେ ସ୍ଥାନ ହାସଲ କରିଛନ୍ତି। ଫଳରେ କୌଣସି ସମାନ ଗ୍ରାଣ୍ଡସ୍ଲାମର ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ଦୁଇ ଜାପାନ ପ୍ରତିଯୋଗୀ ଖେଳିବାରେ ଏହା ପ୍ରଥମ ଘଟଣା ହୋଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ଶୁକ୍ରବାର, ସେପ୍ଟେମ୍ବର ୭ /୨୦୧୮ Dhenkanal-Angul, Friday, September 7 / 2018

## ସଂକ୍ଷେପରେ

### ରେଙ୍ଗାଳି ଡ୍ୟାମ୍‌ରୁ ଜଳ ନିଷ୍କାସନ ବନ୍ଦ

କଣିହାଁ,୬।୯(ଡି.ଏନ.ଏ.)- କଣିହାଁ ବ୍ଲକସ୍ଥିତ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମରୁ ବନ୍ୟାଜଳ ନିଷ୍କାସନ ବନ୍ଦ ହୋଇଛି। ଗୁରୁବାର ସନ୍ଧ୍ୟାରେ ଡ୍ୟାମ୍‌ର ୨ୟ ଗେଟ୍ ବନ୍ଦ କରାଯାଇଛି। ଗତ ସୋମବାର ଓ ମଙ୍ଗଳବାର ଡ୍ୟାମ୍‌ର ୨ଟି ଗେଟ୍ ଖୋଲାଯାଇଥିଲା। ସେଥିମଧ୍ୟରୁ ବୁଧବାର ଗୋଟିଏ ଗେଟ ବନ୍ଦ କରାଯାଇଥିଲା। ଡ୍ୟାମ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଅଜିତ୍ ଜେନା କହିଛନ୍ତି, ବ୍ରାହ୍ମଣୀ ନଦୀର ତଳ ମୁଣ୍ଡରେ ଲଘୁଚାପ ବର୍ଷାକୁ ନେଇ ଗେଟ ବନ୍ଦ କରାଯାଇଛି। ଆଗକୁ ଜଳ ନିଷ୍କାସନ କରାଯାଇପାରେ। ଡ୍ୟାମର ଜଳ ଧାରଣା କ୍ଷମତା ୧୨୩.୫୦ ମିଟର ରହିଛି। ଉପରମୁଣ୍ଡରୁ ସେକେଣ୍ଡ ପ୍ରତି ୧୮୪୮ ଘନ ମିଟର ଜଳ ପ୍ରବେଶ କରୁଛି। ପାୱାର ହାଉସରୁ ୭୧୫ ଘନ ମିଟର ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ନିଷ୍କାସନ ହେଉଛି। ଜଳସ୍ତର ବୃଦ୍ଧି ପାଉଥିବାବେଳେ ଡ୍ୟାମ୍‌ର ଜଳସ୍ତର ୧୨୨.୨୬ ମିଟର ରହିଛି।

### ପୂର୍ବତନ ଗ୍ରାମ ସଭାପତିଙ୍କ ପରଲୋକ

ଛେଣ୍ଡିପଦା, ୬।୯(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତ ପୁରୁଣାଗଡ ଗ୍ରାମର ପୂର୍ବତନ ଗ୍ରାମ ସଭାପତି, ହାଇସ୍କୁଲ ପରିଚାଳନା କମିଟିର ସଭାପତି ତଥା ଅବସରପ୍ରାପ୍ତ ଜଳସେଚନ ବିଭାଗ କର୍ମଚାରୀ ମହେଶ୍ୱର ସାହୁ(୭୧)ଙ୍କ ଗୁରୁବାର ପରଲୋକ ଘଟିଛି। ସେ ଜଣେ ସାମାଜିକକର୍ମୀ ଭାବେ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘ ଦିନ ଧରି କିଡ୍‌ନୀ, ପକ୍ଷାଘାତ ଏବଂ ଶ୍ୱାସ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକାକୁଳ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

# ଜିଲୁର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କଲେ ବିଡିଓ

ତାଳଚେର,୬।୯ (ନି.ପ୍ର.)-

ଅଢ଼େଇ ବର୍ଷ ତଳେ ଭାଙ୍ଗି ଯାଇଥିବା ହାତ ଓ ଅଣ୍ଟା ତଳକୁ ହୋଇଥିବା ଗର୍ତ୍ତ ଯୋଗୁ ଯନ୍ତ୍ରଣାରେ ଅଥୟ ହୋଇପଡୁଥିବା ୧୧ ବର୍ଷୀୟ ଜିଲୁର କରାଯିବ ଚିକିତ୍ସା। କଣିହାଁ ବିଡିଓ ରମେଶ ଚନ୍ଦ୍ର ଜେନା ସହକର୍ମୀମାନଙ୍କ ସହ ଗୁରୁବାର ସମଲ ବିଲିଣ୍ଡା ଗ୍ରାମର ସ୍ୱର୍ଗତ ବାବୁଲା ଗୋଛାୟତଙ୍କ ଘରେ ପହଞ୍ଚି ତାଙ୍କ ପୁଅ ଜିଲୁର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିଲେ। ପରିବାର ଲୋକଙ୍କ ସହ ଆଲୋଚନା ବେଳେ ଶୁକ୍ରବାର ବ୍ଲକ ପ୍ରଶାସନ ପକ୍ଷରୁ ଜିଲୁର ପ୍ରାଥମିକ ଚିକିତ୍ସା କରାଯିବ ଓ ୨୦ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଜିଲାପାଳଙ୍କ ସହିତ କଥାବାର୍ତ୍ତା ପରେ ଜିଲୁର ଚିକିତ୍ସା କଟକ ଏସ୍‌ସିବିରେ କରାଯିବାର ବ୍ୟବସ୍ଥା ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଯୋଗ୍ୟ ଯେ, ମାତା ପିତାଙ୍କ ମୃତ୍ୟୁ ପରେ ମାଉସୀ ସରୋଜିନୀଙ୍କ ନିକଟରେ ରହୁଥିବା ଜିଲୁର ଚିକିତ୍ସା ଅର୍ଥାଭାବରୁ କରାଯାଇ ପାରି ନ ଥିଲା। ହାତ ଭାଙ୍ଗିବାର ବର୍ଷକ ପରେ ଦିନ ମଜୁରିଆ ସରୋଜିନୀ ପୁତୁରାକୁ ଧରି ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ଯାଇଥିଲେ। ହାତ ନଷ୍ଟ ହୋଇଯିବା ଅବସ୍ଥାରେ ଥିବାରୁ ତାହାକୁ କଟାଯିବ ବୋଲି ଡାକ୍ତର କହିବା ପରେ ଅଭାବୀ ସରୋଜିନୀ ଫେରିଆସିଥିଲେ। ସେବେଠାରୁ ଭଙ୍ଗାହାତର ଯନ୍ତ୍ରଣା ଭୋଗୁଥିବା ଜିଲୁ ପରେ ଆଉ ଏକ ରୋଗର ଶିକାର ହୋଇଥିଲା। ଅଣ୍ଟା ତଳକୁ ହୋଇଥିବା ଏକ ଗର୍ତ୍ତ ଏତେ କଷ୍ଟ ଦେଉଥିଲା ଯେ ସେ ଶୋଇପାରୁ ନ ଥିଲା କି ବସିପାରୁ ନ ଥିଲା। ଏ ସମ୍ପର୍କରେ ଗତ ୫ ତାରିଖ 'ଧରିତ୍ରୀ'ରେ 'ବଢୁଛି ରୋଗ ଯନ୍ତ୍ରଣା: ବସିପାରୁନି, ଶୋଇପାରୁନି ଜିଲୁ' ଶୀର୍ଷକ ଖବର ପ୍ରକାଶ ପରେ କଣିହାଁ ବିଡିଓ ଗୁରୁବାର ଉକ୍ତ ଗାଁକୁ ଯାଇ ଜିଲୁର ଚିକିତ୍ସା ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

**ଏସ୍‌ସିବିରେ ଚିକିତ୍ସା ପାଇଁ ପ୍ରତିଶ୍ରୁତି**



ଜିଲୁର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଛନ୍ତି ବିଡିଓ।

- **ଶୁକ୍ରବାର କରାଯିବ ପ୍ରାଥମିକ ଚିକିତ୍ସା**
- **ଦିଆଯିବ ୨୦ ହଜାର ଟଙ୍କାର ସହାୟତା**
- **ଜିଲାପାଳଙ୍କ ସହ ଆଲୋଚନା ପରେ ପଠାଯିବ କଟକ**

# ବନ୍ଧୁକ ଦେଖାଇ ୧ ଲକ୍ଷ ୬୦ ହଜାର ଲୁଟ୍

ତାଳଚେର,୬।୯(ନି.ପ୍ର.)-

ତାଳଚେର ବ୍ଲକ କାକୁଡି ବାଲିଲାଇନ ନିକଟରେ ଗୁରୁବାର ୨ ଜଣ ଦୁର୍ବୃତ୍ତ ଏଲ୍ଏନ୍‌ଟି କମ୍ପାନୀର ଜଣେ ଏଜେଣ୍ଟଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ୧ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଏଲ୍ଏନ୍‌ଟି କମ୍ପାନୀର କଲେକ୍ସନ ଏଜେଣ୍ଟ ସୁଶାନ୍ତ କୁମାର ନାୟକ କର୍ଙ୍କିଳି ଗ୍ରାମରୁ ଟଙ୍କା ସଂଗ୍ରହ କରି ବାଇକ୍‌ରେ ତାଳଚେର ଫେରୁଥିଲେ। ଏହି ସମୟରେ କାକୁଡି ବାଲିଲାଇନ ନିକଟରେ ୨ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଭୟଭୀତ କରିବା ସହ ଟଙ୍କା ବ୍ୟାଗ ଛଡ଼ାଇ ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି।

### ୮ ଶହ ଗୋରୁଙ୍କ ଟିକାକରଣ

ଛେଣ୍ଡିପଦା, ୬।୯(ସ୍ୱ.ପ୍ର.)

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳ ଅନ୍ତର୍ଗତ ରାଇଝରଣଠାରେ ଗତ ୪ ତାରିଖରୁ ଚାଲିଥିବା ଗୋ ମହିଷାଦି ଟିକାକରଣ ଓ ପ୍ରାଣୀଧନ ଚିକିତ୍ସା ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ଛେଣ୍ଡିପଦା ପ୍ରାଣୀଧନ ଚିକିତ୍ସକ ବିକାଶ ବେହେରା ଓ ଛେଣ୍ଡିପଦା ବନବିଭାଗ ଫରେଷ୍ଟର ମକାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ୮୧୭ଟି ଗୋମହିଷାଦିଙ୍କ ଚିକିତ୍ସା କରାଯାଇ କୃମି ନାଶକ ଓ ଭିଟାମିନ ଔଷଧ ବିତରଣ କରାଯାଇଥିଲା। ସେଥିରୁ ୮ ଶହ ଗୋରୁଙ୍କ ଫାଟୁଆ ଟିକାକରଣ କରାଯାଇଥିଲା। ଶିବିରରେ ପ୍ରାଣୀଧନ ଓ ବନବିଭାଗ କର୍ମଚାରୀ ମାନେ ସହଯୋଗ କରିଥିଲେ।




# ଚୌରାଶୀ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

ମାଧପୁର, ୬।୯-

ଚୌରାଶୀ ଗଜଲକ୍ଷ୍ମୀ ପୂଜା ପାଇଁ ଆଠମଲ୍ଲିକ ବ୍ଲକ ମାଧପୁର ହାଟ ପଡିଆଠାରେ ଚୌରାଶୀ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ବୁଧବାର ବସିଥିଲା। ରାମ ରତନ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗତବର୍ଷ ପୂଜାର ବିବରଣୀ ପାଠ କରାଯାଇଥିଲା। ପରେ ଚଳିତ ବର୍ଷ ପାଇଁ ଏକ ୧୧ ଜଣିଆ କମିଟି ଗଠନ କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରାମଚନ୍ଦ୍ର ମହାକୁଡ, ଉପସଭାପତି ଭାବେ ଜ୍ଞାନରଞ୍ଜନ ପ୍ରଧାନ, ସମ୍ପାଦକ ଦୁଃଶାସନ ମେଣ୍ଡୁଲି, ସହସମ୍ପାଦକ ଉପେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଭାବେ ଅନନ୍ତ ଚରଣ ମେହେରଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଚଳିତ ବର୍ଷ ଧୁମ୍‌ଧାମରେ ପୂଜା ପାଳନ ସହ ଲକ୍ଷ୍ମୀଙ୍କ ଏକ ସ୍ଥାୟୀ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ